# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୬/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 6/2025 Page 16 ₹ 7.00 | DHENKANAL

୫୧ଶ ଭାଗ ୨୨୧ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 221 ମୂଲ୍ୟ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ରବିବାର, ଜୁଲାଇ ୬/୨୦୨୫ | Bhubaneswar, Sunday, July 6/2025




**ଗିଲ୍‌ଙ୍କ ଶତକ**
ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଶୁବମନ ଗିଲ୍।
୧୪

୦୫
**ସେନା ଅଧିକାରୀ ଭୂମିକାରେ ସଲ୍‌ମାନ**
ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ୱାର୍ ଡ୍ରାମା ଫିଲ୍ମ 'ବ୍ୟାଟଲ ଅଫ୍ ଗଲ୍‌ୱାନ'ରେ ସଲ୍‌ମାନ ଖାନ୍‌ଙ୍କୁ ସେନା ଅଧିକାରୀ ଭୂମିକାରେ ଦେଖିବାକୁ ମିଳିବ।



# ହିନ୍ଦୀକୁ ବିରୋଧ ଠାକ୍‌ରେ ଭ୍ରାତା ଏକାଠି

ମୁମ୍ବାଇ,୫।୭(ପି.ଟି./ଏଜେନ୍ସି)

୨୦୦୩ରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେ ପୁଅ ଉଦ୍ଧବ ଠାକ୍‌ରେଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଘୋଷଣା କରିବା ସହ ରାଜନୈତିକ ଉତ୍ତରାଧିକାରୀ ହେବା ପଥ ସୁଗମ କରିଥିଲେ। ବାଲ୍ ଠାକ୍‌ରେଙ୍କ ପୁତୁରା ରାଜ୍ ଠାକ୍‌ରେ ଏଥିରେ କ୍ଷୁବ୍ଧହୋଇ ୨୦୦୬ରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ନାମରେ ପୃଥକ୍ ରାଜନୈତିକ ଦଳ ଗଢ଼ିଥିଲେ। ଉଦ୍ଧବ ଓ ରାଜ୍‌ଙ୍କୁ ୨୦୦୫ରେ ଶେଷ ଥର ପାଇଁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଦୁଇ ଦଶନ୍ଧିର ରାଜନୈତିକ ବିଚ୍ଛେଦ ପରେ ମହାରାଷ୍ଟ୍ରରେ ହିନ୍ଦୀ ବିରୋଧୀ ବିଚାରଧାରା ଦୁଇଭାଇଙ୍କୁ ଏବେ ପୁଣି ଏକାଠି କରିଛି। କ୍ଷମତାସୀନ ମହାୟୁତି ସରକାର ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦) ଅଧୀନ ତିନିଭାଷା ସୂତ୍ର ବଳରେ ପ୍ରାଥମିକ ସ୍କୁଲଗୁଡ଼ିକରେ ହିନ୍ଦୀ ଭାଷାର ପ୍ରଚଳନକୁ ବାଧ୍ୟତାମୂଳକ କରିଥିଲେ। କିନ୍ତୁ ହିନ୍ଦୀ ଭାଷାକୁ ମରାଠୀଙ୍କ ଉପରେ ଜବରଦସ୍ତ ଲଦି ଦିଆଯିବାକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ଜୋର୍‌ଦାର ବିରୋଧ କରାଯିବାରୁ ଜୁନ୍

**୨୦ ବର୍ଷ ପରେ ଗୋଟିଏ ମଞ୍ଚରେ**

୨୯ରେ ରାଜ୍ୟ ସରକାର ବାଧ୍ୟହୋଇ ନିଜ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିନେଲେ। ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଏବଂ ଏମ୍‌ଏନ୍‌ଏସ୍ ସୁପ୍ରିମୋ ରାଜ୍ ଏହାକୁ 'ମରାଠୀଙ୍କ ବିଜୟ' ବୋଲି ଅଭିହିତ କରି ଶନିବାର ମୁମ୍ବାଇର ୱର୍ଲିରେ 'ଭିକ୍ଟ୍ରି ରାଲି' କରିଛନ୍ତି। ଉଦ୍ଧବଙ୍କ ସହ ମଞ୍ଚାସୀନ ରାଜ୍ କହିଛନ୍ତି, ଯାହା ବାଲ୍ ଠାକ୍‌ରେ କରିପାରି ନ ଥିଲେ, ତାହା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଉଦ୍ଧବ ମଧ୍ୟ 'ଆମେ ଏକାଠି ହୋଇଛୁ, ଏକାଠି ରହିବୁ' କହି ଆଗକୁ ହେବାକୁ ଥିବା ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ଅନ୍ୟ ପୌରପାଳିକା ନିର୍ବାଚନ ମିଳିତ ଭାବେ ଲଢ଼ିବା ପାଇଁ ସଙ୍କେତ ଦେଇଛନ୍ତି। ସଦ୍ୟ ଘଟଣାକ୍ରମ ଆଗାମୀ ଦିନରେ ମହାରାଷ୍ଟ୍ର ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି ଚର୍ଚ୍ଚା ହେଉଛି।

(ଅଧିକ ରିପୋର୍ଟ: ଜାତୀୟ/ ଅନ୍ତର୍ଜାତୀୟ ପୃଷ୍ଠା)



ଶ୍ରୀମସ୍ତକରେ ଟାହିଆ ସୁଶୋଭିତ, ଘଣ୍ଟ, କାହାଳି ତାଳେ ତାଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାବବିହ୍ୱଳ ପରିବେଶରେ ଧାଡ଼ି ପହଣ୍ଡିରେ ନନ୍ଦିଘୋଷ ରଥକୁ ବିଜେ ହେଉଛନ୍ତି।

# ଜନ୍ମବେଦିରୁ ବାହୁଡ଼ିଲେ ମହାପ୍ରଭୁ

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

**ଆଜି ସୁନାବେଶରେ ଝଲସିବେ ଦାରୁଦିଅଁ**

ପବିତ୍ର ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥି ଅବସରରେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ମହାପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଜନ୍ମବେଦି ଆଡ଼ପ ମଣ୍ଡପ ଛାଡ଼ି କର୍ମବେଦି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନି ରଥ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତିକାନ୍ତିର ଯଥେଷ୍ଟ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟ ଘଣ୍ଟା, ନୃତ୍ୟ ସଙ୍ଗୀତ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ପ୍ରଥମେ ବଳଭଦ୍ରଙ୍କ ରଥ ସନ୍ଧ୍ୟା ୭ଟା ୫ରେ ଶ୍ରୀମନ୍ଦିର ସମ୍ମୁଖରେ ଲାଗିଥିବାବେଳେ ପରେ ମା' ସୁଭଦ୍ରା ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ପହଞ୍ଚିଥିଲା। ରବିବାର ମହାପ୍ରଭୁ ରଥ ଉପରେ ସୁନାବେଶରେ ଦର୍ଶନ

☞ପୃଷ୍ଠା-୨

# ୯ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୫।୭ (ଅନୁରାଧା ମହାରଣା)

**ପେନ୍‌ସନ, ପଦବୀ ପୂରଣ ଦାବି**

ଆସନ୍ତା ୯ ତାରିଖରେ ସର୍ବଭାରତୀୟ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଘ ଏଆଇବିଇଏ, ବିଇଏଫ୍‌ଆଇ ଏବଂ ଏଆଇବିଓଏ ପକ୍ଷରୁ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ଶତାଧିକ କ୍ଷେତ୍ରୀୟ ଫେଡେରେଶନଙ୍କ ମିଳିତ ମଞ୍ଚର ଜାତୀୟ କନ୍‌ଭେନ୍‌ଶନରେ ଏହି ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ କଳା ୪ ଶ୍ରମକୋଡ୍‌ର ବାତିଲ, ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ସମସ୍ତଙ୍କୁ ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ଦେବା, ଆଉଟ୍‌ସୋର୍ସିଂ ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାମକୁ ସମାନ ଦରମା, ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଖାଲିଥିବା ପଦବୀ ପୂରଣ, ସର୍ବନିମ୍ନ ମାସିକ ମଜୁରି ୨୬ ହଜାର ଟଙ୍କା ଦେବା, ପୁରୁଣା ପେନ୍‌ସନ ସ୍କିମ୍‌ର ପୁନଃ ପ୍ରଚଳନ ଆଦି ୧୭ ଦଫା ଦାବି କରାଯାଇଛି। ଏଥିସହ ବ୍ୟାଙ୍କର ସାଧାରଣ ଗ୍ରାହକଙ୍କ ଉପରୁ ସେବାକର ପ୍ରତ୍ୟାହାର, କର୍ପୋରେଟ୍‌ଙ୍କ ଖିଲାପୀ ଋଣର ଅସୁଲ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ବୀମା ପଲିସି ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଆଦି ଦାବିରେ ଏହି ଧର୍ମଘଟ ଆହ୍ୱାନ ଦିଆଯାଇଛି। ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଗଠନ

☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଏକାତ୍ମ ମାନବବାଦରେ ବିଶ୍ୱାସ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: କମର୍ସ ମେରିଟ୍ ଏକାଡେମୀ, ସତ୍ୟନଗର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅତିବଡ଼ୀ ଜଗନ୍ନାଥ ଦାସ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସମ୍ମିଳନୀ କକ୍ଷ ସଂସ୍କୃତି ଭବନ, କଳ୍ପନା ଛକ ନିକଟ ବିଜେବି ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବର୍ତ୍ତନା, ଖଇରା, ସମୟ: ସକାଳ ୮ଟା।
- ସୁନାବେଶ ଦର୍ଶନ, ସ୍ଥାନ: ଇମାମୀ ମନ୍ଦିର, ରେମୁଣା, ସମୟ: ସକାଳ ୮ଟା ୩୦।
- ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହରିଶୟନ ଏକାଦଶୀ (ବଡ଼), ରାଜାରାଜେଶ୍ୱର ବେଶ, ରଥଟଣା, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ଅପରାହ୍ନ ୩ଟା।
- ହରିଶୟନ ନୀତି, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ରାତି ୧୦ଟା ୩୦।

## ଭଦ୍ରକ

- ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ଭଦ୍ରକ କଲେଜର ୭୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷାବିତ୍ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧ ସମାରୋହ, ସ୍ଥାନ: ଆମ ପାଠାଗାର ପରିସର, ଧାମନଗର ହାଇସ୍କୁଲ, ସମୟ: ଅପରାହ୍ନ ୪ଟା।
- ହଜରତ ଇମାମ ହୋସେନଙ୍କ ଜନ୍ମଦିନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ମଦିନା ମଇଦାନ, ନଙ୍ଗାମହଲା, ଭଦ୍ରକ, ସମୟ: ରାତି ୧୦ଟା।

## କେନ୍ଦୁଝର

- ରାଜନଗର ଦଧିବାମନ ଜୀଉଙ୍କ ସୁନାବେଶ, ସ୍ଥାନ: ରାଜନଗର ସିଂହ ଦ୍ୱାର, ପାଟଣା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଅଭିଭାବକ ବୈଠକ, ସ୍ଥାନ: ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ସାହି, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଟଣା, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ଆର୍ଯ୍ୟଭଟ୍ଟ ପକ୍ଷରୁ ପ୍ରେରଣା କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ଅପରାହ୍ନ ୪.୩୦।

## ଗଞ୍ଜାମ

- ଏକାଦଶୀ ଉପଲକ୍ଷେ ମଞ୍ଚସ୍ଥ ହେବ ନାଟକ'ସତୀ ଲୁହରେ ଜଳୁଛି ଲଙ୍କା', ସ୍ଥାନ: ବୁଗୁଡା ବଡଦାଣ୍ଡ , ସମୟ: ସନ୍ଧ୍ୟା ୬ ଟା ୫ ।

## ଜଗତ୍‌ସିଂହପୁର

- ବଟଶ୍ରୀ ଚ୍ୟାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ତିର୍ତ୍ତୋଲ ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଭଜନସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସ୍ୱାଧୀନତା ସଂଗ୍ରାମୀ ବାଉରୀବନ୍ଧୁ ମହାନ୍ତିଙ୍କ ସ୍ମୃତି ସମାରୋହ, ସ୍ଥାନ: ଅନ୍ଧୁଲି ମଠ, ମହାକାଳପଡା, ସମୟ: ସକାଳ ୯ଟା।

## ଯାଜପୁର

- ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଠାକୁରଙ୍କ ସୁନାବେଶ ଓ ପୂଜ୍ୟପୂଜା ସମ୍ବର୍ଦ୍ଧନା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ବଡ ଏକାଦଶୀରେ ତିନି ଠାକୁରଙ୍କ ସୁନାବେଶ , ସ୍ଥାନ:ନୟାଗଡ ପୁରୁଣା ସହର ବଡଦାଣ୍ଡ ; ଗୋଡିପଡା ; ଖଣ୍ଡପଡା ବଡଦାଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ହରିଶୟନ ଏକାଦଶୀ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବଡ ଏକାଦଶୀରେ ତିନି ଠାକୁରଙ୍କ ସୁନାବେଶ ଅବସରରେ ନାଟକ, ସ୍ଥାନ:ଓଡଗାଁ ବ୍ଲକ କୁରାଳ, ସମୟ: ରାତି ୧୦ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ଶ୍ରଦ୍ଧା ଶ୍ରୀକ୍ଷେତ୍ର, ରାୟଗଡା, ସମୟ: ସକାଳ ୬ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବେଲମଗୁଡା, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ପଡିଆ, ସମୟ: ସକାଳ ୫ଟା ୩୦।
- ହୀରାକୁଦ ବନ୍ଧରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ, ସ୍ଥାନ: ହୀରାକୁଦ ବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର

- ଯୁବୋଦୟ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଯୁବୋଦୟ କଲେଜ କ୍ୟାମ୍ପସ, ସକ୍ମା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ମାଲ୍ୟ କଣିକା ମହୋତ୍ସବ-୨୦୨୫, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଲୋଇସିଂହା, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ଅସ୍ତିତ୍ୱର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସେକ୍ଟର-୫ ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ବାସି ବାହୁଡା ଯାତ୍ରା, ସ୍ଥାନ: ଝିରପାଣି ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ରାଉରକେଲା କେନ୍ଦ୍ରୀୟ ମହରମ୍ କମିଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ପୁରୁଣା ଷ୍ଟେଶନ ରୋଡ୍, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ବୃକ୍ଷରୋପଣ, ପରିବେଶ ସଚେତନତା ଶିବିର,ସ୍ଥାନ: ବଗେଇବିରା, ବରଗଡ଼, ସମୟ:ସକାଳ ୭ଟା।

## କଳାହାଣ୍ଡି

- ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ଭବାନୀପାଟଣା ମୁଖ୍ୟ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସଚେତନତା ସଂଗ୍ରାମ ସମିତି ବୈଠକ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ, ସ୍ଥାନ: ଜଗନ୍ନାଥ ମନ୍ଦିର ରଥଖଳା, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଧାୟକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାହୁଡ଼ା ଯାତ୍ରା ପାଇଁ ଦେବଗଡ଼ରେ ରଥାରୂଢ ହେବେ ତିନିଠାକୁର, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ଅପରାହ୍ନ ୩ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ଗଡଭିତର ବଡ ଜଗନ୍ନାଥଙ୍କ ରଥଟଣା, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- ସୋନପୁର ଘୋଡାଘାଟପଡା ଦଧିବାବନ ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ସୋନପୁର ଥାନା ସମ୍ମୁଖ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ପ୍ରଭାବରୁ କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନ ଘଟିବ। ମନୋରଞ୍ଜନ ଉପକରଣ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ଗୃହ ମରାମତି, ଭୂମିକ୍ରୟ, ଯାନ୍ତ୍ରିକ ଜିନିଷ କ୍ରୟ ବିକ୍ରୟରେ କଳହ ଦେଖାଦେବ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ସମ୍ପର୍କୀୟଙ୍କ ସହଯୋଗ ପାଇ କାମ ସହଜରେ ସମ୍ପନ୍ନ କରିପାରିବେ। ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହେବା କାରଣରୁ କ୍ରୋଧାନ୍ୱିତ ହେବେ। ବାହାରକୁ ଯିବା ସମୟରେ ଦୂରାଗତ ବନ୍ଧୁଙ୍କ ସହ ଦେଖାହୋଇଯିବ। ଶାସ୍ତ୍ରାନୁଶୀଳନ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତି ଓ ଆନୁଷ୍ଠାନିକ କାମରୁ ସଫଳତା ମିଳିବ।

**ମିଥୁନ** ଗତକାଲିର କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି ବିତର୍କର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** କର୍ମକ୍ଷେତ୍ରରେ ସମୟାନୁବର୍ତ୍ତିତା ଏବଂ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ ହେବେ। ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଆଜିର ତୃତୀୟଚନ୍ଦ୍ର ପ୍ରଭାବରେ ଦ୍ୱନ୍ଦ୍ୱାତ୍ମକ ଖବର ମନକୁ ଅସ୍ଥିର କରିଦେବ। ଆତ୍ମୀୟ ସ୍ୱଜନ ପରୋକ୍ଷରେ ସମାଲୋଚନା କରିପାରନ୍ତି। ଅଭାବଜନିତ କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମନରେ ଉଦ୍‌ବେଗ ଭରି ରହିବ। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ସତର୍କ ନ ରହିଲେ ଜିନିଷ ହଜିଯିବା ସଙ୍ଗକୁ ସାଧାରଣ ଆଘାତ ଲାଗିପାରେ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କର ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ମଧ୍ୟରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହେବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କାମରେ ଅସନ୍ତୁଷ୍ଟ ହେତୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପିଲାଙ୍କ କାର୍ଯ୍ୟକଳାପ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ।

**ତୁଳା** ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି, ସାମାନ୍ୟ ଚେଷ୍ଟାରେ ତାହା ପାଇପାରିବେ। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବାକୁ ପଛେଇ ଯାଇ ପାରନ୍ତି। ଅଫିସ୍ କାମରେ ଯୁକ୍ତିତର୍କର ସମ୍ଭାବନା ରହିଛି। କଚେରି ମାମଲା, ଅସମ୍ପୂର୍ଣ୍ଣ କାମ, ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାଜନିତ ଅଶାନ୍ତ ପରିବେଶ ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ଆଜି ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟ ମଧ୍ୟରେ ସଫଳତା ପାଇବେ। ପରିବହନ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହେବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ବରଂ ଓଲଟା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ଧନୁ** ଆଜି ଦିନଟି ଆନୁଷ୍ଠାନିକ କାମ ପାଇଁ ଭଲ। ସାଧାରଣ ଭୁଲ୍‌ରୁ ପରିବାରରେ ଅଶାନ୍ତର ବାତାବରଣ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସାହାଯ୍ୟ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ମନକୁ ସାମୟିକ ହାଲୁକା କରିବାରେ ସହାୟକ ହେବ। ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ଅସୁବିଧା ସୃଷ୍ଟି ନ ହେଲେ ମଧ୍ୟ ଆର୍ଥିକ ଅନଟନ କାମକୁ ସଂକୁଚିତ କରିଦେଇପାରେ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଆଶ୍ୱସ୍ତି ଲାଭ କରିବେ। ନିର୍ମାଣାଧୀନ କାମ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା, ଜମିଜମା ସମ୍ପର୍କୀୟ ଆଲୋଚନା ଅମୀମାଂସିତ ରହିଯିବ। ଏକାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ବନ୍ଧୁ ସମ୍ପର୍କରୁ ଖୁସି ହୋଇପାରନ୍ତି।

**କୁମ୍ଭ** ଆକସ୍ମିକ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟହାନି ମାନସିକ ଅସ୍ଥିରତାର କାରଣ ହେବ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିଲେ ଉପକାର ମିଳିବ। ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ବ୍ୟବସାୟ, ପରିବହନ ସକାଶେ ଦିନଟି ଅନୁକୂଳ। ଆନୁଷ୍ଠାନିକ କାମ, ସାମ୍ବାଦିକତା, ଚୁକ୍ତିପତ୍ର, ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଅଶାନୁରୂପ ଫଳ ପାଇବେ।

**ମୀନ** ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅନୁତାପ କରିବାକୁ ପଡ଼ିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ପୂର୍ବ ବିବାଦକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ଦ୍ୱାରା ଉପେକ୍ଷିତ ହୋଇପାରନ୍ତି।

ଆଜି ଜୁଲାଇ ୬ ତାରିଖ, ଆଷାଢ଼ ଶୁକ୍ଲପକ୍ଷର ସର୍ବସମ୍ମତ ହରିଶୟନୀ ବଡ଼ ଏକାଦଶୀ ରବିବାର। ରଥ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବଡ଼ ତଡ଼ାଉ ବେଶ (ସୁନା ବେଶ), ଅଦ୍ୟ ରବିନାରାୟଣ ବ୍ରତ, ଚାତୁର୍ମାସ୍ୟା ବ୍ରତ ଆରମ୍ଭ, ଅଶୁଦ୍ଧ କାଳ ଆରମ୍ଭ, ମହରମ ପର୍ବ, ଆସୁରା, ଇମାମ ହୁସେନଙ୍କ ବଳିଦାନ ଦିବସ, ରାଶିନକ୍ଷତ୍ର-ବିଶାଖା/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୦୨ ଗତେ ଘ.୦୯।୩୯ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୭ ଗତେ ଘ.୦୬।୨୬ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମଇଁଷି ଶିଙ୍ଗ ଫଟା,
ଯୁଝିଲା ବେଳକୁ ଗୋଟା।**

ମଇଁଷି ଦଳ ନିଜ ନିଜ ଭିତରେ ଯେତେ ମାଡ଼ଗୋଳ ହୁଅନ୍ତୁ ପଛେ ବିପଦ ପଡିଲେ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ବାହାରି ପଡନ୍ତି। ଦଳ ପ୍ରତି ଥିବା ଆନୁଗତ୍ୟ ଯୋଗୁ ଏପରି ହୋଇଥାଏ। ଏକତା ହିଁ ଶକ୍ତିର ଉତ୍ସ। ବାହ୍ୟ ଶତ୍ରୁ ଆକ୍ରମଣ କଲେ ପାରସ୍ପରିକ ବିବାଦ ଭୁଲି ପୁଣି ଏକମନ ହୋଇ ବିପଦର ମୁକାବିଲା କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମିଥୁନ ବରଷା ମହୀରେ ମାର
କଙ୍କଡ଼ା ବରଷା ନଈରେ ଧାର।**


ସାଧାରଣତଃ ଆଷାଢ଼ ମାସରେ ଭଲ ବର୍ଷା ହେଲେ ଚାଷ କାମ ଠିକ୍‌ଠାକ୍ ବା ଭଲ ହେଉଥିବାର ଜଣାଯାଏ। ତେବେ ଶ୍ରାବଣ ମାସରେ ବର୍ଷା ହେଲେ ନଈରେ ବନ୍ୟା ଆସିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏକ୍ସପାଏରି ମଲମରେ ଚିକିତ୍ସା




ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାଣ୍ଡେଜ୍ ପାଇଁ ବ୍ୟବହାର ହୋଇଥିବା ଏକ୍ସପାଏରି ସ୍ପିରିଟ୍ ଓ ମଲମ।

- **ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**
- **ମେଡିକାଲ ଷ୍ଟୋର୍ ରୁମ୍‌ରୁ ବହୁ ଏକ୍ସପାଏରି ମେଡିସିନ ଜବତ**

ବଇଣ୍ଡା,୫।୭(ପରିକ୍ଷିତ ସାହୁ) ଆଘାତ ସ୍ଥାନରେ ଏକ୍ସପାଏରି ମଲମ ଓ ସ୍ପିରିଟ୍ ଲଗାଇ ବ୍ୟାଣ୍ଡେଜ୍ କରାଯିବାକୁ ନେଇ ଅନୁଗୋଳ ଜିଲା ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଉତ୍ତେଜନା ଦେଖାଦେଇଛି। ବିରୋଧ ବଢ଼ିବା ଦେଖି କର୍ମଚାରୀମାନେ ଡାକ୍ତରଖାନାରେ ତାଲା ପକାଇ ପଳାଇ ଯାଇଛନ୍ତି। ଏ ନେଇ କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ଗୁଲ୍‌ଜାର ଖାଁ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଗୌରୀଶଙ୍କର ବଳଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବହୁ ଏକ୍ସପାଏରି ମେଡିସିନ ଜବତ କରିଛି।

ଗୁଲ୍‌ଜାର ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ହାତ ଆଙ୍ଗୁଠିରେ ଆଘାତ ଲାଗିଥିଲା। ସେ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟାଣ୍ଡେଜ୍ କରିବା ପାଇଁ ଆସିଥିଲେ। ମେଡିକାଲର ଜଣେ କର୍ମଚାରୀ ତାଙ୍କର ବ୍ୟାଣ୍ଡେଜ୍ କରିଥିଲେ। ହେଲେ କର୍ମଚାରୀ ଜଣକ ଯେଉଁ ସ୍ପିରିଟ୍ ଓ ମଲମ ବ୍ୟବହାର କରିଥିଲେ ତାହା ଏକ୍ସପାଏରି ହୋଇଯାଇଥିଲା। ଏହା ଦେଖି ଗୁଲ୍‌ଜାର ପ୍ରତିବାଦ କରିଥିଲେ। କିନ୍ତୁ କର୍ମଚାରୀ ଜଣକ ଏକ୍ସପାଏରି ମଲମ ଲଗାଇଲେ କୌଣସି କ୍ଷତି ହେବ ନାହିଁ ବୋଲି କହି ବ୍ୟାଣ୍ଡେଜ୍ କରିଦେଇଥିଲେ। ଏ ସମ୍ପର୍କରେ ଗୁଲ୍‌ଜାର କମ୍ପାଉଣ୍ଡରଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଔଷଧ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଯୋଗାଇ ଦିଆଯାଉ ନାହିଁ ବୋଲି କମ୍ପାଉଣ୍ଡର କହିଥିଲେ। ଗୁଲ୍‌ଜାର ଏହାର ବିରୋଧ କରିବା ସହ ଅଞ୍ଚଳବାସୀଙ୍କୁ ଜଣାଇଥିଲେ। ଫଳରେ ଘଟଣାକୁ ନେଇ ମେଡିକାଲରେ ଉତ୍ତେଜନା ଦେଖାଦେଇଥିଲା। ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଖବରପାଇ କର୍ମଚାରୀମାନେ ତାଲା ପକାଇ ପଳାଇ ଯାଇଥିଲେ। ଏହାପରେ ଗୁଲ୍‌ଜାର ଥାନାକୁଯାଇ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବଳ କହିଥିବା ବେଳେ ଅପରାହ୍ନରେ ତାଙ୍କ ନିର୍ଦ୍ଦେଶରେ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, କିଶୋରନଗର ମେଡିକାଲର ଫାର୍ମାସିଷ୍ଟ ସରୋଜ କୁମାର ସାହୁ, ସୁପରଭାଇଜର ନାରାୟଣ ଦେହୁରୀ ହଣ୍ଡପା ମେଡିକାଲରେ ପହଞ୍ଚି ଔଷଧ ଗୋଦାମ ଗୃହ ଯାଞ୍ଚ କରି ସେଥିରୁ ବହୁ ଏକ୍ସପାଏରି ମେଡିସିନ ଜବତ କରିଥିଲେ। ପରେ ଉକ୍ତ ଏକ୍ସପାଏରି ମେଡିସିନଗୁଡ଼ିକୁ ଅଞ୍ଚଳବାସୀ ପୋଲିସ ଜିମା ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଜନ୍ମବେଦିରୁ ବାହୁଡ଼ିଲେ ...

ଦେବେ। ସୁନାବେଶରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବାର ସମ୍ଭାବନା ଥିବାରୁ ମନ୍ଦିର ଏବଂ ଜିଲା ପ୍ରଶାସନର ସମନ୍ୱୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ପାଗ ଅନୁକୂଳ ଥିବା ଯୋଗୁ ଶ୍ରୀକ୍ଷେତ୍ରରେ ପ୍ରାୟ ୧୨ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ରାତିରେ ପହୁଡ଼ ଆଳତି ଅନୁଷ୍ଠିତ ହୋଇଥିଲା। ପରେ ୮ଟା ୨୫ରେ ଶ୍ରୀମୁଖ ଖଣ୍ଟୁଆ, ୮ଟା ୫୫ଟାରେ ବାହୁଟକଣ୍ଠି ହୋଇ କୋଠ ସୁଆଁସିଆଙ୍କ ପକ୍ଷରୁ ସିଂହାସନରେ ଚାରମାଳ ବନ୍ଧାଯାଇଥିଲା। ପରେ ରାତି ୧୨ଟା ୧୦ରେ ଦଇତାପତି ସେବକମାନେ କୁସୁମଲାଗି କରିଥିଲେ। ଶନିବାର ସକାଳ ୬ଟା ୪୦ରେ କୁସୁମଲାଗି ନୀତି ସମ୍ପନ୍ନ ହୋଇଥିଲା। ସକାଳ ୭ଟା ୫ ରେ ମଙ୍ଗଳ ଆଳତି, ୭ଟା ୧୦ରେ ମଇଲମ, ତଡ଼ପ ଲାଗି ୭ଟା ୧୫, ରୋଷ ହୋମ ୭ଟା ୧୦, ଅବକାଶ ପୂଜା ୭ଟା ୪୦, ସୂର୍ଯ୍ୟପୂଜା ୮ଟା ୫, ଦ୍ୱାରପାଳ ପୂଜା ୮ଟା ୨୦ ଓ ଡୋରଲାଗି ହୋଇ ସକାଳ ୯ଟା ୫୫ରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଶ୍ରୀବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରାଙ୍କ ପହଣ୍ଡି ହୋଇଥିବାବେଳେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସମ୍ପନ୍ନ ହୋଇଥିଲା। ଦିନ ୧୨ଟା ୩୦ରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟଠାରୁ ବହୁ ପୂର୍ବରୁ ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହଙ୍କ ପହଣ୍ଡି ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧ଟା ୫ରେ ରଥାରୂଢ଼ ହୋଇଥିଲେ। ଏହାପରେ ଗଜପତି ମହାରାଜା ଛେରା ପହଁରା ପାଇଁ ତିନି ରଥକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ଗଜପତି ମହାରାଜା ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଛେରା ପହଁରା କରିଥିଲେ। ପରେ ମହାପ୍ରଭୁଙ୍କ ଜଗନ୍ନାଥଙ୍କ ରଥରେ ରାଜ ନୀତି ସହ ଛେରାପହଁରା କରିଥିଲେ। ଶେଷରେ ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ରାଜନୀତି ଓ ଛେରାପହଁରା କରିଥିଲେ। ଅପରାହ୍ନ ୨ଟା ୪୦ ତିନି ରଥର ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା। ୨ଟା ୫୦ରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଭକ୍ତି ସହ ବଡ଼ ଠାକୁରଙ୍କ ରଥକୁ ଟାଣିଥିଲେ। ପରେ ଅପରାହ୍ନ ୩ଟା ୪୫ରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ମହାପ୍ରଭୁଙ୍କ ରଥ ଟଣା ଆରମ୍ଭ ହୋଇଥିଲା। ଜୟଜଗନ୍ନାଥ ଧ୍ୱନୀରେ ଭକ୍ତମାନେ ରଥକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ରଥତ୍ରୟ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଠାକୁରମାନଙ୍କୁ ପୋଡ଼ପିଠା ଭୋଗ କରାଯାଇଥିଲା। ପୋଡ଼ପିଠା ଭୋଗ ଖାଇ ଠାକୁରମାନେ ଶ୍ରୀମନ୍ଦିର ଆଡ଼କୁ ପୁଣି ଥରେ ଯାତ୍ରା ଆରମ୍ଭ କରିଥିଲେ। ପ୍ରଥମେ ବଡ଼ ଠାକୁରଙ୍କ ତାଳଧ୍ୱଜ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଏହାପରେ ମା' ସୁଭଦ୍ରାଙ୍କ ଦେବଦଳନ ରଥ ପହଞ୍ଚିଥିଲା। ତେବେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ରାଜନଅର ନିକଟରେ କିଛି ସମୟ ପାଇଁ ଅଟକି ରହିଥିଲା। ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିର ଚାହାଣି ମଣ୍ଡପକୁ ଆସି ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ଶ୍ରୀନଅରଠାରେ ଅଟକିଥିବା ନନ୍ଦିଘୋଷ ନିକଟକୁ ଆସିଥିଲେ। ସେଠାରେ ଗଜପତି ମହାରାଜା ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପନ୍ନ କରିଥିଲେ। ନୀତି ସମ୍ପନ୍ନ କରି ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ଅଭିମୁଖେ ପୁଣି ଗଡ଼ି ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା। ବାହୁଡ଼ା ଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୨୦୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ପ୍ରାୟ ଶୃଙ୍ଖଳିତ ଭାବରେ ଚଳିତ ବର୍ଷର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଝିପି ଝିପି ବର୍ଷା ସତ୍ତ୍ୱେ ଭକ୍ତମାନେ ତିନି ରଥକୁ ଟାଣି ନେଇଥିଲେ। ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀଙ୍କ ସହ ବହୁ ବିଧାୟକ ରଥ ଟାଣିଥିଲେ।


ପ୍ରଥମ ପୃଷ୍ଠାରୁ...

## ୯ରେ ଦେଶବ୍ୟାପୀ ...

ଏନ୍‌ସିବିଇ, ଏଆଇବିଓସି, ଆଇଏମ୍‌ବିଓସି ଏବଂ ଆଇଏନ୍‌ବିଇଏଫ୍ ଏହି ଧର୍ମଘଟକୁ ସମର୍ଥନ ଜଣାଇଛନ୍ତି। ଧର୍ମଘଟ ସଫଳ କରିବା ପାଇଁ ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଏଓବିଇଏଫ୍‌ର ସାଧାରଣ ସମ୍ପାଦକ ପ୍ରକାଶ କୁମାର ରାୟ ଏବଂ ଏଆଇବିଓଏ ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଦାସ ଆହ୍ୱାନ ଦେଇଛନ୍ତି।

## ଟ୍ରେଡ୍ ୟୁନିୟନ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର): ଭାରତବର୍ଷର ପ୍ରମୁଖ ଶ୍ରମିକ ସଙ୍ଗଠନଗୁଡିକର ୧୭ ଦଫା ଦାବିକୁ ନେଇ ଆସନ୍ତା ୯ ତାରିଖରେ ଦିଆଯାଇଥିବା ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଜଣାଇଛି। ଏହି ଦାବି ଯଥାର୍ଥରେ ଦେଶର ଗରିବ ଖଟିଖିଆ ଶ୍ରମିକଙ୍କ ଠାରୁ ଆରମ୍ଭକରି କୃଷକ ଓ ଖାଉଟିମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ଉଦ୍ଦେଶ୍ୟରେ ହେଉଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇବା ସହ ଜିଲା କଂଗ୍ରେସ, ବ୍ଲକ, ମ୍ୟୁନିସିପାଲିଟି, ଏନ୍‌ଏସି ତଥା ପଞ୍ଚାୟତରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ଏହି ବନ୍ଦ ଡାକରାକୁ ସଫଳ କରିବା ସହିତ ନିଜ ଅଞ୍ଚଳରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।




# ୩ ଘରୋଇ ବ୍ୟାଙ୍କ ଉପରୁ ହଟିଲା କଟକଣା

## ପୂର୍ବପରି ସରକାରଙ୍କ କାମ କରିବେ ଏଚ୍‌ଡିଏଫ୍‌ସି, ଆକ୍ସିସ, ଆଇସିଆଇସିଆଇ ବ୍ୟାଙ୍କ

### ସବୁ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଅର୍ଥ ସଚିବଙ୍କ ଚିଠି

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଏଚ୍‌ଡିଏଫ୍‌ସି,ଆଇସିଆଇସିଆଇ ଏବଂ ଆକ୍ସିସ୍ ବ୍ୟାଙ୍କ ଉପରୁ ରାଜ୍ୟ ସରକାର କଟକଣା ହଟାଇଛନ୍ତି। ରାଜ୍ୟ ସରକାରଙ୍କ ବ୍ୟାଙ୍କ ସମ୍ପର୍କିତ ସବୁ କାମରେ ପୂର୍ବପରି ଏହି ୩ଟି ଯାକ ଘରୋଇ ବ୍ୟାଙ୍କ ରହିବେ ବୋଲି ପୁଣି ଥରେ ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖି ସବୁ ବିଭାଗରେ ଥିବା ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିଶନର, ସଚିବମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଅର୍ଥ ସଚିବ ଶନିବାର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱାକାଂକ୍ଷୀ ଯୋଜନା କ୍ଷେତ୍ରରେ ଖରାପ ପ୍ରଦର୍ଶନ ଏବଂ ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ଆଶାତୀତ ପ୍ରଦର୍ଶନ ନ କରିପାରିବା ଯୋଗୁ ଏଚ୍‌ଡିଏଫ୍‌ସି, ଆକ୍ସିସ୍ ଏବଂ ଆଇସିଆଇସିଆଇ ବ୍ୟାଙ୍କକୁ ସରକାରୀ କାର୍ଯ୍ୟ ଲାଗି ଥିବା ବ୍ୟାଙ୍କିଙ୍ଗ୍ ତାଲିକାରୁ ବିଦା କରିଥିଲେ। ଏହି ବ୍ୟାଙ୍କଗୁଡିକ ପୂର୍ବରୁ ସରକାରୀ ସଂସ୍ଥାର ବ୍ୟବସାୟ ଏବଂ ଜମା କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ହେଲେ ପ୍ରଦର୍ଶନ ଭଲ ନ ରହିବା ଯୋଗୁ ଏହି ୩ଟି ଯାକ ବ୍ୟାଙ୍କକୁ ସରକାର ତାଲିକାରୁ କାଟିଦେଇଥିଲେ। ହେଲେ ଏହି ୩ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଥିଲେ। ଏହି ସମୟରେ ସେମାନେ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ ଯେ ସରକାରୀ ଯୋଜନା କ୍ଷେତ୍ରରେ ନିଜର ପ୍ରଦର୍ଶନ ଭଲ କରିବେ। ତେଣୁ ସେମାନଙ୍କୁ ସରକାରୀ ତାଲିକାରୁ ବାଦ୍ ନ ଯାଉ ବୋଲି ସେମାନେ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୁଣି ଥରେ ଏହି ୩ଟି ଯାକ ବ୍ୟାଙ୍କକୁ ପୂର୍ବଭଳି ସରକାରୀ ସଂସ୍ଥାର ବ୍ୟବସାୟ, ଜମା ନେଇ କାର୍ଯ୍ୟ କରିବାକୁ ସରକାର ଅନୁମତି ଦେବା ସହ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି। ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା କି ସେମାନେ ନିଜର ବ୍ୟାଙ୍କିଙ୍ଗ୍ ଖାତା ଏହି ୩ ବ୍ୟାଙ୍କରୁ ଉଠାଇନେବା ଲାଗି ତାହା ନ କରିବାକୁ ପୁଣି ଥରେ କୁହାଯାଇଛି।

# ଲାଗିରହିବ ବର୍ଷା

ଭୁବନେଶର,୪।୭(ଅନୁରାଧା ମହାରଣା)

ସାରା ରାଜ୍ୟରେ ଜାରି ରହିଛି ବର୍ଷା। କେତେକ ଜିଲାରେ ବନ୍ୟା ପରିସ୍ଥିତି ଉପୁଜୁଥିବାବେଳେ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥିତିରେ ଆସନ୍ତା ୯ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେବା ସହ ବିଭିନ୍ନ ଜିଲାକୁ ସତର୍କ କରିଛି। ତେବେ ରବିବାର ରାଜ୍ୟର ବିଭିନ୍ନ ଜିଲାକୁ ଝଡ଼ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ପାଇଁ ୨୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବା ବେଳେ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ଗତ ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନ ଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ଆବେଦନପତ୍ର ସହ ନିର୍ଦ୍ଧାରିତ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରି)ଠାରେ ଜନଶୁଣାଣି ପାଇଁ ଉପସ୍ଥିତ ରହିବାକୁ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସୂଚନା ଦେଇଛି। ପୁରୀ ରଥଯାତ୍ରା ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟିବା କାରଣରୁ ଗତ ୩୦ରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା।

# କମିଟି ଗଠନକରି କରାଯିବ କାମ: ମୁଖ୍ୟ ଶାସନ ସଚିବ

## ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରି, ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପ୍ରସଙ୍ଗ

ଭୁବନେଶ୍ୱର,୪।୭(ସୁନିତ୍ ମିଶ୍ର)

ଶ୍ରୀଜଗନ୍ନାଥ ଧାମର ସମୃଦ୍ଧ ଇତିହାସ ଓ ପରମ୍ପରା ସମ୍ପର୍କରେ ପୁରୀକୁ ଆସୁଥିବା ଭକ୍ତଗଣଙ୍କୁ ଜଣାଇବା, ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରି ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଶୁକ୍ରବାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ସମ୍ପୃକ୍ତ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରିଛନ୍ତି। ମ୍ୟୁଜିୟମ, ଲାଇବ୍ରେରି ଏବଂ ଗବେଷଣା କେନ୍ଦ୍ର ଗୋଟିଏ ପରିସରରେ ନିର୍ମାଣ ହେବାକୁ ଥିବାବେଳେ ଏଥିପାଇଁ ସ୍ଥାନ ନିରୂପଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ନିମନ୍ତେ ଏକ କମିଟି ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଦେବାଶିଷ ସିଂହଙ୍କୁ ମିଳିଲା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶନିବାର ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଥିବା ଦେବାଶିଷଙ୍କୁ ଗତ ୨ ତାରିଖରେ ବଦଳି କରାଯାଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଥିଲା। ହେଲେ ଶନିବାର ଆଉ ଏକ ବିଜ୍ଞପ୍ତି ଜାରିକରି ତାଙ୍କ ପୁରୁଣା ଦାୟିତ୍ୱ ମଧ୍ୟ ସେ ଅତିରିକ୍ତ ଭାବେ ତୁଲାଇବେ ବୋଲି ସୂଚନା ଦିଆଯାଇଛି।


# ତେଲଙ୍ଗାନା କେମିକାଲ କମ୍ପାନୀ ବିସ୍ଫୋରଣରେ ମୃତ ଓଡ଼ିଆଙ୍କ ସଂଖ୍ୟା ୯କୁ ବୃଦ୍ଧି


## ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରକୁ ମଧ୍ୟ ୧୦ଲକ୍ଷ ଟଙ୍କାର ସହାୟତା ଦେବେ ରାଜ୍ୟ ସରକାର

ଭୁବନେଶ୍ୱର,୫।୭(ବନ୍ଦନା ସେଠୀ)

ତେଲଙ୍ଗାନାରେ କେମିକାଲ କମ୍ପାନୀରେ ଘଟିଥିବା ବିସ୍ଫୋରଣରେ ଓଡ଼ିଆ ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ମୃତକ ଜଣକ ହେଉଛନ୍ତି କଟକ ଶୁକରପଡାର ପୂର୍ଣ୍ଣଚନ୍ଦ୍ର ସାହୁ। ମୃତକମାନଙ୍କ ପରିଚୟ ପାଇବା ପାଇଁ ଡିଏନ୍ଏ ନମୁନା ଟେଷ୍ଟ କରାଯାଇଥିଲା। ଏଥିରେ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ଡିଏନ୍ଏ ନମୁନା ତାଙ୍କ ବାପାଙ୍କ ଡିଏନ୍ଏ ସହିତ ମିଶିଥିବା ନେଇ ସୂଚନା ଦିଆଯାଇଛି। ସେହିପରି ଏହି ଦୁର୍ଘଟଣାରେ ଆଉ ୪ଜଣ ଓଡ଼ିଆ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗଞ୍ଜାମର ସମୀ ପାତ୍ରୀ ଏବଂ ଭଦ୍ରକର ଚନ୍ଦନ କୁମାର ନାୟକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ନବରଙ୍ଗପୁରର ନୀଳାମ୍ବର ବାତ୍ରା ଏବଂ ଚିତ୍ରସେନ ଭଦ୍ରା ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ସୂଚନା ଦିଆଯାଇଛି।

ଅପରପକ୍ଷେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସହାୟତା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ପୂର୍ବରୁ ମୃତ ୮ଜଣ ଓଡ଼ିଆ ଗଞ୍ଜାମ ଛତ୍ରପୁରର ରାଜନାଲା ଜଗନ୍‌ମୋହନ, କଟକ ଟିଗିରିଆ ପାଇକରାପୁରର ଲଗ୍ନଜିତ ଦୁଆରି, ବାଲେଶ୍ୱର ଜିଲା ସିମୁଳିଆ ପାର୍ବତୀପୁରର ମନୋଜ ରାଉତ, ଯାଜପୁର ଜିଲା ଧର୍ମଶାଳା ଏରବଙ୍କର ଦୋଳଗୋବିନ୍ଦ ସାହୁ, ନବରଙ୍ଗପୁର ଚଇତୁ ଭତ୍ରା, ରମେଶ ଗଉଡ଼, ଗଞ୍ଜାମ ମହାନନ୍ଦପୁରର ସିଦ୍ଧାର୍ଥ ଗଉଡ଼ ଏବଂ ବ୍ରହ୍ମପୁରର ପ୍ରଶାନ୍ତ ମହାପାତ୍ରଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ସହାୟତା ଘୋଷଣା କରିଥିଲେ।



ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା

ରଥଉପରେ ମହାପ୍ରଭୁଙ୍କ ସୁନାବେଶ,
ମହରମ ପର୍ବ



# ଏକାତ୍ମ ମାନବବାଦରେ ବିଶ୍ୱାସ



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା)ର ସମ୍ବିଧାନ (ଧାରା–୩) କହେ, 'ଏକୀକୃତ ବା ଏକାତ୍ମ ମାନବବାଦ ପାର୍ଟିର ଦର୍ଶନ ହେବ'। ପାର୍ଟିର ସଦସ୍ୟତା ଫର୍ମରେ ସଦସ୍ୟମାନଙ୍କୁ ଏକ ସଙ୍କଳ୍ପ ନେବା ଦରକାର ପଡ଼େ, ଯାହାର ପ୍ରଥମ ଧାଡ଼ି ହେଉଛି,''ଭାରତୀୟ ଜନତା ପାର୍ଟିର ମୂଳ ଦର୍ଶନ ଇଣ୍ଟିଗ୍ରାଲ ହ୍ୟୁମାନିଜମ୍ ବା ଏକାତ୍ମ ମାନବବାଦରେ ମୁଁ ବିଶ୍ୱାସ କରେ''। ଏହି ଏକାତ୍ମ ମାନବବାଦ ହେଉଛି ମୁମ୍ବାଇରେ ୨୨ରୁ ୨୫ ଏପ୍ରିଲ ୧୯୬୫ରେ ଦୀନ୍‌ଦୟାଲ ଉପାଧ୍ୟାୟ ଦେଇଥିବା ୪ଟି ଅଭିଭାଷଣର ବିଷୟବସ୍ତୁ। ଉପାଧ୍ୟାୟ ଆର୍‌ଏସ୍‌ଏସ୍ ଦ୍ୱାରା ପ୍ରକାଶିତ ସାପ୍ତାହିକୀ 'ପାଞ୍ଚଜନ୍ୟ'ର ସାମ୍ବାଦିକ ଥିଲେ। ଏହି ଭାଷଣ ଦେବା ସମୟରେ ତାଙ୍କ ବୟସ ପାଖାପାଖି ୫୦ ଥିଲା ଏବଂ ଏହାର ଦୁଇ ବର୍ଷ ପରେ ସେ ଜନସଂଘର ସଭାପତି ହୋଇଥିଲେ। ଆସନ୍ତୁ ଭାଜପା ଦର୍ଶନର ବାର୍ତ୍ତାକୁ ଆଉଥରେ ସମୀକ୍ଷା କରିବା। ଉପାଧ୍ୟାୟ ତାଙ୍କ ଭାଷଣରେ ଯାହା କହିଛନ୍ତି ତାହା ହେଉଛି ଯୁକ୍ତିର ସାରାଂଶ। ସେ ଦର୍ଶାଇଥିଲେ, ଜାତୀୟ ପରିଚୟକୁ ଅଣଦେଖା କରିବା ଯୋଗୁ ଭାରତ ସମସ୍ୟାର ସାମ୍ନା କରୁଛି। ଦେଶ ହେଉଛି ଏକ ବ୍ୟକ୍ତିସତ୍ତା ଏବଂ ଏହାର ସ୍ୱାଭାବିକ ପ୍ରବୃତ୍ତିଗୁଡ଼ିକୁ ଅଣଦେଖା କଲେ ତାହା ରୁଗ୍ଣ ହୋଇଯାଏ। ସ୍ୱାଧୀନତା ସତ୍ତ୍ୱେ, କେଉଁ ଦିଗରେ ଗଲେ ଭାରତର ବିକାଶ ହେବ ତାହା ଏଯାବତ୍ ସ୍ଥିର ହୋଇନାହିଁ। ଭାରତ ଆର୍ଥିକ, ସାମାଜିକ ତଥା ରାଜନୈତିକ ସିଦ୍ଧାନ୍ତ ସହ ବିଜ୍ଞାନ କ୍ଷେତ୍ରରେ ପାଶ୍ଚାତ୍ୟ ଦୃଷ୍ଟିକୋଣକୁ ଆପଣାଇଥିବାରୁ ଏଠାରେ ଆର୍ଥିକ, ସାମାଜିକ ଓ ରାଜନୈତିକ ସମସ୍ୟା ଉପରେ ଧ୍ୟାନ ରହିଲା। ପ୍ରଗତି ପାଇଁ ପାଶ୍ଚାତ୍ୟକରଣ ଗୁରୁତ୍ୱପୂର୍ଣ୍ଣ ଥିଲା। ଜାତୀୟତାବାଦ, ଗଣତନ୍ତ୍ର ଏବଂ ସମାଜବାଦ ଆଣିବାରେ ପାଶ୍ଚାତ୍ୟ ବିଫଳ ହେଲା। ଏସବୁ ପାଶ୍ଚାତ୍ୟ ବିଚାରଧାରା ପରସ୍ପର ବିରୋଧୀ ଥିଲେ। ଆୟୁର୍ବେଦ ଘୋଷଣା କରିଥିଲା, ସ୍ଥାନୀୟ ରୋଗ ପାଇଁ ଆମକୁ ସ୍ଥାନୀୟ ଚିକିତ୍ସା ଖୋଜିବା ଦରକାର। ତେବେ ଭାରତୀୟ ସଂସ୍କୃତି ବିଶ୍ୱ ପାଇଁ ଏକ ସମାଧାନ ଦେଇପାରିଲା କି? ସାଧାରଣରେ ଧାରଣା ଅଛି, ଭାରତୀୟ ସଂସ୍କୃତି ଆତ୍ମାର ମୁକ୍ତି କଥା ଭାବେ; ଶରୀର, ବୁଦ୍ଧି ଓ ମନ ସମ୍ପର୍କରେ ମୁଣ୍ଡ ଖେଳାଏ ନାହିଁ। କିନ୍ତୁ ତାହା ମିଥ୍ୟା। ଭାରତୀୟ ସଂସ୍କୃତିରେ ଧର୍ମକୁ ସର୍ବାଗ୍ରେ ସ୍ଥାନ ଦିଆଯାଇଛି। ଧର୍ମ ହେଉଛି ପ୍ରାକୃତିକ ଆଇନ, ଯାହା ଶାଶ୍ୱତ ଏବଂ ବିଶ୍ୱସ୍ତରୀୟ। ବ୍ୟବସ୍ଥାପକ, କାର୍ଯ୍ୟନିର୍ବାହୀ ଓ ନ୍ୟାୟପାଳିକା ଏପରି କି ଲୋକଙ୍କଠାରୁ ଧର୍ମ ଉର୍ଦ୍ଧ୍ୱରେ। ଧର୍ମ ବିରୋଧରେ କାମ କରିବା ପାଇଁ ଲୋକଙ୍କର ଅଧିକାର ନାହିଁ। ଦେଶ ପାଇଁ ଧର୍ମ ଏକ ଆବଶ୍ୟକୀୟ ସର୍ତ୍ତ ହୋଇଥିବାରୁ ସମ୍ବିଧାନରେ 'ସେକୁଲାରିଜମ୍' ବା 'ଧର୍ମନିରପେକ୍ଷ' ଶବ୍ଦର ବ୍ୟବହାର ଭୁଲ୍। ଯାହା ଧର୍ମ ଉପରେ ଆଧାରିତ ନୁହେଁ ତାହା ଅଗ୍ରହଣୀୟ ଏବଂ ସେଥିପାଇଁ ଧର୍ମନିରପେକ୍ଷ କ୍ଷତିକାରକ ତଥା ତ୍ରୁଟିପୂର୍ଣ୍ଣ। ଜାତୀୟ ଏକତା ଭାରତର ଧର୍ମ, ବିବିଧତା ସମସ୍ୟାପୂର୍ଣ୍ଣ। ଏହି କାରଣ ପାଇଁ ଭାରତର ସମ୍ବିଧାନ ପରିବର୍ତ୍ତନ ଦରକାର କରେ, ଯେଉଁଥିରେ ସଂଘୀୟରୁ ଆରମ୍ଭ କରି ଏକକ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକ ପାଇଁ କୌଣସି ବୈଧାନିକ କ୍ଷମତା ନ ଥିବ, କେବଳ କେନ୍ଦ୍ରର ରହିବ। ବ୍ୟକ୍ତି ଓ ସାମାଜିକ ବ୍ୟବସ୍ଥା ମଧ୍ୟରେ ବିଭେଦ ହେଉଛି ପତନ ଓ ବିକୃତିର ସଙ୍କେତ। ବ୍ୟକ୍ତି ଓ ବ୍ୟବସ୍ଥା ମଧ୍ୟରେ ଥିବା ବିରୋଧାତ୍ମକ ସମ୍ପର୍କକୁ ପ୍ରଗତିର କାରଣ ଭାବେ ଦେଖିବା ପାଶ୍ଚାତ୍ୟର ଭୁଲ୍ ଥିଲା। ଆତ୍ମା, ବୁଦ୍ଧି, ଶରୀର ଓ ମନକୁ ନେଇ ବ୍ୟକ୍ତି ଗଢ଼ା। ମଣିଷ ଆତ୍ମା ସହ ଜନ୍ମ ହୋଇଛି। ବ୍ୟକ୍ତିତ୍ୱ, ଆତ୍ମା ଓ ଚରିତ୍ର ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ବ୍ୟକ୍ତିର ଆତ୍ମା ଉପରେ ବ୍ୟକ୍ତିଗତ ଇତିହାସର କୌଣସି ପ୍ରଭାବ ନାହିଁ। କିନ୍ତୁ ଇତିହାସ ଦ୍ୱାରା ଜାତୀୟ ସଂସ୍କୃତି ଲଗାତର ଭାବେ ପରିବର୍ତ୍ତନ ହୁଏ। ଯାହା ସବୁ ଭଲ ଓ ପ୍ରଶଂସନୀୟ ବିଷୟ ତାହା ସଂସ୍କୃତିରେ ଅଛି, କିନ୍ତୁ ସେସବୁ ଜାତୀୟ ଚେତନାକୁ ପ୍ରଭାବିତ କରେ ନାହିଁ।

ଭାରତର ଜାତୀୟ ଆତ୍ମା ହେଉଛି ମୌଳିକ ଓ ମୁଖ୍ୟ। ଚେତନା ସାଂସ୍କୃତିକ ପ୍ରଗତିର ଦିଗ ନିର୍ଣ୍ଣୟ କରେ। ସମାଜ ଚେତନଶୀଳ ଏବଂ ଗୋଟିଏ ସମାଜର କାୟ, ମନ, ବୁଦ୍ଧି ଓ ଆତ୍ମା ଅଛି। ଆରମ୍ଭରୁ କେତେକ ପାଶ୍ଚାତ୍ୟ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରୁଥିଲେ। ସେମାନଙ୍କ ମଧ୍ୟରୁ ୱିଲିୟମ ମ୍ୟାକଡୋଗାଲ କହିଥିଲେ, ଜଣେ ମଣିଷ ଭଳି ଗୋଟିଏ ଗୋଷ୍ଠୀର ଏକ ମନ ଓ ମନସ୍ତତ୍ତ୍ୱ, ନିଜସ୍ୱ ବିଚାର ପଦ୍ଧତି ଏବଂ କାର୍ଯ୍ୟକ୍ଷମତା ଅଛି। ସମାଜଗୁଡ଼ିକର ଏକ ଜନ୍ମଗତ ପ୍ରକୃତି ଅଛି, ଯାହା ଇତିହାସ ଉପରେ ଆଧାରିତ ନୁହେଁ। ଘଟଣାଗୁଡ଼ିକ ଏହାକୁ ପ୍ରଭାବିତ କରେନାହିଁ। ଏହି ଗୋଷ୍ଠୀ (ସମାଜ) ପ୍ରକୃତି ଠିକ୍ ମଣିଷ ଆତ୍ମା ସଦୃଶ, ଯାହା ଇତିହାସ ଦ୍ୱାରା ପ୍ରଭାବିତ ହୋଇ ନ ଥାଏ। ଦେଶ ପାଖରେ ଉଭୟ ଏକ ଆଦର୍ଶ ଓ ଏକ ମାତୃଭୂମି ଭାବନା ରହିଲେ ହିଁ ତାହା ଏକ ଦେଶ ଭାବେ ଗଣାହେବ। ଆମେ ଧର୍ମ ହାସଲ କରିବା ଲାଗି ଶରୀରକୁ ଏକ ସାଧନ ଭାବେ ଗ୍ରହଣ କରୁ। ଏହା ଥିଲା ଭାରତ ଓ ପାଶ୍ଚାତ୍ୟ ମଧ୍ୟରେ ପ୍ରଭେଦ ବୋଲି ଦର୍ଶାଇଥିଲେ। ଆମର ପ୍ରଚେଷ୍ଟା ଧର୍ମ, ଅର୍ଥ (ଟଙ୍କା), କାମ (ଆନନ୍ଦ) ଓ ମୋକ୍ଷ(ମୁକ୍ତି) ପାଇଁ ଥିଲା। ଏହି ୪ଟିକୁ ଭିନ୍ନ ଭାବେ ଦେଖିବା ପାଶ୍ଚାତ୍ୟର ତ୍ରୁଟି ଥିଲା। ଫଳରେ ଭୋଟଦେବା ଅଧିକାର ପାଇପାରିଲୁ କିନ୍ତୁ ଖାଦ୍ୟ ପାଇଲୁ ନାହିଁ। ଆମେରିକାର ଉଭୟ ରାଜନୈତିକ ସ୍ୱାଧୀନତା ଓ ଧନ ଥିଲେ ବି ଏହା ଆତ୍ମହତ୍ୟା ଓ ମାନସିକ ରୋଗୀଙ୍କ ସଂଖ୍ୟାରେ ବିଶ୍ୱରେ ଶୀର୍ଷରେ ରହିଲା। ଭୋଟଦେବା ଅଧିକାର ଓ ଖାଦ୍ୟ ଥାଇ ମଧ୍ୟ ସୁଖ କିମ୍ବା ଶାନ୍ତି ନ ଥିଲା। ଆମେରିକାରେ ସୁନିଦ୍ରାର ଅଭାବ ଥିଲା, କାରଣ ସେମାନେ ଏକୀକୃତ ମାନବବାଦ ବିଷୟରେ ଭାବି ନ ଥିଲେ। ଆମେରିକୀୟ କହନ୍ତି, ସାଧୁତା ହେଉଛି ସବୁଠୁ ଭଲ ବିଜ୍‌ନେସ୍ ନୀତି, କିନ୍ତୁ ଭାରତୀୟମାନେ କହନ୍ତି ସାଧୁତା ଏକ ନୀତି ନୁହେଁ, ବରଂ ଏକ ସିଦ୍ଧାନ୍ତ।

ଭାଜପା ତାହାର ମୂଳ ଦର୍ଶନରେ ଏକାତ୍ମ ମାନବବାଦ ଉପରେ ଯାହା କହୁଛି ତାହାର ମାନେ କ'ଣ ଏବଂ ଏହାର ଉଦ୍ଦେଶ୍ୟ କ'ଣ, ସେ ସମ୍ପର୍କରେ କିଭଳି ଭାଜପା ମନ୍ତ୍ରୀ କିମ୍ବା ସଦସ୍ୟମାନେ ବୁଝାଇପାରୁଛନ୍ତି, ତାହା ଦେଖିବା କୌତୂହଳର ବିଷୟ ହେବ। ସେମାନେ ଏଥିପାଇଁ ସଙ୍କଳ୍ପ ନେଉଛନ୍ତି ଏବଂ ଏଥିରେ କିଭଳି ବିଶ୍ୱାସ କରୁଛନ୍ତି ତାହା ଜାଣିବାକୁ ଜଣେ ଆଗ୍ରହୀ ହେବା ସ୍ୱାଭାବିକ।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 6 | | 7 | | | |
| 5 | | | 4 | | | 6 | | 8 |
| | | | | | | | | |
| | 5 | | 8 | | 3 | | | |
| 6 | | | | 1 | | 2 | | |
| | | | | | | | | |
| | 6 | 2 | | | 4 | | 7 | |
| | 7 | 5 | | | | 3 | 8 | |
| 3 | | | 7 | | | 1 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 7 | 4 | 8 | 6 | 5 | 9 |
| 4 | 8 | 5 | 6 | 3 | 9 | 2 | 1 | 7 |
| 6 | 9 | 7 | 1 | 2 | 5 | 4 | 8 | 3 |
| 5 | 1 | 6 | 3 | 9 | 2 | 8 | 7 | 4 |
| 7 | 4 | 9 | 5 | 8 | 6 | 3 | 2 | 1 |
| 8 | 3 | 2 | 4 | 7 | 1 | 5 | 9 | 6 |
| 9 | 5 | 1 | 8 | 6 | 3 | 7 | 4 | 2 |
| 2 | 6 | 4 | 9 | 5 | 7 | 1 | 3 | 8 |
| 3 | 7 | 8 | 2 | 1 | 4 | 9 | 6 | 5 |

ଗତକାଲିର ଉତ୍ତର

# ୨୦୩୬ ଭିଜନରେ ବ୍ଲାଇଣ୍ଡ ସ୍ପଟ୍



ସହଦେବ ସାହୁ

ଆମ ଆଖିର ପଛପଟେ ଯେଉଁ ପରଦାଟିଏ ଅଛି, ତାକୁ ରେଟିନା କହନ୍ତି। ଯେଉଁଠି କୌଣସି ଜିନିଷଠାରୁ ଆସୁଥିବା ଆଲୋକ ପଡ଼ିଲା କ୍ଷଣି ସେଠାରେ ଥିବା ଆଲୋକ ଗ୍ରହଣକାରୀ କୋଷଗୁଡ଼ିକ ଜିନିଷର ଛବି ତିଆରି କରି ମସ୍ତିଷ୍କକୁ ପଠାନ୍ତି ବୋଲି ଆମେ ଜିନିଷଟିକୁ ଦେଖିପାରୁ। ଆଲୋକବାହୀ ସ୍ନାୟୁ (ଅପ୍ଟିକ୍ ନର୍ଭ)ଗୁଡ଼ିକ ଶେଷରେ ଏକାଠି ହୋଇ ରେଟିନାର ଯେଉଁ ବିନ୍ଦୁରେ ପ୍ରବେଶ କରନ୍ତି, ସେଠି ଆଲୋକଗ୍ରାହୀ କୋଷ ନାହିଁ ବୋଲି ସେହି ବିନ୍ଦୁଠାରେ କିଛି ଦିଶେ ନାହିଁ; ତେଣୁ ସେହି ଜାଗାକୁ ବ୍ଲାଇଣ୍ଡ ସ୍ପଟ୍, ଅନ୍ଧବିନ୍ଦୁ, କୁହାଯାଏ। ଆମ ରାଜ୍ୟ ସରକାର ତିଆରି କରିଥିବା 'ଓଡ଼ିଶା ଭିଜନ ୨୦୩୬'ରେ ବ୍ଲାଇଣ୍ଡ୍ ସ୍ପଟ୍ ଅଛି କହିବା ମାନେ ସରକାରଙ୍କୁ କେତେକ ସମସ୍ୟା ଦିଶୁନାହିଁ। ତେଣୁ ସେଗୁଡ଼ିକର ସମାଧାନ ଉପରେ ସରକାରଙ୍କ ଦୃଷ୍ଟି ପଡ଼ିନାହିଁ। ସବୁ ଲୋକଙ୍କ ପାଖରେ ସରକାର ନ ପହଞ୍ଚିଲେ ଓ ପ୍ରତ୍ୟେକ ଓଡ଼ିଶାବାସୀ ସରକାରଙ୍କୁ ପାଖରେ ନ ପାଇପାରିଲେ (ସବ୍‌କା ସାଥ୍, ସବ୍‌କା ବିକାଶ ସ୍ଲୋଗାନ୍‌ର ମର୍ମ ତ ଏଇୟା!) ଭାଷାଭିତ୍ତିକ ରାଜ୍ୟ ଗଠନର ଉଦ୍ଦେଶ୍ୟ ଶହେ ବର୍ଷ ପରେ ବି ବିଫଳ ହୋଇଛି ବୋଲି ମନେହେବ।

ଓଡ଼ିଶାକୁ 'ସୁଚିନ୍ତିତ ଉଦ୍ଭାବନ ଓ ଜ୍ଞାନଭିତ୍ତିକ ସେବା ଉଦ୍ୟୋଗର କେନ୍ଦ୍ର ରୂପେ ପ୍ରତିଷ୍ଠା' କରିବା 'ଭିଜନ ୨୦୩୬'ର ମୂଳମନ୍ତ୍ର ବୋଲି କହିଲା ବେଳେ ସରକାର ଭୁଲି ଯାଉଛନ୍ତି ଯେ ଏ 'ସେବା' ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ଛୁଇଁପାରିବାର ବ୍ୟବସ୍ଥା 'ଭିଜନ'ରେ ନାହିଁ। ଭୁବନେଶ୍ୱରରେ ସବୁ ଟିଭି ଅଛି, ସବୁ ସମ୍ବାଦପତ୍ର ଅଛି (କଟକରେ ଗୋଟିଏ ମାତ୍ର) ମାନେ ଏହିଠି ପ୍ରେସ୍ ହାଣ୍ଡ ଆଉଟ୍ ବାଣ୍ଟିଦେଲେ ବା ଟିଭି ରୁମ୍‌ରେ କହିଦେଲେ ଓଡ଼ିଶାବାସୀ ସମସ୍ତେ ଜାଣୁଛନ୍ତି ବୋଲି ଭାବିବା ମସ୍ତବଡ଼ ଭୁଲ୍। ସରକାର ଏବେ ଯାହା କିଛି କହୁଛନ୍ତି ବା କରୁଛନ୍ତି ସବୁ କେବଳ ନେତାମାନଙ୍କ ଚାମଚାଙ୍କ ଜରିଆରେ ଦୂରଦୂରାନ୍ତର ଲୋକଙ୍କ ପାଖକୁ ଯାଉଛି। ସରକାରୀ ସେବା ବା ଅନୁଦାନ, ଜମିବାଡ଼ି ଗଣ୍ଡଗୋଳର ସମାଧାନ, ଚିକିତ୍ସା ସୁବିଧା ଅଥବା ଶିକ୍ଷାନୁଷ୍ଠାନରେ ପ୍ରବେଶ ସୁବିଧା ପାଇଁ ଏବେ ବି ବହୁତ ଲୋକ ପଲିଟିକାଲ୍ ମଧ୍ୟସ୍ଥ, ଗାଁର ଟାଉଟର, କଚେରିର ରାଇଟର୍ ବା ସେବାକେନ୍ଦ୍ରର କର୍ମଚାରୀଙ୍କ ପାଖକୁ ଦଉଡୁଛନ୍ତି, ହାତଗୁଞ୍ଜା ନ ଦେଲେ ସମାଧାନର ଦିଗ୍‌ବଳୟ ଘୁଞ୍ଚି ଘୁଞ୍ଚି ଯାଉଛି। ସରକାରଙ୍କ ସହ ସମ୍ପର୍କ ରଖିବାର ସାଧନ ସେମାନଙ୍କ ପାଖରେ ନାହିଁ। ପ୍ରାକୃତିକ ବା ସାମାଜିକ ବିପର୍ଯ୍ୟୟ ଓ ଗଣ୍ଡଗୋଳ ସମୟରେ ଆଭ୍ୟନ୍ତରୀଣ ଗାଁଗଣ୍ଡାର ଲୋକେ ଓ ପିଲାଏ ଗଛ ବା ପାହାଡ଼କୁ ଚଢ଼ିଲେ ହିଁ ମୋବାଇଲ୍ ଫୋନ୍ କିଞ୍ଚିତ୍ ପରିମାଣରେ ବ୍ୟବହାର କରିପାରୁଛନ୍ତି, କଣ୍ଟ୍ରାକ୍ଟର–ନେତା ମଧୁଚନ୍ଦ୍ରିକା ରାଜ୍ୟର ଯୋଗାଯୋଗ ବ୍ୟବସ୍ଥାକୁ ଅସମ୍ପୂର୍ଣ୍ଣ ବା ଅଚଳ ରଖୁଛି। ଲୋକେ ସରକାରଙ୍କୁ ତତ୍‌କ୍ଷଣାତ୍ ଜଣାଇବାର ସୁବିଧା ନାହିଁ। ୨୦୩୬ରେ ଓଡ଼ିଶାର ଚିତ୍ର କିପରି ଦିଶିବ, ତହିଁରେ ଏହିପରି ବହୁତ ବ୍ଲାଇଣ୍ଡ ସ୍ପଟ୍ ଅଛି, ଯେଉଁଗୁଡ଼ିକୁ ନ ହଟାଇଲେ ସମ୍ପୂର୍ଣ୍ଣ ବିକାଶ ଅସମ୍ଭବ।

ସରକାରଙ୍କୁ କ'ଣ ଦିଶୁନାହିଁ ଦେଖିବା ଆସନ୍ତୁ। ବିଧାନସଭାରେ ସରକାର ପ୍ରକାଶ କରିଛନ୍ତି ୧୬୭ ପଞ୍ଚାୟତର ୨୦୬୩ ଗାଁରେ ମୋବାଇଲ ନେଟ୍‌ୱର୍କ ନାହିଁ, ୧୦ଟି ପଞ୍ଚାୟତରେ ବ୍ରଡ୍ ବେଣ୍ଡ କନେକ୍ଟିଭିଟି ନାହିଁ। ବିଜେଡି ସରକାର ୨୦୨୩ରୁ କହିଆସିଛନ୍ତି ଯେ, ପ୍ରାୟ ୧୩,୦୦୦ ଗାଁରେ ବିଜୁଳି ନାହିଁ। ମୋଟ ଗାଁ ସଂଖ୍ୟା ୫୧,୩୪୯ ଏକଚତୁର୍ଥାଂଶରେ କେବଳ ଆଲୋକ–ଅଭାବ ଅନ୍ଧାରରେ ରହୁନାହାନ୍ତି, (ବିଜୁଳି ଅଭାବରୁ ଇଣ୍ଟରନେଟ୍ କନେକ୍ଟିଭିଟି ବି ନ ଥିବା କାରଣରୁ) ସୂଚନା–ଅଭାବଜନିତ ଅଜ୍ଞାନ–ଅନ୍ଧକାରରେ ବି ଅଛନ୍ତି। ସରକାରୀ ପରିସଂଖ୍ୟାନରେ ତ ୨୮% ନିରକ୍ଷର। ସରକାରଙ୍କ ୨୦୩୬–ଭିଜନରେ ବ୍ଲାଇଣ୍ଡ ସ୍ପଟ୍ କେତେ ବଡ଼ ଭାବନ୍ତୁ! ସବୁ ଅଞ୍ଚଳକୁ ବ୍ରଡ୍ ବେଣ୍ଡ କନେକ୍ଟିଭିଟି ନ ଆଣିଲେ କେବଳ ନିରକ୍ଷର ଲୋକ ନୁହନ୍ତି, ସମସ୍ତଙ୍କ ନିକଟରେ ସରକାର ପହଞ୍ଚିପାରିବେ ନାହିଁ। ଏଥିପାଇଁ ଦରକାର ପ୍ରତି ୨୫ କିଲୋମିଟର ବ୍ୟାସ ପରିମିତ ଇଲାକାରେ ଗୋଟିଏ ଲେଖାଏଁ ମୋବାଇଲ୍ ଟାୱାର, ତହିଁରେ ପରିବାହିତ ବ୍ରଡ୍ ବେଣ୍ଡକୁ ବ୍ୟବହାର କରିବା ଲାଗି ପ୍ରତି ପରିବାର ପାଇଁ ଗୋଟିଏ ଲେଖାଏଁ ଟାବ୍‌ଲେଟ୍ (କମ୍ପ୍ୟୁଟର ଓ ସ୍ମାର୍ଟ ମୋବାଇଲ୍ ଉଭୟର କାମ କରିଥାଏ ଟାବ୍‌ଲେଟ୍)। ଇଣ୍ଟରନେଟ୍‌ର ବିଭିନ୍ନ ୱେବ୍‌ସାଇଟ୍‌କୁ ଯାଇ ଅସୀମ ସଂଖ୍ୟାର ବହି, ପତ୍ରିକା, ଗବେଷଣା ପ୍ରବନ୍ଧ, ସମ୍ବାଦପତ୍ର ଓ ଇ–ମେଲ୍ ସହ ୟୁଟ୍ୟୁବ୍ ବ୍ୟବସ୍ଥାର ସୁବିଧା ସମସ୍ତଙ୍କୁ ମିଳିପାରିବ। କମ୍ପ୍ୟୁଟର ଯନ୍ତ୍ରରେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, କୃତ୍ରିମ ବୁଦ୍ଧିମତ୍ତା) ପାଠ ଥିବାରୁ ନିରକ୍ଷର ଲୋକ ଭଏସ୍ ମେସେଜ୍ (ଆଳାପ) ଜରିଆରେ ସରକାରଙ୍କ ସହ ସମ୍ପର୍କ ରଖିପାରିବ। ଗତ ଜୁନ୍ ମାସ ଶେଷରେ ଭାରତୀୟ ରେଳବାଇ ତ ଭଏସ୍ ବୁକିଂ ଆରମ୍ଭ କରିଦେଇଛି। ଇଣ୍ଡିଆନ୍ ରେଲ୍‌ୱେ କାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ୍ (ଆଇଆରସିଟିସି) ଆସ୍କଦିଶା ୨.୦ ନାମକ ନୂଆ ଚାଟ୍‌ବଟ୍ ପ୍ରୟୋଗ କରୁଛି। ଆଇଆରସିଟିସି ୱେବ୍‌ସାଇଟ୍‌କୁ ଯାଇ କିମ୍ବା ମୋବାଇଲ୍ ଫୋନ୍‌ରେ ଆସ୍କଦିଶା ୨.୦ ଆପ୍ ଖୋଲି ତା' ଉପରେ ଟିପ ମାର, ହିନ୍ଦୀରେ କହି ଟିକେଟ୍ ବୁକିଂ କରିପାରିବ। ତୁମ କମ୍ପ୍ୟୁଟର ବା ସ୍ମାର୍ଟଫୋନ୍ କହିବ ତୁମର ଭ୍ରମଣ ବିବରଣୀ କୁହ, ଷ୍ଟେଶନ ନାଁ, ତାରିଖ ଓ କେଉଁ କ୍ଲାସ୍‌ରେ ଯିବ। ସେଆଡୁ ଶୁଭିବ କେଉଁ କେଉଁ ଟ୍ରେନ୍ କେତେବେଳେ ଯାଉଛି, କେତେ ସିଟ୍ ଫାଙ୍କା ଅଛି ଓ ଟିକଟ ଦାମ୍। ତୁମେ ଟ୍ରେନ୍ ବାଛିବ, କ୍ଲାସ୍ ବାଛିବ। ଏଆଇର ଯନ୍ତ୍ର–ମଣିଷ ତାହା ଶୁଣି ଯାଞ୍ଚ କରିବ, ଠିକ୍ ଥିଲେ ପେମେଣ୍ଟ (ଦେୟ) ପୃଷ୍ଠା ଖୋଲିବ, ତୁମେ ତାହା କଥା ଶୁଣି ତୁମ ଭଏସ୍ (କଥା)ରେ ପଦ–ପୂରଣ କରିବ। ଯନ୍ତ୍ର–ମଣିଷଟି ପାଉଣା ମାଗିବ, ତୁମ କଥାରେ ତାହା ପୂରଣ କଲାକ୍ଷଣି ଏସ୍‌ଏମ୍‌ଏସ୍ ଜରିଆରେ ପିଏନ୍‌ଆର୍ ନମ୍ବର ସହ ଟିକେଟଟିଏ ଛପା ହୋଇଯିବ। ଯିଏ ପାଠ ପଢ଼ି ନାହିଁ, କମ୍ପ୍ୟୁଟରରେ କି ବୋର୍ଡ ବ୍ୟବହାର ଜାଣିନାହିଁ କି ଟାଇପ୍ କରିବା ଜାଣିନାହିଁ ସିଏ ପାଟି କରି (ଭଏସ୍ ଅନୁଯାୟୀ) କହିଲେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଫରମ ପୂରଣ କରିଦେବ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ବା ଅଫିସ୍‌ରେ ସେହିଭଳି ଏଆଇ ଚାଟ୍‌ବଟ୍ ୱେବ୍‌ସାଇଟ୍ ଖୋଲି ନାଗରିକମାନଙ୍କ ଅଭିଯୋଗ ସାଙ୍ଗେ ସାଙ୍ଗେ ସମାଧାନ କରିହେବ। ତା' ହୋଇପାରିଲେ ଭୁବନେଶ୍ୱର ବା ଅନ୍ୟତ୍ର ଲୋକଙ୍କୁ ଡକାଇ ଅଭିଯୋଗ ଶୁଣାଣିରେ ସମୟ ଓ ଅର୍ଥ ଖର୍ଚ୍ଚରୁ ସରକାରୀ ଅଧିକାରୀ ଓ ମନ୍ତ୍ରୀମାନେ ନିଜକୁ ଓ ନାଗରିକମାନଙ୍କୁ ହଇରାଣରୁ ବଞ୍ଚାଇ ପାରିବେ। ଫର୍ମ ପୂରଣ ସତ୍ତ୍ୱେ ସମାଧାନ ନ ହୋଇପାରିଲେ କ'ଣ କଲେ ସମାଧାନ ହୋଇପାରିବ ଏଆଇ ତାହା ବତାଇବ। ଲୋକେ ଆଉ ଥରେ ଚେଷ୍ଟା କରିବେ, ଘରେ ବସି ବସି।



ଏଥିପାଇଁ ଭିଜନ ୨୦୩୬ ଦସ୍ତାବିଜ୍‌ରେ ଆଜିଠୁ ବ୍ୟବସ୍ଥା କରିବାକୁ ପଡ଼ିବ, ୨୦୨୬ରେ ବାର୍ଷିକ ୨୦,୦୦୦ କୋଟି ଖର୍ଚ୍ଚ ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ପୂର୍ବବର୍ଷଠାରୁ ୧୫% ବେଶି ପରିମାଣର ବଜେଟ କରି ୫ ବର୍ଷରେ (୨୦୩୦ ସୁଦ୍ଧା) ଭଏସ୍ ମେସେଜିଂ ବ୍ୟବସ୍ଥା ସମ୍ପନ୍ନ କରିହେବ। ଓଡ଼ିଶା ବଜେଟ ପ୍ରତି ବର୍ଷ ୧୫% ବଢୁଥିବାରୁ ଏଭଳି ପ୍ରସ୍ତାବ ସମ୍ଭବ। ସେହି ଅର୍ଥରେ ପ୍ରତି ଗ୍ରାମ ଓ ସାହିକୁ ବିଜୁଳି ଯୋଗାଇହେବ (ବିଦ୍ୟୁତ୍ ପରିବହନ ତାରରୁ ହେଉ ବା ସୌରଶକ୍ତିରୁ ହେଉ), ମୋବାଇଲ ଟାୱାର ବସାଇ ତାକୁ ଚାଲୁ କରିହେବ, ଓଡ଼ିଶାରେ ବିକ୍ରି ହେଉଥିବା ପ୍ରତି ସ୍ମାର୍ଟ ଫୋନ୍, ଲାପ୍‌ଟପ୍, ଡେସ୍କଟପ୍ ଓ ସର୍ଭରରେ ୟୁନିକୋଡ୍ ଓଡ଼ିଆ ବର୍ଣ୍ଣ ଓ ମାତ୍ରା ଥିବା ସଫ୍ଟୱେୟାର ଭର୍ତ୍ତି କରିହେବ, ଉଚ୍ଚାରଣ କରି ଆବଶ୍ୟକ ଫର୍ମ ପୂରଣ କରିହେବ। ଯେଉଁ ଯନ୍ତ୍ର (ଡିଭାଇସ୍)ରେ ଏ ପ୍ରକାରର ସଫ୍ଟୱେୟାର୍ ଥିବ, ତାହାର ବିକ୍ରି ସହଜ ଓ ସରଳ କରିବା ଲାଗି ତା' ଉପରେ ସବୁ ପ୍ରକାରର ଟିକସ ଛାଡ଼ ଦିଆଯିବ ଏବଂ ତାହା ନଥିବା ଡିଭାଇସ୍ ଉପରେ ମୂଳ ଟିକସର ଚାରିଗୁଣ ସର୍ଚ୍ଚାର୍ଯ୍ୟ ଧାର୍ଯ୍ୟ ହେବ। ଦାରିଦ୍ର୍ୟ ସୀମାରେଖାରେ ଓ ରେଖା ତଳେ ଥିବା ପ୍ରତି ପରିବାରକୁ ଗୋଟିଏ ଲେଖାଏଁ ଟାବ୍‌ଲେଟ୍ ମାଗଣା ଦିଆଯିବ। ପ୍ରଥମେ ଓଡ଼ିଶାର ଯେଉଁ ଗାଁଗଣ୍ଡାକୁ ବିଜୁଳି ନାହିଁ, ସେଠାରେ ବିଜୁଳି ବନ୍ଦୋବସ୍ତ କରାଯାଉ ଏବଂ ନୂଆ କମ୍ପ୍ୟୁଟର ଡିଭାଇସ୍‌ମାନ ତିଆରି କରିବାକୁ ମାନୁଫାକ୍ଚରମାନଙ୍କୁ ଅଗ୍ରିମ ଦିଆଯାଉ, ବ୍ରଡ୍ ବେଣ୍ଡ ସେବା ଯୋଗାଉଥିବା କମ୍ପାନୀମାନଙ୍କଠାରୁ ଇଚ୍ଛାପତ୍ର ମଗାଯାଇ ତୁରନ୍ତ କାମ ପାଇଁ ଅଗ୍ରିମ ଦିଆଯାଉ। ଲୋକସେବା ପ୍ରଦାନକାରୀ ପ୍ରତି ଅଫିସ୍‌ରେ ଏଆଇ ଚାଟ୍‌ବଟ୍ ଭଳି ଭଏସ୍ ମେସେଜିଂ ବ୍ୟବସ୍ଥା କରାଯାଉ, ଲୋକଙ୍କ ଆପତ୍ତି (ଗ୍ରିଭାନ୍ସ) ସହଜରେ ତୁଟିପାରିବ, ଓଡ଼ିଶାର ହାପିନେସ୍ ଇଣ୍ଡେକ୍ସ ଖୁବ୍ ଉଚ୍ଚକୁ ଉଠିଯିବ।

sahadevasahoo@yahoo.com

# ନୌସେନା ଲଢୁଆ ପାଇଲଟ

ବ୍ୟକ୍ତିତ୍ୱ



ଆସ୍ଥା ପୁନିଆ

ସାଧାରଣରେ କୁହାଯାଇଥାଏ ପୁରୁଷମାନେ କଠିନ ତଥା ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ଅକ୍ଳେଶରେ କରିପାରିଥାଆନ୍ତି, ଯାହା ମହିଳାଙ୍କ କ୍ଷେତ୍ରରେ ସହଜ ହୋଇ ନ ଥାଏ। କିନ୍ତୁ କିଛିବର୍ଷ ହେବ ଦେଖାଯାଉଛି ଶତ୍ରୁଙ୍କ ସହ ଲଢ଼ିବା କ୍ଷେତ୍ରରେ ମଧ୍ୟ ଭାରତୀୟ ମହିଳାଙ୍କ ପ୍ରବେଶ ଉତ୍ସାହଜନକ ହେବାରେ ଲାଗିଛି। ଐତିହାସିକ ଦୃଷ୍ଟିରୁ ଦେଖିଲେ ରାଣୀ ଲକ୍ଷ୍ମୀବାଈଙ୍କ କଥା ପ୍ରାୟ ସମସ୍ତେ ପିଲାବେଳୁ ପଢ଼ିଆସିଥିବେ। ଏବର ସମୟରେ ମହିଳାମାନେ ମଧ୍ୟ ନିଜକୁ ଯୋଦ୍ଧା ସ୍ତରରେ ନେଇ ପହଞ୍ଚାଇ ସାରିଲେଣି। ଭାରତରେ ଯୁଦ୍ଧ ବିମାନ ଉଡ଼ାଣର ଧାରାରେ ୨୦୧୬ରେ ବିରାଟ ପରିବର୍ତ୍ତନ ଆସିଥିଲା। ଏହି ସମୟରେ ଭାରତୀୟ ବାୟୁସେନା ପ୍ରଥମେ ତିନି ଜଣ ମହିଳା ଅଫିସର ଅବନୀ ଚତୁର୍ବେଦୀ, ଭାବନା କାନ୍ଥ ଏବଂ ମୋହନା ସିଂହଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ନିଯୁକ୍ତ କରାଇ ଇତିହାସ ରଚିଥିଲା। ଏହାର ୯ ବର୍ଷ ପରେ ଭାରତୀୟ ନୌସେନାରେ ସବ୍ ଲ୍ୟୁଟ୍‌ନାଣ୍ଟ (ଏସ୍‌ଏଲ୍‌ଟି) ଆସ୍ଥା ପୁନିଆ ପ୍ରଥମ ମହିଳା ଭାବେ ଫାଇଟର ଷ୍ଟ୍ରିମ୍‌ରେ ଅନ୍ତର୍ଭୁକ୍ତ ହୋଇ ମହିଳା ପାଇଲଟମାନଙ୍କ ପାଇଁ ଏକ ନୂଆ ଯୁଗର ପଥ ଦେଖାଇଛନ୍ତି। ଭାରତୀୟ ନୌସେନା ମଧ୍ୟ ୩ ଜୁଲାଇ ୨୦୨୫ରେ ବିଶାଖାପାଟଣାର ଆଇଏନ୍‌ଏସ୍ ଡେଗାରେ ଦ୍ୱିତୀୟ ବେସିକ ହକ୍ କନ୍‌ଭରଶନ କୋର୍ସର ଅଂଶ ଭାବେ ଏହି ମହିଳାଙ୍କୁ ଏହାର ଫାଇଟର ଷ୍ଟ୍ରିମରେ ସାମିଲ କରିଛି। ଦେଖିବାକୁ ଗଲେ ଭାରତୀୟ ନୌସେନା ପୂର୍ବରୁ ଏମ୍‌ଆର୍ ବିମାନ ଏବଂ ହେଲିକପ୍ଟରରେ ମହିଳା ଅଫିସରମାନଙ୍କୁ ପାଇଲଟ ଏବଂ ନୌସେନା ଏୟାର ଅପରେଶନ ଅଫିସର ଭାବେ ଅନ୍ତର୍ଭୁକ୍ତ କରିସାରିଛି। କିନ୍ତୁ ଏସ୍‌ଏଲ୍‌ଟି ଆସ୍ଥା ପୁନିଆଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ଅନ୍ତର୍ଭୁକ୍ତ କରିବା ଭାରତୀୟ ନୌସେନାର ନୌସେନା ଏଭିଏସନ୍‌ରେ ଲିଙ୍ଗ ଅନ୍ତର୍ଭୁକ୍ତି ଓ ନାରୀ ଶକ୍ତିକୁ ପ୍ରୋତ୍ସାହନ ଦେବା, ସମାନତା ଏବଂ ସୁଯୋଗର ସଂସ୍କୃତି ସୃଷ୍ଟି କରିବା ପ୍ରତି ଥିବା ପ୍ରତିବଦ୍ଧତାକୁ ଉଜାଗର କରିଛି। ସବ୍ ଲ୍ୟୁଟ୍‌ନାଣ୍ଟ ଆସ୍ଥା ପୁନିଆ ଏବଂ ଲ୍ୟୁଟ୍‌ନାଣ୍ଟ ଅତୁଲ କୁମାର ଧୁଲ ଇତିମଧ୍ୟରେ ଆସିଷ୍ଟାଣ୍ଟ ଚିଫ୍ ଅଫ୍ ନାଭାଲ ଷ୍ଟାଫ୍ (ଏସିଏନ୍‌ଏସ୍) ଏୟାର ରିୟର ଆଡମିରାଲ ଜନକ ବେଭଲିଙ୍କଠାରୁ ମର୍ଯ୍ୟାଦାଜନକ 'ୱିଙ୍ଗ୍ସ ଅଫ୍ ଗୋଲ୍ଡ' ଗ୍ରହଣ କରିଛନ୍ତି। ତେବେ ବର୍ତ୍ତମାନ ଆସ୍ଥାଙ୍କ ବ୍ୟକ୍ତିତ୍ୱକୁ ନେଇ ଚାରିଆଡ଼େ ଚର୍ଚ୍ଚା।

ଉତ୍ତରପ୍ରଦେଶର ମିରଟ୍‌ରେ ଆସ୍ଥା ଜନ୍ମଗ୍ରହଣ କରିଥିଲେ। ମୁଜାଫରନଗର ସିଭିଲ ଲାଇନ୍ସସ୍ଥିତ ଏସ୍.ଡି. ଇଣ୍ଟର କଲେଜରୁ ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ରାଜସ୍ଥାନର ବନସ୍ଥଳୀ ବିଦ୍ୟାପୀଠ(ବନସ୍ଥଳୀ ବିଶ୍ୱବିଦ୍ୟାଳୟ)ରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂରେ ବି.ଟେକ୍ କରିଥିଲେ। ତାଙ୍କ ପିତା ଅରୁଣ ପୁନିଆ ମିରଟ୍‌ର ସାର୍ଦ୍ଧନାସ୍ଥିତ ଜବାହର ନବୋଦୟରେ ଗଣିତ ଶିକ୍ଷକ ଥିବା ବେଳେ ମାତା ସାନ୍ୟୋଗୀତା ଚୌଧାରୀ ମୁଜାଫରନଗର ବାଘ୍ରାଠାରେ ଏକ ପ୍ରାଥମିକ ସ୍କୁଲର ଅଧକ୍ଷା ଅଛନ୍ତି। ଭାଇ ହର୍ଷବର୍ଦ୍ଧନ ପୁନିଆ ଏବେ ପାଠ ପଢୁଛନ୍ତି। ଏକ ଶିକ୍ଷକ ପରିବାରରୁ ଆସିଥିବା ଆସ୍ଥାଙ୍କ ଆକାଶରେ ଉଡ଼ିବା ପିଲା ବେଳରୁ ଲକ୍ଷ୍ୟ ଥିଲା। ଦ୍ୱାଦଶ ପରୀକ୍ଷାରେ ପଦାର୍ଥ ବିଜ୍ଞାନ, ଗଣିତ ଓ ରସାୟନ ବିଜ୍ଞାନ ନେଇ ପଢ଼ିଥିଲେ। ଆସ୍ଥା ବନସ୍ଥଳୀ ବିଦ୍ୟାପୀଠରେ ବି.ଟେକ୍ କରିବା ବେଳେ ଜୁଲାଇ ୨୦୨୨ରୁ ଡିସେମ୍ବର ୨୦୨୨ ଯାଏ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆର୍‌ଡିଓ)ରେ ୬ ମାସିଆ ଇର୍ଣ୍ଟର୍ନଶିପ୍ କରିଥିଲେ। ପରେ ମେ' ୨୦୨୩ରୁ ଜୁନ୍ ଶେଷଯାଏ ଦୁଇମାସ ଧରି ହାଇଦ୍ରାବାଦରେ ଥିବା ଆମେରିକୀୟ ସୂଚନା ପ୍ରଯୁକ୍ତି କମ୍ପାନୀ ହେୱଲେଟ୍–ପାକାର୍ଡ ଏଣ୍ଟରପ୍ରାଇଜ୍ (ଏଚ୍‌ପିଇ)ରେ ସେ ସଫ୍ଟୱେର ବିକାଶ ସମ୍ବନ୍ଧୀୟ ଇର୍ଣ୍ଟର୍ନଶିପ୍ ମଧ୍ୟ କରିଥିଲେ। ପରେ ସେ ଆର୍ମି ଏଣ୍ଟ୍ରି ଏକ୍‌ଜାମ (ଟେକ୍‌ନିକାଲ ଏଣ୍ଟ୍ରି) ଦେଇ ସେଥିରେ କୃତକାର୍ଯ୍ୟ ହୋଇଥିଲେ। ଫଳରେ ତାଙ୍କୁ ଭାରତୀୟ ନୌସେନାରେ ଯୋଗଦେବା ଲାଗି ସୁଯୋଗ ମିଳିଥିଲା। କେରଳର ଏଝିମାଲାସ୍ଥିତ ଇଣ୍ଡିଆନ୍ ନାଭାଲ ଏକାଡେମୀ (ଆଇଏନ୍‌ଏ)ରେ ସେ ଦୁଇବର୍ଷ ପ୍ରଶିକ୍ଷଣ ନେଇଥିଲେ। ୩ ଜୁଲାଇ ୨୦୨୫ରେ ନୌସେନା ବିମାନ ଚାଳନାର ଲଢୁଆ ଷ୍ଟ୍ରିମ୍‌ରେ ପ୍ରଥମ ମହିଳା ହେବାର ସେ ଗୌରବ ଅର୍ଜନ କଲେ।

ଦୃଢ଼ ଇଚ୍ଛାଶକ୍ତି ଥିଲେ ଜଣେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରନ୍ତି ବୋଲି ଆସ୍ଥାଙ୍କ ଜୀବନଯାତ୍ରା ସୂଚାଇ ଦେଇଛି। ବି.ଟେକ୍‌ର ଛାତ୍ରୀ ହୋଇ ସେ ଯେଉଁ ପର୍ଯ୍ୟାୟ ଦେଇ ଆଜି ଏଭଳି ସ୍ଥାନରେ ପହଞ୍ଚିପାରିଛନ୍ତି, ନିଶ୍ଚିତ ଭାବେ ସେ ଦୁଃସାହସିକ ଲଢୁଆ ଉଡ଼ାଣ କରିବାକୁ ଲକ୍ଷ୍ୟ ରଖିଥିବା ଯୁବତୀଙ୍କ ପାଇଁ ପ୍ରେରଣାଦାୟିନୀ ପାଲଟିଛନ୍ତି। ଅବିବାହିତା ଆସ୍ଥାଙ୍କ କାର୍ଯ୍ୟଦକ୍ଷତା ଉପରେ ନୌସେନାର ଆସ୍ଥାପ୍ରକଟ ନିଶ୍ଚିତ ଭାବେ ତାଙ୍କୁ ଆଗକୁ ବଢ଼ି ଭବିଷ୍ୟତରେ ଆହୁରି ନୂଆ ମାଇଲଖୁଣ୍ଟ ସ୍ଥାପନର ସୁଯୋଗ ଦେଉ ବୋଲି ପ୍ରତି ଭାରତୀୟ ଆଶା ରଖିବା ସ୍ୱାଭାବିକ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଓଡ଼ିଶାରେ ଆମେ ପାଖାପାଖି ୧ କେ.ଜି. ଓଜନର ଆମ୍ବ ଦେଖିଥାଉ। ଏହି କିସମର ଆମ୍ବକୁ ଆମେ ମଣିଷମୁଣ୍ଡିଆ ଆମ୍ବ ବୋଲି କହୁ ଓ ଏହା ଧୀରେ ଧୀରେ ଲୋପ ହେବାକୁ ବସିଲାଣି। ହେଲେ ଏବେ ମଧ୍ୟପ୍ରଦେଶରେ ୩ କେ.ଜି.ରୁ ଅଧିକ ଓଜନର ଆମ୍ବ ଫଳୁଛି। ବିଶ୍ୱାସ ହେଉ ନ ଥିଲେ ବି ସତ। କାଥିୱାଡର ଶିବରାଜ ସିଂ ଯାଦବ ତାଙ୍କ ଫାର୍ମରେ ଏହି କିସମର ଆମ୍ବ ଫଳାଉଛନ୍ତି। ତାଙ୍କ ଫାର୍ମର ନାଁ ହେଉଛି ନୁର୍‌ଜାହାଁ ମ୍ୟାଙ୍ଗୋ ଫାର୍ମ ଏବଂ ଏହି କିସମର ଆମ୍ବ ନାମ ଦେଇଛନ୍ତି ନୁର୍‌ଜାହାଁ ଆମ୍ବ। ମୋଗଲ ରାଣୀ ନୁର୍‌ଜାହାଁଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଅନେକ ଶତାବ୍ଦୀ ପୂର୍ବରୁ ନୁର୍‌ଜାହାଁ କିସମର ଆମ୍ବ ଆଫଗାନିସ୍ତାନରୁ ଗୁଜରାଟ ଦେଇ ମଧ୍ୟପ୍ରଦେଶକୁ ଆସିଥିଲା। ଏହି ଗଛରେ ଜାନୁଆରୀ କିମ୍ବା ଫେବୃଆରୀରେ ବଉଳ ଆସେ ଓ ଜୁନ୍‌ରେ ପାଚିଥାଏ। ଶିବରାଜଙ୍କ ବାପା ୧୯୬୫ରେ ପ୍ରଥମେ ଫାର୍ମ କରିବା ସହ ଏହି କିସମ ଆମ୍ବ ଲଗାଇଥିଲେ। ଏବେ ଏହି କିସମ ଆମ୍ବ ଆମେରିକା ଓ ଇଂଲଣ୍ଡକୁ ରପ୍ତାନି କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୬ ଜୁଲାଇ ୧୯୭୬

- ବହିରାକ୍ରମଣ ଉଦ୍ୟମରୁ ଦେଶର ସୁରକ୍ଷା ପାଇଁ ସମଗ୍ର ସୁଦାନରେ ଜରୁରୀ ପରିସ୍ଥିତି ଘୋଷଣା।
- କମ୍ୟୁନିଷ୍ଟ ଦଳର ପୂର୍ବତନ ପାର୍ଲାମେଣ୍ଟ ସଦସ୍ୟ ଓ ଜନୈକ ଜଣାଶୁଣା ମାର୍କ୍ସପନ୍ଥୀ ଦାର୍ଶନିକ ଶ୍ରୀ କେ. ଦାମଦରନ୍‌ଙ୍କ ୬୩ବର୍ଷ ବୟସରେ ପରଲୋକ।
- ମାନ୍ଦ୍ରାଜର ଏକ ସହରତଳି ଅଞ୍ଚଳରେ ମେଥିଲେଟେଡ୍ ସ୍ପିରିଟ୍ ମିଶା ବିଷାକ୍ତ ମଦ୍ୟପାନ କରି ୮୫ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ମିଳୁନି ପିଇବା ପାଣି

ମହାଶୟ,

ସରକାରଙ୍କ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। କିନ୍ତୁ ସେସବୁ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ସାଧାରଣ ଲୋକେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ପୁରୀ ଜିଲା ସତ୍ୟବାଦୀ ବ୍ଲକର ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଏମିତି ଗାଁ ଅଛି, ଯେଉଁଠାରେ ପିଇବା ପାଣି ସୁବିଧା ନାହିଁ। ଖବରକାଗଜରେ ପ୍ରକାଶିତ ଖବର ଅନୁସାରେ ପୁରୀ ଜିଲାରେ ଝାଡ଼ାବାନ୍ତି ବ୍ୟାପିଛି। କଣାସ ଓ ଅସ୍ତରଙ୍ଗ ବ୍ଲକର ଶତାଧିକ ଗ୍ରାମରେ ନୂଆ ରୋଗୀ ଚିହ୍ନଟ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଏ ପର୍ଯ୍ୟନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରି ନ ପାରିବା ଚିନ୍ତାଜନକ। ପୁରୀ ଜିଲାର ୧୧ଟି ବ୍ଲକ ଅଧୀନ ପଞ୍ଚାୟତଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳର ଅଭାବ ଏବଂ ଅପରିଷ୍କାର ପରିବେଶ ଏହି ରୋଗ ବ୍ୟାପିବାରେ ସହାୟକ ହୋଇଛି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥାକୁ ଠିକ୍ କରାଯିବା ଆବଶ୍ୟକ। ଏଥିପ୍ରତି ସମସ୍ତ ଜନପ୍ରତିନିଧି, ସାମାଜିକ ସଂଗଠନ ତଥା ସରକାର ଗୁରୁତ୍ୱ ଦେବେ ବୋଲି ଆଶା।

– ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E–mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E–mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୋ ପରି ତରଙ୍ଗ ମୋର ବହଇ ଉଜାଣି।
ଜୁଆର କହଇ ଆସି ଜୁଆରର ବାଣୀ,
ତୁ କି ଲୋ ମୋହରି ପାଇଁ
ଚିର ଦିନ ଅଛୁ ଧାଇଁ?
ମୋର ଜୀବନର ନଦୀ ତୁହି କି ଲୋ ରାଣୀ!
(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଟେକ୍ସାସ୍‌ରେ ବନ୍ୟା: ୨୭ ମୃତ

ଟେକ୍ସାସ୍, ୫।୭

ଆମେରିକାରର ଟେକ୍ସାସରେ ଶନିବାର ବନ୍ୟା ସ୍ଥିତି ଉତ୍କଟ ରୂପ ଧାରଣ କରିଛି। ଏହି ବନ୍ୟାରେ ୨୭ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ମୃତକଙ୍କ ମଧ୍ୟରେ ୯ ଜଣ ଶିଶୁ ରହିଛନ୍ତି। ମଧ୍ୟ ଟେକ୍ସାସର ଗ୍ୱାଡାଲୁପ୍ ନଦୀରେ ଲଗାଣ ବର୍ଷା ଯୋଗୁ ଜଳସ୍ତର ବୃଦ୍ଧି ଘଟିବାରୁ ଏହି ବନ୍ୟାସ୍ଥିତି ଦେଖାଦେଇଛି। କେର୍‌ଭିଲ୍ ସହରରେ ଆୟୋଜନ ହେଉଥିବା ଏକ ଖ୍ରୀଷ୍ଟିଆନ୍ ଗ୍ରୀଷ୍ମକାଳୀନ ଶିବିରକୁ ଯାଇଥିବା ଅନ୍ୟୂନ ୨ ଡଜନ୍ ଛାତ୍ରୀ ଏହି ବନ୍ୟାରେ ନିଖୋଜ ରହିଛନ୍ତି। କେବଳ ମଧ୍ୟ ଟେକ୍ସାସରେ ପାଣି ଘେର ମଧ୍ୟରୁ ଅତି କମ୍‌ରେ ୮୫୦ ଲୋକଙ୍କୁ ଉଦ୍ଧାର କରାଯାଇଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ରେସ୍କ୍ୟୁ ଟିମ୍ ହେଲିକପ୍ଟର, ବୋଟ୍ ଏବଂ ଡ୍ରୋନ୍ ମାଧ୍ୟମରେ ବନ୍ୟା ଘେରରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବନ୍ୟାକୁ ଭୟାବହ କହିବା ସହ ଦୁଃଖ ପ୍ରକାଶ କରିଛନ୍ତି। ହ୍ୱାଇଟ ହାଉସ୍ ପକ୍ଷରୁ ଟେକ୍ସାସ୍ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ସହାୟତାର ପ୍ରତିଶ୍ରୁତି ଦିଆଯାଇଛି।

### ୫ ବସ୍ ମଧ୍ୟରେ ଧକ୍କା: ୩୬ ଅମରନାଥ ଯାତ୍ରୀ ଆହତ

ରମ୍ବାନ/ଜମ୍ମୁ,୫।୭(ପି.ଟି.)

ଜମ୍ମୁ-କଶ୍ମୀରର ରମ୍ବାନ ଜିଲାରେ ୫ଟି ବସ୍ ପରସ୍ପରକୁ ଧକ୍କା ଦେବାରୁ ବିଭିନ୍ନ ରାଜ୍ୟରୁ ଆସିଥିବା ଅନ୍ୟୂନ ୩୬ ଜଣ ଅମରନାଥ ତୀର୍ଥଯାତ୍ରୀ ଆହତ ହୋଇଛନ୍ତି। ବସ୍‌ଗୁଡ଼ିକ ଜମ୍ମୁର ଭଗୱତୀ ନଗରରୁ ଦକ୍ଷିଣ କଶ୍ମୀରର ପହଲଗାମ୍ ବେସ୍ କ୍ୟାମ୍ପ ଅଭିମୁଖେ ଯାଉଥିଲେ। ଆହତମାନଙ୍କୁ ରମ୍ବାନ ଜିଲା ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ସେମାନେ ଯାତ୍ରାରେ ସାମିଲ ହୋଇଛନ୍ତି। ଶନିବାର ସକାଳ ୮ଟାରେ ଗୋଟିଏ ବସ୍‌ର ବ୍ରେକ୍ ଫେଲ୍ ହେବାରୁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ଚଣ୍ଡେରକୋଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି।

# ମରାଠୀଙ୍କ ସ୍ୱର: ହିନ୍ଦୀକୁ ବରଦାସ୍ତ କରିବୁନି

ମୁମ୍ବାଇ,୫।୭

ରାଜନୈତିକ କାରଣରୁ ପରସ୍ପରଠାରୁ ଅଲଗା ହେବାର ଦୀର୍ଘ ୨ ଦଶନ୍ଧି ପରେ ୨ ଠାକ୍‌ରେ ଭ୍ରାତା ଉଦ୍ଧବ ଏବଂ ରାଜ ଶନିବାର ମୁମ୍ବାଇରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଏକାଠି ହୋଇଛନ୍ତି। 'ଆୱାଜ ମରାଠୀଚା' (ମରାଠୀଙ୍କ ସ୍ୱର) ନାମରେ ଅନୁଷ୍ଠିତ ଏହି ରାଲିକୁ ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମିଳିତ ଭାବେ ଆୟୋଜନ କରିଥିଲେ। ୨୦୦୫ ପରେ ପରସ୍ପରଠାରୁ ଅଲଗା ଥିବା ଦୁଇ ଭାଇ ପ୍ରଥମ ଥର ପାଇଁ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି।

ମହାରାଷ୍ଟ୍ରର ମହାମେଣ୍ଟ ସରକାର ରାଜ୍ୟର ପ୍ରାଥମିକ ସ୍କୁଲ୍ ସ୍ତରରେ ୩ ଭାଷା ନୀତି ଲାଗୁ କରିବା ନାମରେ ହିନ୍ଦୀକୁ ତୃତୀୟ ଭାଷା ଭାବେ ଜବରଦସ୍ତ ଲଦିଦେବାକୁ ଉଦ୍ୟମ କରିଥିଲେ। ତେବେ ଉଭୟ ଉଦ୍ଧବ ଏବଂ ରାଜ୍‌ଙ୍କ ଜୋର୍‌ଦାର ବିରୋଧ ପରେ ସରକାର ଉକ୍ତ ବିବାଦୀୟ ନୀତିକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହୋଇଛନ୍ତି। ମରାଠୀ ଭାଷା ପରିଚୟର ବିଜୟ ସ୍ୱରୂପ ଏହି ରାଲିର ଆୟୋଜନ କରାଯାଇଥିଲା।


ବିଜୟ ସମାବେଶରେ ରାଜ୍ ଠାକ୍‌ରେଙ୍କ ସହ ଉଦ୍ଧବ ଠାକ୍‌ରେ।

ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ଉଦ୍ୟମ ହିଁ ଉଦ୍ଧବ ଓ ରାଜ୍‌ଙ୍କୁ ଏକାଠି କରିପାରିଛି। ତେଣୁ ବାଲା ସାହେବ ଏବଂ ଅନ୍ୟମାନେ ଯାହା କରିପାରି ନ ଥିଲେ, ତାହା ଫଡ଼ନବିସ୍ କରିପାରିଲେ ବୋଲି ରାଜ୍ ଠାକ୍‌ରେ ମଞ୍ଚରେ କହିଛନ୍ତି। ଆପଣମାନଙ୍କର ବିଧାନ ଭବନରେ କ୍ଷମତା ଥାଇପାରେ, ଆମର ରାସ୍ତାରେ କ୍ଷମତା ରହିଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କ ୩ ଭାଷା ନୀତିକୁ ରାଜ୍ୟରେ ଲାଗୁ କରିବା ପାଇଁ ଯୋଜନା ହୋଇଥିଲା। ସୁପ୍ରିମକୋର୍ଟ, ହାଇକୋର୍ଟଠାରୁ ଆରମ୍ଭ କରି ସବୁଠି ଇଂଲିଶ ବ୍ୟବହାର ହେଉଛି। ତେବେ ମହାରାଷ୍ଟ୍ରରେ ହିନ୍ଦୀକୁ ଲଦିଦେବାକୁ କାହିଁକି ଉଦ୍ୟମ ହେଉଛି ବୋଲି ରାଜ୍ ପ୍ରଶ୍ନ କରିବା ସହ ମହାରାଷ୍ଟ୍ର ଜାଗ୍ରତ ହେଲେ କ'ଣ ହେବ, ତାହା ଦେଖିବ ବୋଲି କହିଛନ୍ତି। ମରାଠୀ ଭାଷା କହିବାରେ କେହି ନାଟକବାଜି କଲେ ଚାପୁଡ଼ା ଖାଇବେ। ମରାଠୀ ଭାଷା ସହ ସାଲିସ୍ କରାଯିବ ନାହିଁ ବୋଲି ରାଜ ଠାକ୍‌ରେ ସଂକଳ୍ପ କରିଛନ୍ତି।

ରାଲିରେ ଉଦ୍‌ବୋଧନ ଦେଇ ଉଦ୍ଧବ ଠାକ୍‌ରେ କହିଛନ୍ତି, ଅନେକ ବର୍ଷ ପରେ ଆମେ ୨ ଭାଇ ମଞ୍ଚରେ ଏକାଠି ହୋଇଛୁ ଏବଂ ଏକାଠି ହେବାକୁ ଆସିଛୁ। ଏହି ମିଳନ କେବଳ ରାଜନୀତି ନୁହେଁ, ମରାଠୀ ଭାଷାକୁ ନେଇ ବୋଲି ସେ କହିଥିଲେ। ଶିବସେନା(ୟୁବିଟି) ଏବଂ ଏମ୍‌ଏନ୍‌ଏସ୍‌ର ଅନେକ ହଜାର ସମର୍ଥକ ଶୋଭାଯାତ୍ରାରେ ଆସି ମିଳିତ ରାଲି 'ଆୱାଜ ମରାଠୀଚା'ରେ ଯୋଗଦେଇଥିଲେ। ଶେଷ ଥର ପାଇଁ ରାଜ୍ ଏବଂ ଉଦ୍ଧବ ୨୦୦୫ର ମାଲଭାନ ବିଧାନସଭା ଉପନିର୍ବାଚନ ପ୍ରଚାରରେ ଏକାଠି ଦେଖିବାକୁ ମିଳିଥିଲେ। ସେତେବେଳେ ବାଲ୍ ଠାକ୍‌ରେଙ୍କ ନେତୃତ୍ୱରେ ଶିବସେନା ଏକାଠି ଥିଲା। ଦଳରେ ଆଭ୍ୟନ୍ତରୀଣ ମତଭେଦକୁ ନେଇ ବରିଷ୍ଠ ଶିବସେନା ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଯୋଗୁ ସେତେବେଳେ ଉପନିର୍ବାଚନ କରିବାକୁ ପଡ଼ିଥିଲା। ୨୦୦୩ ଜାନୁଆରୀରେ ବାଲ୍ ଠାକ୍‌ରେ ପୁଅ ଉଦ୍ଧବଙ୍କୁ ଦଳର କାର୍ଯ୍ୟକାରୀ ସଭାପତି କରିଥିବାବେଳେ ପୁତୁରା ରାଜ୍ ଏହାକୁ ଆନୁଷ୍ଠାନିକ ସମର୍ଥନ ଜଣାଇଥିଲେ। କିଛିଦିନ ପରେ ଦଳୀୟ ର୍ୟାଙ୍କ୍‌ରେ ଆକ୍ରୋଶ ମୁଣ୍ଡ ଟେକିଥିଲା। ପ୍ରଚାରରେ ରାଜ୍‌ଙ୍କ ସମର୍ଥକମାନଙ୍କୁ ଅଣଦେଖା କରାଯାଉଥିବା ଏବଂ ଟିକେଟ ବଣ୍ଟନରେ ପକ୍ଷପାତିତାକୁ ନେଇ ରାଜ୍ ଠାକରେ ଶିବସେନାରୁ ଦୂରେଇ ଯାଇଥିଲେ। ୨୦୦୫ ନଭେମ୍ବରରେ ସେ ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ ଓ ପରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଗଠନ କରିଥିଲେ।

ପୌର ନିର୍ବାଚନ ପୂର୍ବରୁ ରାଜନୈତିକ ଭାଗ୍ୟକୁ ପୁନର୍ଜୀବିତ କରିବା ଏବଂ ହରାଇଥିବା ସ୍ଥିତିକୁ ଫେରିପାଇବା ଉଦ୍ଦେଶ୍ୟରେ ଉଦ୍ଧବ ଓ ରାଜ୍‌ଙ୍କ ମିଳିତ ରାଲିକୁ ଭାଜପା ନେତାମାନେ ନିରାଶ ଉଦ୍ୟମ ବୋଲି କହିଛନ୍ତି। ଏହି ରାଲି ବରଂ ଏକ ପାରିବାରିକ ପୁନର୍ମିଳନ ବୋଲି ମହାରାଷ୍ଟ୍ର ମନ୍ତ୍ରୀ ଆଶିଷ ଶେଲାର ଏବଂ ଭାଜପା ଏମ୍‌ଏଲ୍‌ସି ପ୍ରବୀନ୍ ଡାରେକାର କହିଛନ୍ତି। ଏହା ଭାଷାକୁ ଭଲ ପାଇବାର ରାଲି ନୁହେଁ, ବରଂ ଏକଦା ଘରୁ ତଡ଼ିଦେଇଥିବା ଭାଇଙ୍କୁ ସର୍ବସାଧାରଣରେ ଖୁସି କରାଇବା ପାଇଁ ଉଦ୍ଦିଷ୍ଟ ବୋଲ ଶେଲାର କହିଛନ୍ତି।

### ବିଗ୍ ବିଉଟିଫୁଲ୍ ବିଲ୍ ଆଇନରେ ପରିଣତ

ୱାଶିଂଟନ,୫।୭

ଟିକସ ଏବଂ ଖର୍ଚ୍ଚ କାଟ୍ ଲାଗି ଅଣାଯାଇଥିବା ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍ ଆମେରିକା କଂଗ୍ରେସରେ ଗୃହୀତ ହେବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଏଥିରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ମହତ୍ତ୍ୱାକାଂକ୍ଷୀ ବିଲ୍ ଆଇନରେ ପରିଣତ ହୋଇଛି। ୨୦୧୭ରେ କରାଯାଇଥିବା ଟ୍ୟାକ୍ସରେ ହ୍ରାସକୁ ସ୍ଥାୟୀ କରିବା ଏହି ଆଇନର ଉଦ୍ଦେଶ୍ୟ। ଏହାଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ୬,୦୦୦ ଡଲାର ପର୍ଯ୍ୟନ୍ତ ଟ୍ୟାକ୍ସ ଡିଡକ୍ସନ ସୁବିଧା ମିଳିବା ସହ ଚାଇଲ୍ଡ ଟ୍ୟାକ୍ସ କ୍ରେଡିଟ୍‌କୁ ୨୦୦୦ରୁ ୨୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଏହା ବ୍ୟତୀତ ସୀମା ସୁରକ୍ଷା ପାଇଁ ୩୫୦ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ମଧ୍ୟ ପ୍ରସ୍ତାବ ରହିଛି। ହ୍ୱାଇଟ୍ ହାଉସ୍ ବାହାରେ ବହୁ ଟ୍ରିଲିୟନ ଡଲାର ବିଧେୟକରେ ଟ୍ରମ୍ପ ସ୍ୱାକ୍ଷର କରିବା ପରେ ହାଉସ୍ ସ୍ପିକର ମାଇକ୍ ଜନ୍‌ଶନ ଦେଇଥିବା ହାତୁଡ଼ିକୁ ପିଟିଥିଲେ। ଏହି ସମୟରେ ରିପବ୍ଲିକାନ୍ ସଦସ୍ୟଙ୍କ ସମେତ ଟ୍ରମ୍ପଙ୍କ କ୍ୟାବିନେଟ୍ ସହକର୍ମୀମାନେ ଉପସ୍ଥିତ ଥିଲେ। ଏହା ଏକ ଐତିହାସିକ ସଫଳତା ବୋଲି ଟ୍ରମ୍ପ କହିଛନ୍ତି।

# ନୀରବ ମୋଦିଙ୍କ ଭାଇ ଆମେରିକାରେ ଗିରଫ

ନୂଆଦିଲ୍ଲୀ,୫।୭


ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ସାନଭାଇ ନେହାଲ ମୋଦିଙ୍କୁ ଆମେରିକା କର୍ତ୍ତୃପକ୍ଷ ଗିରଫ କରିଛନ୍ତି। ବହୁ କୋଟି ଟଙ୍କା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଋଣ ଜାଲିଆତିରେ ନେହାଲ ଅଭିଯୁକ୍ତ ହୋଇଥିବାବେଳେ ତାଙ୍କ ପ୍ରତ୍ୟର୍ପଣ ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିବେଦନ କରିଥିଲେ। ଇଣ୍ଟରପୋଲ୍ ଦ୍ୱାରା ରେଡ୍ କର୍ନର ନୋଟିସ ଜାରି ହୋଇଥିବା ନେହାଲଙ୍କୁ ଶୁକ୍ରବାର ଗିରଫ କରାଯାଇ ହାଜତକୁ ନିଆଯାଇଥିବା ଆମେରିକୀୟ ଅଧିକାରୀ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଜୁଲାଇ ୧୭ରେ ପରବର୍ତ୍ତୀ ଶୁଣାଣି ଥିବାବେଳେ ଜାମିନ ପାଇଁ ନେହାଲ ଆବେଦନ

### ପିଏନ୍‌ବି ଜାଲିଆତି ମାମଲା


ନେହାଲ ମୋଦି

କରିପାରନ୍ତି। ଆମେରିକା ଫେଡେରାଲ ପ୍ରସିକ୍ୟୁଟରମାନେ ନେହାଲଙ୍କ ନାମରେ ୨ଟି ଅଭିଯୋଗ ଆଣିଛନ୍ତି। ତାହା ହେଲା ପିଏମ୍‌ଏଲ୍‌ଏର ଧାରା ୩ ଅନୁଯାୟୀ ମନିଲଣ୍ଡରିଂ ମାମଲା ଏବଂ ଆପରାଧିକ ଷଡ଼ଯନ୍ତ୍ର (ଆଇପିସିର ଧାରା ୧୨୦ବି) ଓ ପ୍ରମାଣ ନଷ୍ଟ କରିବା(ଧାରା ୨୦୧)।

ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସିଙ୍କ ଦ୍ୱାରା କରାଯାଇଥିବା ୧୩,୦୦୦ କୋଟି ଟଙ୍କାର ପିଏନ୍‌ବି ଋଣ ଜାଲିଆତିରେ ୪୬ ବର୍ଷୀୟ ନେହାଲ ଜଣେ ଅଭିଯୁକ୍ତ। ନୀରବ ଜାଲ୍ ଲେଟର ଅଫ୍ ଅଣ୍ଡରଟେକିଂ ଜରିଆରେ ପିଏନ୍‌ବିରୁ ୬,୪୯୮ କୋଟି ଟଙ୍କା ନେଇଯାଇଥିବାବେଳେ ଅବଶିଷ୍ଟ ଅର୍ଥକୁ ସମାନ ଉପାୟରେ ମେହୁଲ ହଡ଼ପ କରିଥିଲେ ବୋଲି ସିବିଆଇ ଚାର୍ଜଶିଟ୍‌ରେ କୁହାଯାଇଛି। ସେଲ୍ କମ୍ପାନୀ ଜରିଆରେ ବେଆଇନ ଭାବେ ବିପୁଳ ଅର୍ଥରାଶିକୁ ଟ୍ରାନ୍ସଫର କରାଇବାରେ ନେହାଲଙ୍କର ପ୍ରମୁଖ ଭୂମିକା ରହିଥିଲା। ମନିଲଣ୍ଡରିଂରେ ସମ୍ପୃକ୍ତି ନେଇ ନେହାଲ ଭାରତର ୱାଣ୍ଟେଡ୍ ତାଲିକାରେ ରହିଥିଲେ। ନୀରବ ଏବେ ଲଣ୍ଡନ ଜେଲରେ ରହିଛନ୍ତି।


ଆର୍ଜେଣ୍ଟିନାର ବୁଏନ୍ସ ଆୟର୍ସରେ ଶନିବାର ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରୁଛନ୍ତି।

# ପାଟନାରେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

### ୭ ବର୍ଷ ପୂର୍ବରୁ ପୁଅଙ୍କୁ ହତ୍ୟା କରାଯାଇଥିଲା


ଗୋପାଳ ଖେମ୍‌କା

ପାଟନା,୫।୭(ପି.ଟି.)

ବିହାର ଖ୍ୟାତନାମା ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କୁ ତାଙ୍କ ପାଟନା ବାସଭବନ ବାହାରେ ଗୁଳିକରି ହତ୍ୟା କରାଯାଇଛି। ଜଣେ ବନ୍ଧୁକଧାରୀ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ୭ ବର୍ଷ ପୂର୍ବରୁ ଖେମ୍‌କାଙ୍କ ପୁଅଙ୍କୁ ହାଜିପୁରରେ ଗୁଳିକରି ହତ୍ୟା କରାଯାଇଥିଲା। ଗାନ୍ଧୀ ମଇଦାନରେ ଥିବା ନିଜ ଘର ଗେଟ୍ ନିକଟରେ ଶୁକ୍ରବାର ରାତି ୧୧ଟା ୪୦ରେ ଖେମ୍‌କା ତାଙ୍କ କାର୍‌ରୁ ଓହ୍ଲାଉଥିବାବେଳେ ଦୁର୍ବୃତ୍ତ ଗୁଳି କରିଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶନିବାର ଏକ ବୈଠକରେ ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିବା ସହ ଖେମ୍‌କା ହତ୍ୟାକାଣ୍ଡର ତଦନ୍ତ ତୁରନ୍ତ ଶେଷ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫୋରେନ୍‌ସିକ ବିଶେଷଜ୍ଞମାନେ ତଥ୍ୟପ୍ରମାଣ ଓ ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରୁଛନ୍ତି। ଘଟଣାସ୍ଥଳରୁ ଗୋଟିଏ ଗୁଳି ଓ କାର୍ଟ୍ରିଜ ଜବତ ହୋଇଛି। ପୋଲିସ ଅଫିସର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ହତ୍ୟାକାଣ୍ଡର ୨ ଘଣ୍ଟା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ବୋଲି ଖେମ୍‌କାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଥିବାବେଳେ ପୋଲିସ ମହାନିର୍ଦ୍ଦେଶକ ବିନୟ କୁମାର ଏହାକୁ ଖଣ୍ଡନ କରିଛନ୍ତି। ସ୍ପେଶାଲ ଟାସ୍କଫୋର୍ସ ଏବଂ କେନ୍ଦ୍ରୀୟ ଜିଲା ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିବା ଡିଜିପି କହିଛନ୍ତି।

### ବିହାରରେ ଭୋଟର ତାଲିକା ସଂଶୋଧନ

# ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜକଲା ଏଡିଆର୍

ନୂଆଦିଲ୍ଲୀ/ପାଟନା,୫।୭

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ଭୋଟର ତାଲିକାରେ ସଂଶୋଧନ ପାଇଁ ନିର୍ବାଚନ କମିଶନ (ଇସି)ଙ୍କ ସ୍ୱତନ୍ତ୍ର ସଘନ ପୁନଃ ନିରୀକ୍ଷଣ (ଏସ୍‌ଆଇଆର୍)କୁ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ଶନିବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ବିହାରରେ ଏସ୍‌ଆଇଆର୍ କାର୍ଯ୍ୟକାରୀ କରିବା ପାଇଁ ଜୁନ୍ ୨୪ରେ ଇସି ନିର୍ଦ୍ଦେଶନାମା ଜାରି କରିଥିଲେ। ଭୋଟର ତାଲିକାରୁ ଅଯୋଗ୍ୟ ନାମକୁ ବାଦ୍ ଦେଇ କେବଳ ଯୋଗ୍ୟ ନାଗରିକଙ୍କୁ ରଖିବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ତେବେ ଏହା ସମ୍ବିଧାନର ଅନୁଚ୍ଛେଦ ୧୪, ୧୯, ୨୧, ୩୨୫ ଏବଂ ୩୨୬ର ଉଲ୍ଲଂଘନ କରିବା ସହ ଜନପ୍ରତିନିଧି ଆଇନର ବ୍ୟବସ୍ଥା ଓ ଭୋଟର ପଞ୍ଜୀକରଣ ନିୟମାବଳୀର ରୁଲ୍ ୨୧ଏ'କୁ ଉଲ୍ଲଂଘନ କରୁଥିବା ଦର୍ଶାଇ ଉକ୍ତ ନିର୍ଦ୍ଦେଶନାମାକୁ ଖାରଜ କରିବା ପାଇଁ ଏନ୍‌ଜିଓ ପକ୍ଷରୁ ଅଦାଲତଙ୍କୁ ନିବେଦନ କରାଯାଇଛି। ପିଟିଶନ ଦାଏର କରିଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ଇସିଙ୍କ ନିର୍ଦ୍ଦେଶନାମା ମନମୁଖି ଭାବେ ଏବଂ ଉପଯୁକ୍ତ ପ୍ରକ୍ରିୟା ବିନା ଅନେକ ଲକ୍ଷ୍ୟ ଭୋଟରଙ୍କୁ ନାଗରିକତ୍ୱରୁ ବଞ୍ଚିତ କରିପାରେ ଏବଂ ମୁକ୍ତ ଓ ଅବାଧ ନିର୍ବାଚନରେ ବାଧା ସୃଷ୍ଟି କରିପାରେ। ନିର୍ଦ୍ଦେଶନାମାର କାଗଜପତ୍ର ଆବଶ୍ୟକତା, ଉପଯୁକ୍ତ ପ୍ରକ୍ରିୟାର ଅଭାବ ଏବଂ ଭୋଟର ତାଲିକାର ଏସ୍‌ଆଇଆର୍ ପାଇଁ ଅନୁଚିତ ଭାବେ ସ୍ୱଳ୍ପ ସମୟସୀମା କେବଳ ଅନେକ ଲକ୍ଷ ଯୋଗ୍ୟ ଭୋଟରଙ୍କ ନାଁକୁ ତାଲିକାରୁ ହଟାଇବ, ଯାହା ଫଳରେ ସେମାନେ ମତାଧିକାର ହରାଇବେ ବୋଲି ପ୍ରଶାନ୍ତ କହିଛନ୍ତି। ୨୦୦୩ରେ ଏଭଳି ଭୋଟର ତାଲିକାରେ ପରିବର୍ତ୍ତନ କରାଯାଇଥିଲା। ସହରୀକରଣର ଦ୍ରୁତ ବୃଦ୍ଧି, ଭୋଟର ତାଲିକାରେ ବିଦେଶୀ ଅପ୍ରବାସୀମାନଙ୍କ ନାମ ସାମିଲ ହୋଇଥିବାରୁ ଏହାର ପୁନଃ ଅନୁଧ୍ୟାନ ଆବଶ୍ୟକ। ସେହିପରି ଯୁବବର୍ଗଙ୍କୁ ଯୋଗ୍ୟ ଭୋଟର କରିବା ତଥା ମୃତବ୍ୟକ୍ତିଙ୍କ ସମ୍ପର୍କରେ ରିପୋର୍ଟ କରାଯାଉ ନ ଥିବାରୁ ଏସ୍‌ଆଇଆର୍‌ର ଆବଶ୍ୟକତା ରହିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

### ଦେଢ଼ କୋଟି ଭୋଟରଙ୍କ ମତାଧିକାର ଛଡ଼ାଇବା ପାଇଁ ଷଡ଼ଯନ୍ତ୍ର: ଇଣ୍ଡିଆ ବ୍ଲକ୍

ନିର୍ବାଚନ କମିଶନଙ୍କ ଏସ୍‌ଆଇଆର୍‌କୁ ଇଣ୍ଡିଆ ବ୍ଲକ୍ ବିରୋଧ କରିଛି। ବରିଷ୍ଠ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭିଙ୍କ ନେତୃତ୍ୱରେ ଆର୍‌ଜେଡି, ସିପିଏମ୍ ସମେତ ୧୧ ଦଳର ପ୍ରତିନିଧି ନିର୍ବାଚନ କମିଶନଙ୍କ ନିକଟରେ ପ୍ରତିବାଦ ଜଣାଇଛନ୍ତି। ବିହାର ବିଧାନସଭା ନିର୍ବାଚନ ଆଉ ମାତ୍ର କେଇମାସ ବାକି ଥିବାବେଳେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ପୁନଃ ଅନୁଧ୍ୟାନ ଲାଗି ନିର୍ବାଚନ କମିଶନଙ୍କ ଅଚାନକ ନିଷ୍ପତ୍ତିକୁ ନେଇ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ପ୍ରଶ୍ନ ଉଠାଇବା ସହ ଏହା ସମ୍ବିଧାନ ଉପରେ ନିକୃଷ୍ଟତମ ଆକ୍ରମଣ ବୋଲି କହିଛି। ଏସ୍‌ଆଇଆର୍ ନାମରେ ୧୯୮୭ରୁ ୨୦୦୪ ମଧ୍ୟରେ ଜନ୍ମିତ ଭୋଟରଙ୍କ ମାଆ କିମ୍ବା ବାପାଙ୍କ ଜନ୍ମ ପ୍ରମାଣପତ୍ର ଦେଖାଇବାକୁ କୁହାଯାଉଛି। ନିର୍ବାଚନ ପୂର୍ବରୁ ଲକ୍ଷାଧିକ ଯୋଗ୍ୟ ଭୋଟରଙ୍କୁ ମତାଧିକାରରୁ ବଞ୍ଚିତ କରିବା ପାଇଁ ଇସି ଉଦ୍ୟମ ଚଳାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏସ୍‌ଆଇଆର୍ ବେଳେ ନିର୍ବାଚନ ଅଧିକାରୀଙ୍କୁ ଦେଖାଇବାକୁ ଥିବା ୧୧ ତାଲିକାଭୁକ୍ତ କାଗଜପତ୍ର ମଧ୍ୟରେ ଆଧାର କାର୍ଡ ନାହିଁ କାହିଁକି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ନିଜ ଜନ୍ମସ୍ଥାନ ଛାଡ଼ି ଅନ୍ୟ ରାଜ୍ୟରେ ରହିଥିବା ଭୋଟର ଏତେ କମ୍ ସମୟ ମଧ୍ୟରେ ଜନ୍ମ ପ୍ରମାଣପତ୍ର ଦେଖାଇବା ସମ୍ଭବ ନୁହେଁ ବୋଲି ସିଂଘଭି କହିଛନ୍ତି। ଦେଢ଼ କୋଟି ଭୋଟରଙ୍କ ମତାଧିକାର ଛଡ଼ାଇନେବା ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି ଆର୍‌ଜେଡି ଏମ୍‌ପି ମନୋଜ ଝା କହିଛନ୍ତି। ଭୋଟର ପରିଚୟ ପତ୍ର ବ୍ୟତୀତ ଅନ୍ୟ କୌଣସି ଦସ୍ତାବିଜ ନ ଦେଖାଇବା ପାଇଁ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତ୍ରୀ ରାବ୍ରୀ ଦେବୀ ଶନିବାର ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଇସିଙ୍କ ନୂଆ ନିୟମରେ ଦାବି ହେଉଥିବା ସବୁ ପ୍ରମାଣପତ୍ର ଦେଖାଇବା ସମ୍ଭବ ନୁହେଁ। କମିଶନଙ୍କ ଏଭଳି ପଦକ୍ଷେପ ଦ୍ୱାରା ବହୁ ଗରିବ, ଆପ୍ରବାସୀ ଏବଂ ମୁସଲମାନ ମତଦାନ ଅଧିକାରରୁ ବଞ୍ଚିତ ହେବେ।

ସୂଚନାଯୋଗ୍ୟ, ବିହାରରେ ୭.୯ କୋଟି ଭୋଟର ରହିଛନ୍ତି। ସେଥିରୁ ୪.୯୬ କୋଟି ଭୋଟର ୨୦୦୩ ସଂଶୋଧନ ପରେ ସାମିଲ ହୋଇଥିବାରୁ ସେମାନଙ୍କୁ ପରିଗଣନା ଫର୍ମ ପୂରଣ କରି ଦାଖଲ କରିବାକୁ ହେବ। ଅନ୍ୟ ୨.୯୩ କୋଟି ଭୋଟରଙ୍କୁ ସେମାନଙ୍କ ଯୋଗ୍ୟତା ପ୍ରତିପାଦନ କରିବା ଲାଗି ଦସ୍ତାବିଜ ଏବଂ ୧୯୮୭ ପରେ ଜନ୍ମିତ ଭୋଟରଙ୍କୁ ସେମାନଙ୍କ ମା'ବାପାଙ୍କ ଜନ୍ମ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି।

# ସାଇକେଲରେ ୪ ଧାମ, ୧୨ ଜ୍ୟୋତିର୍ଲିଙ୍ଗ ଯାତ୍ରା

ରାୟପୁର

ଛତିଶଗଡ଼ର ସୁରଜପୁର ଜିଲ୍ଲା ଜାମଦାଇ ଗ୍ରାମର ୨ ସମ୍ପର୍କୀୟ ଭାଇ ଦାନେଶ୍ୱର ଯାଦବ ଓ ପ୍ରବୀଣ ଯାଦବ ୯ ମାସ ମଧ୍ୟରେ ସାଇକେଲରେ ଦେଶର ୧୨ ଜ୍ୟୋତିର୍ଲିଙ୍ଗ ଏବଂ ୪ ଧାମକୁ ସଫଳତାର ସହ ଯାତ୍ରା ଶେଷ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୯ରେ ସେମାନେ ଏହି ତୀର୍ଥଯାତ୍ରା ଆରମ୍ଭ କରିଥିଲେ। ଗତ ସପ୍ତାହରେ ଉଭୟ ଭାଇ ଘରକୁ ଫେରିଛନ୍ତି।

ଏହି ଅବସରରେ ସେମାନେ ୧୩ ରାଜ୍ୟରେ ଭ୍ରମଣ ସୁଯୋଗ ପାଇଥିଲେ। ପ୍ରବୀଣ କହିଛନ୍ତି, ସେମାନେ ବିଭିନ୍ନ ପ୍ରକାର ଲୋକଙ୍କୁ ଭେଟିଥିଲେ ଏବଂ ସେମାନଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଏହା ସହ ନେପାଳ ଯିବାକୁ ମଧ୍ୟ ସେମାନଙ୍କୁ ସୁଯୋଗ ମିଳିଥିଲା। ୪ ଧାମ, ୧୨ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ସହ ଏହି ୨ ଭାଇ ବିଭିନ୍ନ ତୀର୍ଥସ୍ଥଳ, ଶକ୍ତିପୀଠ ଏବଂ ଅନ୍ୟାନ୍ୟ ସ୍ଥାନ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଯାତ୍ରାରେ ଉଭୟେ ଓମ୍‌କେରେଶ୍ୱର, ବାବା ମହାକାଲ, ରାମେଶ୍ୱରମ୍, କାଶୀ ବିଶ୍ୱନାଥ, ନାଗେଶ୍ୱର, ଦ୍ୱାରକାଧୀଶ, ସୋମନାଥ, ତିରୁପତି ବାଲାଜୀ, ଭୀମ୍‌ଶଙ୍କର, ତ୍ରୟମ୍ବକେଶ୍ୱର, ଜଗନ୍ନାଥ ପୁରୀ, ବାବା ବୈଦ୍ୟନାଥ ଧାମ ଦେଓଘର, ଅଯୋଧ୍ୟା, ରିଷିକେଶ, କେଦାରନାଥ, ବଦ୍ରିନାଥ, ନେପାଳର ବାବା ପାଶୁପତିନାଥ, ଅମରକଣ୍ଟକ ଆଦି ବିଭିନ୍ନ ତୀର୍ଥ କ୍ଷେତ୍ର ପରିଦର୍ଶନ କରିଥିଲେ। ଗତ ୨ ବର୍ଷ ହେଲା ସେମାନେ ଏହି ଧାର୍ମିକ ଯାତ୍ରା ପାଇଁ ଚିନ୍ତା କରିଥିଲେ ବୋଲି କହିଛନ୍ତି।


୨ ଭାଇ ଦାନେଶ୍ୱର ଯାଦବ ଓ ପ୍ରବୀଣ ଯାଦବ।

## ଫୁର୍‌ସତ୍

# ସେନା ଅଧିକାରୀ ଭୂମିକାରେ ସଲ୍‌ମାନ

ମୁମ୍ବାଇ

ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ୱାର୍ ଡ୍ରାମା ଫିଲ୍ମ 'ବ୍ୟାଟଲ ଅଫ୍ ଗଲ୍‌ୱାନ'ରେ ଅଭିନେତା ସଲ୍‌ମାନ ଖାନ୍ ଜଣେ ନିର୍ଭୀକ ସେନା ଅଧିକାରୀ ଭୂମିକାରେ ନଜରକୁ ଆସିବେ। ଶୁକ୍ରବାର ଏହି ଫିଲ୍ମର ଫାର୍ଷ୍ଟ ଲୁକ୍‌କୁ ଜାରି କରାଯାଇଛି, ଯାହାକୁ ସଲମାନ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ପୋଷ୍ଟରରେ ସେନା ପୋଷାକ ସହ ସଲ୍‌ମାନଙ୍କ ଆକ୍ସନ ଅବତାର ଦେଖିବାକୁ ମିଳିଛି। ୨୦୨୦ରେ ଭାରତ ଏବଂ ଚାଇନା ସୈନ୍ୟଙ୍କ ମଧ୍ୟରେ ବ୍ୟାଟଲ ଅଫ୍ ଗଲ୍‌ୱାନ ଅନୁଷ୍ଠିତ ହୋଇଥିଲା। ସମୁଦ୍ର ପତ୍ତନଠାରୁ ୧୫ ହଜାର ଫୁଟ ଉଚ୍ଚତାରେ ଏହି ଯୁଦ୍ଧ ହୋଇଥିବା ନେଇ ଫିଲ୍ମର ପ୍ରଥମ ପୋଷ୍ଟରରେ ସୂଚନା ଦିଆଯାଇଛି। ଫିଲ୍ମରେ ସଲ୍‌ମାନଙ୍କ ବିପକ୍ଷରେ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂ ନଜରକୁ ଆସିବେ। ଏହାସହ ପ୍ରଥମ ଥର ପାଇଁ ସଲ୍‌ମାନ ଏବଂ ଚିତ୍ରାଙ୍ଗଦାଙ୍କୁ ଏକାଠି ଗୋଟିଏ ଫିଲ୍ମରେ ଦେଖିବାକୁ ମିଳିବ। ଫଳରେ ଉଭୟଙ୍କ ପ୍ରଶଂସକ ଏହି ଫିଲ୍ମକୁ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ରିପୋର୍ଟ ଅନୁଯାୟୀ, ଚଳିତ ମାସରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ। ଅଧିକ ଉଚ୍ଚତାରେ ଶୁଟିଂ ହେଉଥିବାରୁ ଏହାର ପ୍ରସ୍ତୁତି ସ୍ୱରୂପ ସଲ୍‌ମାନ ସମ୍ପ୍ରତି ଲୋ-ଅକ୍ସିଜେନ ଟ୍ରେନିଂ ନେଉଛନ୍ତି।



# ଢେଙ୍କାନାଳରେ ବାହୁଡ଼ାଯାତ୍ରା ଶେଷ

**ବଡ଼ରଥ ୫ଟା ୫୫ ଓ ସାନରଥ ୬ଟା ୪୦ରେ ରଥଗଡ଼ାରେ ଲାଗିଲା**

ଢେଙ୍କାନାଳ,୫।୭(ରତନ ନାୟାର)



ମହାପ୍ରଭୁଙ୍କ ପହଣ୍ଡି ବିଜେ।



ଶ୍ରଦ୍ଧାଳୁଙ୍କ ଭିଡ଼।

ଢେଙ୍କାନାଳରେ ଶନିବାର ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ବଡ଼ରଥ ଅପରାହ୍ନ ୫ଟା ୫୫ ମିନିଟ ଓ ସାନରଥ ସନ୍ଧ୍ୟା ୬ଟା ୪୦ମିନିଟ ମଧ୍ୟରେ ରଥଗଡ଼ାଠାରେ ଲାଗିଥିଲା । ସାନ ରଥକୁ ଆଧ୍ୟାତ୍ମିକ ନୃତ୍ୟ, ସଙ୍ଗୀତ ମଧ୍ୟରେ ଉତ୍ସାହର ସହ ମହିଳାମାନେ ଟାଣୁଥିବା ଦେଖାଯାଇଥିଲା । ବାହୁଡ଼ା ଯାତ୍ରା ଅବସରରେ ମଧ୍ୟାହ୍ନ ୧୨ଟା ୩୦ରେ ବାଜିଚୌକସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ଦିନ ୧ଟା ୫୩ମିନିଟରେ ମହାପ୍ରଭୁ ରଥାରୁଢ ହୋଇଥିଲେ । ଅପରାହ୍ନ ୨ଟା ୨୧ମିନିଟରେ ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ଦ୍ୱାରା ଛେରାପହଁରା ଅନୁଷ୍ଠିତ ହୋଇ ଅପରାହ୍ନ ୨ଟା ୪୭ମିନିଟରେ ରଥଟଣା ଅନୁଷ୍ଠିତ ହୋଇଥିଲା । ବର୍ଷାପାଗ ସତ୍ତ୍ୱେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଜୟ ଜଗନ୍ନାଥ ଧ୍ୱନୀ ଦେଇ ରଥ ଟାଣୁଥିବା ଦେଖାଯାଇଥଲା। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରଥ ଟାଣିଥିଲେ । ସେହିପରି ଏସ୍‌ପି ଅଭିନବ ସୋନକର, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦିପ୍ତୀରଞ୍ଜନ ସେଠି, ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ ପ୍ରମୁଖଙ୍କ ଉପସ୍ଥିତିରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା । ରବିବାର ମହାପ୍ରଭୁଙ୍କ ରଥରେ ଏକାଦଶୀର ସମସ୍ତ ନୀତି ପାଳନ ସହ ସୁନାବେଶ ଅନୁଷ୍ଠିତ ହେବା ସନ୍ଧ୍ୟା ସାଢେ ୬ଟା ସମୟରେ ସାନ୍ଧ୍ୟ ଆଳତୀ ପରେ ରାତି ସାଢେ ୭ଟାରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବା ସୋମବାର ମହାପ୍ରଭୁଙ୍କର ରତ୍ନ ସିଂହାସନ ବିଜେ କାର୍ଯ୍ୟକ୍ରମ ରହିଛି ।

# ପୋଡ଼ପିଠା ଖାଇ ବାହୁଡ଼ିଲେ ଶ୍ରୀଜୀଉ

ଗଁଦିଆ,୫।୭(ବିଶ୍ୱ ମୋହନ ସାହୁ)



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନୂଆଗଡ଼ଠାରେ ବାହୁଡ଼ାଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ସୁସ୍ୱାଦୁ ପୋଡ଼ପିଠା ଖାଇ ଅପରାହ୍ନ ୪ଟା ସମୟରେ ମାଉସୀ ମା' ମନ୍ଦିରରୁ ବାହାରି ଘଣ୍ଟ ଘଣ୍ଟା, ଖୋଳ କୀର୍ତ୍ତନ, ହରିବୋଲ, ହୁଳହୁଳି ଶଙ୍ଖନାଦ ମଧ୍ୟରେ ବାହାରି ଶ୍ରୀଶ୍ରୀ ତୃତୀୟାଦେବ ଜୀଉ ବିଜେ ନୂଆଗଡ ମନ୍ଦିରକୁ ବିଜେ କରିଥିଲେ। ଶ୍ରୀଶ୍ରୀ ତୃତୀୟାଦେବ ଜୀଉ ବିଜେ କମିଟି ନୂଆଗଡ଼ର ସଭାପତି ବିଜୟ କୁମାର ସାମନ୍ତ ଛେରା ପହଁରା କାର୍ଯ୍ୟ ସଂପନ୍ନ କରିବା ପରେ ଠାକୁରମାନଙ୍କୁ ପହଣ୍ଡିବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମ ସଂଗଠନ ସଭାପତି ନିଳମଣୀ ପାତ୍ର, ସଂପାଦକ ପଙ୍କଜ କୁମାର ଜେନା, ମନ୍ଦିର ସମ୍ପାଦକ ଅଶୋକ କୁମାର ମହାପାତ୍ର, ମନ୍ଦିର କମିଟି ଉପସଭାପତି ଅଭିମନ୍ୟୁ ଭୂୟାଁ, କୋଷାଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ସଭ୍ୟ ସୁଶାନ୍ତ କୁମାର ସାମନ୍ତ, ମାନସ କୁମାର ସାମନ୍ତ, ବସନ୍ତ କୁମାର ସାହୁ, ଯତୀଶ କୁମାର ମହାପାତ୍ର, ସନ୍ତୋଷ କୁମାର ଜେନା, ଅମୂଲ୍ୟ କୁମାର ମହାପାତ୍ର, ଫକୀର ମୋହନ ପଣ୍ଡା, ଉପଦେଷ୍ଟା ନିରଞ୍ଜନ ଧୀର, ଯୁଗଳ କିଶୋର ଦାସ, ବୀରେନ୍ଦ୍ର କୁମାର ସାମନ୍ତ, ଉତ୍ତମ କୁମାର ସାମନ୍ତ, ସଞ୍ଜୟ କୁମାର ସାମନ୍ତ, ଅନନ୍ତ ଚରଣ ଜେନା, ମନୋଜ ସାମନ୍ତ, ଦେବାଶିଷ ସାମନ୍ତ, ଶ୍ରୀମନ୍ତ କୁମାର ଜେନା, ସୁଧୀର ସ୍ୱାଇଁ, ମିହିର ରଞ୍ଜନ ଧୀର, ଦିଲ୍ଲିପ କୁମାର ସ୍ୱାଇଁ, ନିହାର ରଞ୍ଜନ ଧୀର, ସଙ୍କେତ ମହାନ୍ତି, ପ୍ରିତମ ସାମନ୍ତ, ଅସିତ ସାମନ୍ତ, ଶ୍ରୀନିବାସ ଧୀର, ପ୍ରଶାନ୍ତ କୁମାର ପାତ୍ର ଓ ସାନୁ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବାହୁଡ଼ା ଯାତ୍ରାରେ ଶତାଧିକ ଜନସାଧାରଣଙ୍କ ଉପସ୍ଥିତିରେ ଯାତ୍ରା ସମ୍ପନ୍ନ ହୋଇଥିଲା।

# ସକାଳ ସାଢ଼େ ୧୦ରେ ହେଲା ପହଣ୍ଡି



ଓଡ଼ାପଡ଼ା, ୫।୭ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ ବଜାରରେ ମହାପ୍ରଭୁଙ୍କର ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଯାଇଛି। ସକାଳୁ ମାଉସୀ ମା' ମନ୍ଦିରରେ ସମସ୍ତ ରୀତିନୀତିଅନୁଯାୟୀ ପୂଜାର୍ଚ୍ଚନା ପରେ ସକାଳ ସାଢ଼େ ୧୦ଟାରେ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ରାମବଳ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପଣ୍ଡା ସେବକମାନେ ମହାପ୍ରଭୁଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ। ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ବେଳକୁ ଦୁଇ ରଥ ଜଗନ୍ନାଥ ମନ୍ଦିର ପାଖରେ ପହଞ୍ଚିଯାଇଥିଲା। ବଡ ରଥକୁ ପୁରୁଷମାନେ ଟାଣୁଥିବା ବେଳେ ସାନ ରଥକୁ ମହିଳାମାନେ ଟାଣୁଥିବା ଦେଖିବାକୁ ମିଳିଥିଲା। ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ବିକାଶ ବେହେରାଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ, ଅତିରିକ୍ତ ତହସିଲଦାର ସୁରେନ୍ଦ୍ର କୁମାର ମୁଦୁଲି, ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ଉପସ୍ଥିତ ଥିଲେ।

# ହରିବୋଲ, ହୁଳହୁଳି ଦେଇ ରଥ ଟାଣିଲେ

ଗଁଦିଆ,୫।୭(ବିଶ୍ୱ ମୋହନ ସାହୁ)



ଶ୍ରଦ୍ଧାଳୁମାନେ ରଥ ଟାଣିଟାଣି ନେଉଛନ୍ତି।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପ୍ରସିଦ୍ଧ ଶୈବପୀଠ କପିଳାର ପାଦ ଦେଶରେ ଦେଓଗାଁଠାରେ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ମହାପ୍ରଭୁ ଜଗନ୍ନାଥ ଓ ବଡଭାଇ ବଳଦେବ ଜୀଉଙ୍କର ପବିତ୍ର ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସକାଳ ସମୟରେ ଠାକୁରଙ୍କର ସମସ୍ତ ନୀତିକାନ୍ତି ପରେ ମଙ୍ଗଳ ଆଳତି, ଖେଚୁଡି ଭୋଗ ଲାଗି ହୋଇଥିଲା । ଏହାପରେ ମଧ୍ୟାହ୍ନ ଧୂପନୀତି ସମ୍ପନ୍ନ ପରେ ସେବକମାନଙ୍କ ଦ୍ୱାରା ଠାକୁରଙ୍କୁ ନୂତନବସ୍ତ୍ର ପରିଧାନ କରାଯାଇଥିଲା । ଅପରାହ୍ନ ୨ଟା ୪୫ ମିନିଟିରେ ସେବକମାନଙ୍କ ଦ୍ୱାରା ଠାକୁରଙ୍କର ପହଣ୍ଡି ବିଜେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହାପରେ ହେମନ୍ତ କୁମାର ନନ୍ଦଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ସଂପାଦନ ହୋଇଥିଲା । ଅପରାହ୍ନ ୩ଟା ୧୫ ମିନିଟିରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ବାହୁଡା ଯାତ୍ରାରେ ଭକ୍ତ ମାନଙ୍କ ଦ୍ୱାରା ଘଣ୍ଟ, ଖୋଳ କୀର୍ତ୍ତନ, ହରିବୋଲ ହୁଳହୁଳି ଓ ଆନନ୍ଦ ଉଲ୍ଲାସ ସହିତ ରଥକୁ ଟାଣି ନେଇଥିଲେ। ବଡ଼ଦାଣ୍ଡରେ ଗୋଟିଏ ସ୍ଥାନରେ ରଥ ମୋଡ଼ ଖାଇ ଗୋଟିଏ ଘରର ସମ୍ମୁଖ ଭାଗରେ ଲାଗିଯାଇଥିଲା । ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତିରେ ଦେବୋତ୍ତର ବିଭାଗ ପକ୍ଷରୁ ଜେସିବି ମେସିନ ଅଣାଯାଇ ରଥକୁ ସିଧା କରାଯାଇଥିଲା। ଏହାପରେ ଭକ୍ତମାନେ ଆନନ୍ଦର ସହିତ ରଥକୁ ଟାଣି ନେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ମାଜିଷ୍ଟ୍ରେଟ ଭାବେ ତହସିଲଦାର ସତ୍ୟଜିତ ମହାପାତ୍ର, ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସହିତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ୪ଟାରେ ରଥଟଣା ଆରମ୍ଭ, ସନ୍ଧ୍ୟା ୬ରେ ଶେଷ

କାମାକ୍ଷାନଗର, ୫।୭ (ସୁଧୀର କୁମାର ପରିଡ଼ା)



ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଶନିବାର ଶାନ୍ତି ଶୃଙ୍ଖଳାର ସହ ବାହୁଡାଯାତ୍ରା ଶେଷ ହୋଇଛି। ଅନନ୍ତପୁରସ୍ଥିତ ମାଉସୀମା ମନ୍ଦିରରେ ସକାଳୁ ମଙ୍ଗଳ ଆଳତି ପରେ ସକାଳ ୯ଟାରେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ କରାଯାଇଥିଲା। ଅପରାହ୍ନ ୨ଟାରେ ପହଣ୍ଡି କରାଯାଇ ରଥକୁ ରାମକୃଷ୍ଣ, ମଦନମୋହନ ବିଜେ କରାଯାଇଥିଲା। ୩ଟାରେ ସୁବ୍ରତ ତ୍ରିପାଠୀ ରଥରେ ଛେରାପହଁରା କରିବା ପରେ ୪ଟାରେ ରଥଟଣା ହୋଇ ସନ୍ଧ୍ୟା ୬ଟା ସୁଧା ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲା। ପଣ୍ଡିତ ସତିଶ ଆଚାର୍ଯ୍ୟ ରଥରେ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ସଂଜୟ ମିଶ୍ର, ପ୍ରତ୍ୟୁଷ ମିଶ୍ର, ଶିଶିରକାନ୍ତ ପଣ୍ଡା, ଅଜିତ ଦାସ, ବିଜୟ ଓଝା ପ୍ରମୁଖ ସେବା କରିଥିଲେ। ସେହିପରି ଆଳତୁମା, ଜିରିଡାମାଳି, ଜନ୍ତାରିବୋଲ ଇସ୍କନ ମନ୍ଦିର, କାଦୁଆ, ଆଲୁଅଝରଣ, ବଡସୁଆଳୋ, ଅଁଳାବେରେଣୀ ଗ୍ରାମରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ବାହୁଡାଯାତ୍ରାରେ ଦହି ସରବତ, ପ୍ରସାଦ ବଣ୍ଟନ



ଢେଙ୍କାନାଳ,୫।୭(ରତନ ନାୟାର)

ଢେଙ୍କାନାଳ ସହରରେ ବାହୁଡା ଯାତ୍ରା ଅବସରରେ ଶନିବାର ଆନନ୍ଦ ବଜାରଠାରେ ସ୍ୱର୍ଗତ ଅଧିକାରୀ ସାମଲଙ୍କ ସ୍ମୃତିରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଶ୍ରଦ୍ଧାଳୁମାନଙ୍କୁ ଦହି ସରବତ ସହିତ ଖେଚୁଡି ଓ ଡାଲମା ପ୍ରସାଦ ବଣ୍ଟନ କରାଯାଇଥିଲା । ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ, ପୂର୍ବତନ ବିଧାୟକ ସୁଧିର କୁମାର ସାମଲ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ପୂର୍ବତନ ସଭାପତି ଶିବସାଇ ମହାପାତ୍ର ଓ ସମାଜସେବୀ ସାଗରିକା ମିଶ୍ର ଉପସ୍ଥିତ ଥିଲେ । ୩ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଯୁବ ସମାଜସେବୀ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିନୋଦ ମହାନ୍ତି, ଶ୍ରୀକାନ୍ତ ଧଳ, ଅଜୟ ଭଞ୍ଜ, ବ୍ରହ୍ମାନନ୍ଦ ସାହୁ, ରଞ୍ଜନ ନାୟକ, ରାଜୁ ପାଣ୍ଡେ, ଆନନ୍ଦ କର, ସ୍ଥାନୀୟ କାଉନସିଲର ମହମ୍ମଦ ସାଗିର, ଉର୍ବଶୀ ମହାପାତ୍ର, ସୋନୁରାମ ସିଂହ, ସର୍ବେଶ୍ୱର ବ୍ରହ୍ମ, ଅଭିଜିତ ମିଶ୍ର ଓ ଦେବକାନ୍ତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ବାହୁଡା ଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିବାରୁ ବରିଷ୍ଠ ସମାଜସେବୀ ରମେଶଚନ୍ଦ୍ର ସାମଲ କୃତଜ୍ଞତା ଜ୍ଞାପନ କରିଥିଲେ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ।

# ଯୋରନ୍ଦାରେ ଛେରାପହଁରା କଲେ ଆଚାର୍ଯ୍ୟ ଅମରେନ୍ଦ୍ର ନନ୍ଦ

ଢେଙ୍କାନାଳ,୫।୭(ରତନ ନାୟାର)



ଶ୍ରଦ୍ଧାଳୁମାନେ ରଥ ଟାଣିବାକୁ ପ୍ରସ୍ତୁତ ହେଉଛନ୍ତି।

ଢେଙ୍କାନାଳ ଜିଲା ମହିମାଗାଦି ଯୋରନ୍ଦା ଠାରେ ଆଞ୍ଚଳିକ ଜଗନ୍ନାଥ ମନ୍ଦିରରେ ୧୧ତମ ବାର୍ଷିକ ବାହୁଡ଼ା ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସାଢେ ୬ଟା ସମୟରେ ଶ୍ରୀଜୀଉମାନେ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ । ୧୧ଟା ସମୟରେ ନୀତିକାନ୍ତି ସମାପନ ପରେ ମଧ୍ୟାହ୍ନ ୧୨ଟା ସମୟରେ ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ଗୋଟିଏ ରଥରେ ପ୍ରଭୁ ସୁଦର୍ଶନ, ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଭଗିନୀ ଶୁଭଦ୍ରା ରଥାରୂଢ଼ ହୋଇଥିଲେ । ପୂଜକ ଆଚାର୍ଯ୍ୟ ଅମରେନ୍ଦ୍ର ନନ୍ଦ ରଥରେ ଛେରାପହଁରା କରିଥିଲେ। ପୂଜକ ଅଦ୍ୱୈତ ହୋତା, ମୁରଲୀଧର ଶତପଥୀ, ରୁଚିରେ ପାଳ, ଅଜିତ୍ ଶତପଥି, ଗୌରାଙ୍ଗ ମିଶ୍ର ପ୍ରମୁଖ ପୂଜାନୀତି ପରିଚାଳନା କରିଥିଲେ। ଅପରାହ୍ନ ୩ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା। ଯୋରନ୍ଦାର ଗୋବିନ୍ଦଜୀଉ ସଂକୀର୍ତ୍ତନମଣ୍ଡଳୀ ଘଣ୍ଟୁଆ ଦଳ ପ୍ରସନ୍ନ ରାଉତଙ୍କ ନେତୃତ୍ୱରେ ପ୍ରଭୁଙ୍କ ରଥରେ ଘଣ୍ଟା ନାଦ କରିଥିଲେ। ଡାହୁକ ସଞ୍ଜୟ ରଥରେ ଡାକଦେବା ପରେ ରଥଟଣା ଆରମ୍ଭ ହୋଇଥିଲା। ଗଁଦିଆ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ, ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ ଉପସ୍ଥିତ ରହି ଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହିତ ପରିଚାଳନା କରିଥିଲେ । ସୁଧାଂଶୁ ଶେଖର ରାଉତ ଓ ନୀରୋଦ ଚନ୍ଦ୍ର ସାମଲ ଧାରା ବିବରଣୀ ପ୍ରଚାର କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ମହାନ୍ତି, ବରିଷ୍ଠ ସଭ୍ୟ ଡମ୍ବରୁଧର ବେହେରା, ପଞ୍ଚାନନ ସ୍ୱାଇଁ, ରଥଯାତ୍ରା କମିଟି ସମ୍ପାଦକ ଶରତ ରାଉତ, ସଭ୍ୟ ରଞ୍ଜନ ନାୟକ, ସଞ୍ଜୟ ବିଶ୍ୱାଳ, ପୀତବାସ ରାଉତ, ପ୍ରକାଶ ରାଉତ, ନେତ୍ରାନନ୍ଦ ରାଉତ, ପ୍ରସନ୍ନ ରାଉତ, ମହାଦୀପ ଯଶୋବନ୍ତ ମହିମା, ଭୀମସେନ ନାୟକ, ଅରୁଣ ସାହୁ, ଚକ୍ରଧର ରାଉତ, ଆନନ୍ଦ ମହାନ୍ତି, ବ୍ରଜକିଶୋର ରାଉତ, ରଞ୍ଜିତ ରାଉତ, ଧର୍ମାନନ୍ଦ ରାଉତ, କମଳ ବେହେରା, ବିଦ୍ୟାଧର ବେହେରା, ବସନ୍ତ ପାତ୍ର, ଶରତ ପ୍ରଧାନ, ଅଶୋକ ରାଉତ ପ୍ରମୁଖ ରଥଯାତ୍ରା ପରିଚାଳନା କରିଥିଲେ। ରବିବାର ରଥରେ ଶ୍ରୀଜିଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବ ଓ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ।

# ଶାନ୍ତିଶୃଙ୍ଖଳାର ସହ ସରିଲା ବାହୁଡ଼ାଯାତ୍ରା

ଭୁବନ, ୫।୭ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନରେ ଶନିବାର ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଛି । ଗୁଣ୍ଡିଚା ମନ୍ଦିରରେ ସକାଳ ନୀତିକାନ୍ତି ସରିବା ପରେ ରଥ ପ୍ରତିଷ୍ଠା ହୋଇଥିଲା । ୧୨ଟାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି କାର୍ଯ୍ୟ ଆରମ୍ଭ ହୋଇଥିଲା। ୧ ଟା ସମୟରେ ଛେରାପହଁରା ପରେ ରଥଟଣା ଆରମ୍ଭ ହୋଇଥିଲା। ବାହୁଡ଼ା ଯାତ୍ରାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରଭୁ ବଳଭଦ୍ରଙ୍କ ରଥ ଦିନ ୪ଟାରେ ପହଞ୍ଚିଥିବାବେଳେ ମା' ସୁଭଦ୍ରାଙ୍କ ରଥ ୫ଟାରେ ପହଞ୍ଚିଥିଲା। ସନ୍ଧ୍ୟା ୭.୩୦ରେ ଜଗନ୍ନାଥଙ୍କ ରଥ ପହଞ୍ଚିଥିଲା। ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ମନ୍ଦିର ପରିଚାଳନା କମିଟି ଓ ପୋଲିସ ପ୍ରଶାସନିକ ଅଧିକାରୀମାନେ ସହଯୋଗ କରିଥିଲେ।

# ବାହୁଡ଼ା ଯାତ୍ରା ଭଜନ ସମାରୋହ ଉଦ୍‌ଘାଟିତ

ଢେଙ୍କାନାଳ,୫।୭(ରତନ ନାୟାର)



ଢେଙ୍କାନାଳ ବାହୁଡ଼ା ଯାତ୍ରା ଭଜନ ସମାରୋହ କମିଟି ପକ୍ଷରୁ ୩୮ତମ ଭଜନ ସମାରୋହ ଶନିବାର ସନ୍ଧ୍ୟାରେ ସହରସ୍ଥିତ ଗୋପବନ୍ଧୁ ଟାଉନ ହଲଠାରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ସମୀର କୁମାର ସାହୁ ଉପସ୍ଥିତ ଥିଲେ। କମିଟିର ମୁଖ୍ୟ ଉପଦେଷ୍ଟା ସୁକାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ପାଦକ ବିଶ୍ୱନାଥ ବେହେରା ବିବରଣୀ ପ୍ରଦାନ କରିଥିଲେ। ଶରତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନୃସିଂହ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ରବିବାରଠାରୁ ରଥଗଡାଠାରେ ୩ଦିନ ଧରି ବାହୁଡା ଯାତ୍ରା ଭଜନ ସମାରୋହ ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଓ ବାଦ୍ୟଯନ୍ତ୍ର କଳାକାରମାନେ ଯୋଗ ଦେବେ । ଏଥିସହିତ ଶନିବାର ପୂର୍ବାହ୍ନରେ କମିଟି ପକ୍ଷରୁ ପ୍ରତିବର୍ଷ ପରି ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭଜନ

# ପୀଡ଼ିତା ନାବାଳିକାଙ୍କ ପରିବାରଙ୍କୁ ଭେଟିଲେ ଏମ୍‌ପି

ଢେଙ୍କାନାଳ,୫।୭(ରତନ ନାୟାର)



ଏମ୍‌ପି ରୁଦ୍ର ନାରାୟଣ ପାଣି ପୀଡ଼ିତାଙ୍କ ପରିବାରକୁ ଭେଟି ଆଲୋଚନା କରୁଛନ୍ତି

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ସରାସିଂହ ଗ୍ରାମର ପୀଡ଼ିତା ନାବାଳିକା ଶିଶୁ ପରିବାରଙ୍କୁ ଏମପି ରୁଦ୍ର ନାରାୟଣ ପାଣି ଶୁକ୍ରବାର ଭେଟି ଶିଶୁର ସ୍ୱାସ୍ଥ୍ୟ ସହ ଭଲ ମନ୍ଦ ପଚାରି ବୁଝିଥିଲେ। ଏଥିନେଇ ଏସ୍‌ପିଙ୍କ ସହ ଆଲୋଚନା କରି ଦୋଷୀକୁ କଠୋର ଦଣ୍ଡ ଦେବା ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ପୀଡ଼ିତା ଶିଶୁ ପରିବାରକୁ ଆର୍ଥିକ ସହଯୋଗ ଯୋଗାଇ ଦେଇଛନ୍ତି। ଏହାପରେ ହାତୁରା ଠାରେ ପହଞ୍ଚି ଜନସାଧାରଣଙ୍କ ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ ପତି, ଭାଜପା ନେତା ତପନ ମହାପାତ୍ର, ଭାସ୍କର ଚନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ପ୍ରବୋଧ ପ୍ରଧାନ, ଗିରିଶ ସେଠି, ସୁଜିତ ଜେନା, ପ୍ରଶାନ୍ତ ସାମଲ, ରୁନା ସାହୁ ଓ ଧରଣୀଧର ପାଳ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଫାଇଲେରିଆ ନିରାକରଣ ପାଇଁ ସମନ୍ୱୟ ବୈଠକ

**ଅଗଷ୍ଟ ୧୦ରୁ ୧୯ ସାମୂହିକ ଔଷଧ ସେବନ**

ଢେଙ୍କାନାଳ,୫।୭(ରତନ ନାୟାର)




ଫାଇଲେରିଆ ନିରାକରଣ ପାଇଁ ସମନ୍ୱୟ ବୈଠକରେ ଯୋଗଦେଇଥିବା ପଦାଧିକାରୀ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଶନିବାର ଫାଇଲେରିଆ ନିରାକରଣ ନିମନ୍ତେ ଅନ୍ତଃକ୍ଷେତ୍ରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ ଆସନ୍ତା ଅଗଷ୍ଟ ୧୦ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ୭ଟି ଜାଗାରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା । ଭୁବନ, ପରଜଙ୍ଗ, ହିନ୍ଦୋଳ, ସଦର, କାମାକ୍ଷାନଗର ଏନ୍‌ଏସି, ହିନ୍ଦୋଳ ଏନ୍‌ଏସି ଓ ଢେଙ୍କାନାଳ ପୌରାଞ୍ଚଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଲୋକମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ଜଣାଇବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ଜନ ପ୍ରତିନିଧିମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯାଉଛି । ସେହିପରି ଡେଙ୍ଗୁ ମୁକାବିଲା ପାଇଁ ସଚେତନ କରାଯାଇଥିଲା। ଏ ସମ୍ପର୍କରେ ସବୁ ବିଭାଗ ସଚେତନତା ରହିବା ସହ ଡେଙ୍ଗୁ କିପରି ବ୍ୟାପିବ ନାହିଁ ସେ ସମ୍ପର୍କରେ ସଚେତନ ରହିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ ମହାପାତ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିଳମଣୀ ଦୀଲିପଚାନ୍ଦ ବେହେରା ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# କ୍ଷତିପୂରଣ ଦାବିରେ କାର୍ଯ୍ୟାଳୟ ଘେରାଉ, ରାଜପଥ ଅବରୋଧ

**ବିଦ୍ୟୁତ୍ ତାର ସଂସ୍ପର୍ଶରେ ମଣ୍ଟୁ ଦେହୁରୀ ମୃତ୍ୟୁ ମାମଲା**



ଢେଙ୍କାନାଳ,୫।୭(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଡୁମୁସିଙ୍ଗା ଥାନା କଦଳିପାଳ ଗ୍ରାମରେ ଶୁକ୍ରବାର ରାତିରେ ବିବାହ ଶୋଭାଯାତ୍ରା ବେଳେ ଗ୍ରାମ ରାସ୍ତାରେ ବିପଦସଂକୁଳ ଭାବେ ରହିଥିବା ଖୁଣ୍ଟର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଞ୍ଚଳର ମଣ୍ଟୁ ଦେହୁରୀ(୩୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ଜଣ ଗୁରୁତର ଆହତ ହୋଇଥିଲେ । ଏହି ଘଟଣାର ପ୍ରତିବାଦରେ ମଣ୍ଟୁ ଦେହୁରୀଙ୍କ ପରିବାର ଲୋକ ଓ ସ୍ଥାନୀୟ ଅଞ୍ଚଳବାସୀ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଶନିବାର ଅପରାହ୍ନ ସାଢେ ୪ଟା ସମୟରେ ଢେଙ୍କାନାଳ ସହର କଲେଜ ବାଇପାସଠାରେ ବିଦ୍ୟୁତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସ୍ୱର୍ଗାରୋହଣ ରଥରେ ମୃତଦେହ ରଖି ଘେରାଉ କରିବା ସହିତ ୫୫ନଂ ଜାତୀୟ ରାଜପଥକୁ ବହୁ ସମୟ ଧରିଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା । ଖବରପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ବିପଦସଙ୍କୁଳ ବିଦ୍ୟୁତ ତାର ଯୋଗୁ ଏହି ଘଟଣା ଘଟିଥିବା ପରିବାର ଲୋକ ଅଭିଯୋଗ କରିଥିଲେ ।

# ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଛେଣ୍ଡିପଦା,୫।୭(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ମୁଣ୍ଡା ସାହିରୁ ଅନ୍ଗୁଳିଆ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ପାଞ୍ଚଗୋଛିଆ ବୁଲାଣିରେ ଶନିବାର ଏକ ଗାଡ଼ି ଧକ୍କାରେ ମୋଟରସାଇକେଲ ଚାଳକ କଞ୍ଚିରା ଗାଁର ଲକ୍ଷ୍ମଣ ସାହୁଙ୍କ ମୃତ୍ୟୁ ହୋଇଛି। ଲକ୍ଷ୍ମଣ ଅନ୍ଗୁଳିଆରୁ କାମସାର ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଉଗୀ ଗାଁର ପାଞ୍ଚଗୋଛିଆ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡି ଧକ୍କା ଦେଇଥିଲା। ଫଳରେ ଲକ୍ଷ୍ମଣ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ବାଡେଇ ହୋଇଯାଇଥିଲେ। ଘଟଣାସ୍ଥଳରେ ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଜରପଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏଥିସହ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଭାପୁର, ୫।୭ (ରାଜକୁମାର ପ୍ରଧାନ)

ଢେଙ୍କାନାଳ ଜିଲା ସଦର ରେଞ୍ଜ ଅଧୀନ ଭାପୁର ଫାଣ୍ଡି ଅନ୍ତର୍ଗତ କାଳିକାପ୍ରସାଦ ଗ୍ରାମରେ ହାତୀ ଆକ୍ରମଣ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଉଦ୍ଧବ ଦେହୁରୀ (୭୫)। ଶନିବାର ଭୋର ସମୟରେ ଉଦ୍ଧବ ଘରୁ ନିତ୍ୟକର୍ମ ପାଇଁ ବାହାରକୁ ଯାଉଥିବା ବେଳେ ଘରଠାରୁ ୧୦୦ ମିଟର ଦୂରରେ ଏକ ହାତୀ ସହ ମୁହାଁମୁହିଁ ହୋଇଯାଇଥିଲେ। ଫଳରେ ହାତୀଟି ଉଦ୍ଧବଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସକାଳ ପ୍ରାୟ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଓ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ।

# ଟ୍ରେନ୍ ରହଣି ପାଇଁ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର

ଛେଣ୍ଡିପଦା,୫।୭(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ରେଳ ଷ୍ଟେଶନରେ ଯାତ୍ରୀଙ୍କ ଗମନାଗମନ ପାଇଁ ଭୁବନେଶ୍ୱର-ସୋନପୁର ଇଣ୍ଟରସିଟି ଓ ମେମୁ ଟ୍ରେନ ରହଣି ଦାବି ନେଇ ସ୍ଥାନୀୟ ଜନସାଧାରଣ ଶନିବାର ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଜରପଡ଼ା ରେଳ ଷ୍ଟେଶନରେ ପାସେଞ୍ଜର ଓ ସମ୍ବଲପୁର-ଭୁବନେଶ୍ୱର ଇଣ୍ଟରସିଟି ରହୁଥିବାବେଳେ ଅନ୍ୟକୌଣସି ଟ୍ରେନ ରହୁ ନ ଥିବାରୁ ଜନସାଧାରଣ ଯାତାୟାତ ପାଇଁ ଅସୁବିଧା ଭୋଗଛନ୍ତି। ତେଣୁ ଦୀର୍ଘ ଦିନ ହେବ ଭୁବନେଶ୍ୱର-ସୋନପୁର ଓ ମେମୁ ଟ୍ରେନ୍ ରହଣି ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରି ଆସୁଛନ୍ତି। ଛେଣ୍ଡିପଦା ବ୍ଲକ ଖଣି ଖଦାନ, ଶିଳ୍ପାଞ୍ଚଳ ହୋଇଥିବାରୁ ଜରପଡ଼ାରେ ରେଳଷ୍ଟେଶନ କରାଯାଇଛି। ମାତ୍ର ସମ୍ବଲପୁର କିମ୍ବା ମେମୁଟ୍ରେନ୍‌ରେ ଯାତାୟାତ ପାଇଁ ଯାତ୍ରୀଙ୍କୁ ଅନୁଗୋଳ ଷ୍ଟେଶନକୁ ହଇରାଣ ହୋଇ ଯିବାଆସିବା କରିବାକୁ ପଡୁଛି। ଡିଆର୍‌ଏମ୍ ସୁବାସ ଚୌଧୁରୀ ଶନିବାର ଜରପଡ଼ା ରେଳଷ୍ଟେଶନ ପରିଦର୍ଶନରେ ଆସିଥିବାବେଳେ ଅଞ୍ଚଳବାସୀ ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜରପଡାର ଦୟାନିଧି ସାହୁ, କହ୍ନେଇ ସାହୁ, ତ୍ରିନାଥ ରାଉତ, ମନୋଜ କୁମାର ବେହେରା, ଲୋକନାଥ ରାଉତ, ଗୀତାଞ୍ଜଳି ସାହୁ, ଭୋଳେଶ୍ୱର ଗୋଛାୟତଙ୍କ ସମେତ ଏକ ଟିମ୍ ଡିଆରଏମ୍‌ଙ୍କୁ ଭେଟି ଅସୁବିଧା ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

# ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଉଦ୍‌ଯାପିତ



ଢେଙ୍କାନାଳ,୫।୭(ରତନ ନାୟାର)

ଢେଙ୍କାନାଳ ସହର ବାଜିଚୌକଠାରେ ୯ଦିନ ବ୍ୟାପି ଅନୁଷ୍ଠିତ ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଶନିବାର ଉଦଯାପିତ ହୋଇଯାଇଛି। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କଳା ଓ ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଶତୃଘନ ମାଟି ଯୋଗ ଦେଇଥିଲେ । ଉଦଯାପନୀ ଦିବସ ଭଜନ କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ରଘୁନାଥ ଦଳେଇ ଓ ପୂର୍ବତନ ପୌରାଧକ୍ଷା ସ୍ୱର୍ଗତ କୁନ୍ତଳା ଦଳେଇଙ୍କ ନାମରେ ଉତ୍ସର୍ଗ କରାଯାଇଥିଲା । ଢେଙ୍କାନାଳ ଭକ୍ତିଶ୍ରଦ୍ଧା ଭଜନ ଅନୁଷ୍ଠାନ ତରଫରୁ କଣ୍ଠଶିଳ୍ପୀ ପ୍ରଦୀପ କୁମାର, କୁମାର ମିଲୁ, ଅନନ୍ୟା ହୋତା ଓ ପ୍ରୀତି ସ୍ୱରୂପା ପ୍ରମୁଖ କଣ୍ଠଶିଳ୍ପୀଙ୍କ ଭଜନରେ ସ୍ରୋତାମାନେ ବିଭୋର ହୋଇଥିଲେ। କମିଟିର ସଭାପତି ରୁଦ୍ରାନ୍ତ ଦଳେଇ, ସ୍ୱରୂପାନନ୍ଦ ଦାସ, କମଳ ନନ୍ଦ, ଭାଗି ସାହୁ, ସଂଗ୍ରାମ କେଶରୀ ପାଣି ଉପଦେଷ୍ଟାମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଦସ୍ୟ ସନ୍ତୋଷ କୁମାର ଦଳେଇ, କୃଷ୍ଣକୁମାର ସାହୁ, ରାଜୁନ୍ ଖାଁ, ଅକ୍ତର ମହମ୍ମଦ, ବଳରାମ ଭଞ୍ଜ, ଅନିଲ୍ ସେଠୀ, ବଂଶୀଧର ସେଠୀ, ବଳରାମ ନାୟକଙ୍କ ସମେତ ବାଜିଚୌକ ଅଞ୍ଚଳର ଯୁବଗୋଷ୍ଠୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସମ୍ପାଦକ ସାଗିର ମହମ୍ମଦ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଇନ୍ଦିପୁରରେ ବାହୁଡ଼ାଯାତ୍ରା

ଢେଙ୍କାନାଳ,୫।୭(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡା ବ୍ଲକ ଇନ୍ଦିପୁର ତଳ ନୁଆସାହିରେ ବାହୁଡା ଯାତ୍ରା ଶନିବାର ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନିୟ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ବିଜେ ହୋଇ ରଥାରୁଢ ହେବାପରେ ବର୍ଷାପାଗ ସତ୍ତ୍ୱେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା । ଦୋଳମଣ୍ଡପ ସାହି ମଣିକୁମ୍ଭଠାରେ ସୁନାବେଶ ଓ ଅଧରପଣା ଲାଗିହେବା ପରେ ଶ୍ରୀଜୀଉ ମାନେ ମନ୍ଦିରକୁ ବିଜେ କରିଥାନ୍ତି । ବାଟରେ ମାଉସୀ ମା'ଙ୍କ ପୋଡ଼ପିଠା ଭୋଗ ଲାଗି ହୋଇଥିଲା । ଇନ୍ଦିପୁର ଗ୍ରାମ ବିକାଶ ପରିଷଦ ସଭାପତି ରଘୁନାଥ ସିଂହ ଛେରାପହଁରା କରିଥିବା ବେଳେ ପୁରୋହିତ ସୁଶାନ୍ତ ରଥ, ବିଭୂତି ଭୂଷଣ ହୋତା ପ୍ରମୁଖ ନୀତିକାନ୍ତି କରିଥିଲେ ।

## ଜମି ଅଧିଗ୍ରହଣ ପାଇଁ ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ ଅଧୀନରେ କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)- ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ବିଜ୍ଞପ୍ତି

### ରେଳ ମନ୍ତ୍ରଣାଳୟ (ରେଲୱେ ବୋର୍ଡ)

**ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ର ଧାରା 20-F(4) ଅଧୀନରେ ସର୍ବସାଧାରଣ ବିଜ୍ଞପ୍ତି**

**ଗାର୍ଡ଼େନ ରିଚ୍, କୋଲକାତା, ୦୫।୦୭।୨୦୨୫**

ଯେତେବେଳେ କି ଭାରତ ସରକାରଙ୍କ ରେଳପଥ ମନ୍ତ୍ରାଳୟର ବିଜ୍ଞପ୍ତି ନଂ. S.O. 291 (E) Dated: 15th January 2025 ଭାରତୀୟ ରାଜପତ୍ର, ଅସାଧାରଣ, ଭାଗ-II, ଧାରା-୩, ଉପବିଭାଗ-II ତା୧୫।୦୧।୨୦୨୫ରେ ପ୍ରକାଶିତ ହୋଇଥିଲା (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଏବଂ ଏହା ରେଳପଥ ଅଧିନିୟମ - ୧୯୮୯ (୧୯୮୯ର ୨୪)ର ଧାରା 20Eର ଉପବିଭାଗ (I) ଅଧୀନରେ (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଜାରି କରାଯାଇଥିଲା। କେନ୍ଦ୍ର ସରକାର ଏତଦ୍ୱାରା ଓଡ଼ିଶା ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାରେ ବିଶ୍ରା ତହସିଲର କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ସାଧାରଣ ଉଦ୍ଦେଶ୍ୟ ପାଇଁ ସମସ୍ତ ବାଧାମୁକ୍ତ ଥିବା କେନ୍ଦ୍ର ସରକାରଙ୍କ ସହ ସମ୍ପୂର୍ଣ୍ଣ ରୂପେ ଅଧିକାରଭୁକ୍ତ ସଂଯୁକ୍ତ ସୂଚୀରେ ଦର୍ଶାଯାଇଥିବା ଜମିର ପରିଚାଳନା, ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତା ସମ୍ବନ୍ଧେ ଘୋଷଣା କରୁଛନ୍ତି।

ଏବଂ ଏହି ହେତୁ ପ୍ରଥମ ଗେଜେଟ୍ ବିଜ୍ଞପ୍ତି ନଂ. S.O. 5410 (E) Dated: 21st December 2023ର ଭାରତୀୟ ରାଜପତ୍ରରେ ତା୨୧।୧୨।୨୦୨୩ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ଧାର 20A ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ସକାଳ (ଓଡ଼ିଆ) ଓ ନବଭାରତ (ହିନ୍ଦୀ)ରେ ଯଥାକ୍ରମେ ତା୧୫।୦୧।୨୦୨୪ ଓ ୧୬।୦୧।୨୦୨୪ରେ ପ୍ରକାଶ ପାଇଥିଲା ଏବଂ ଦ୍ୱିତୀୟ ଗେଜେଟ୍ ବିଜ୍ଞପ୍ତି ନଂ. S.O. 291(E) Dated 15th January 2025ଟି ଭାରତୀୟ ରାଜପତ୍ରରେ ତା୧୫।୦୧।୨୦୨୫ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ବିଭାଗ 20E ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ପ୍ରମେୟ ଓ ପ୍ରଗତିବାଦୀରେ (ଓଡ଼ିଆ) ତା୧୭।୦୧।୨୦୨୫ରେ ପ୍ରକାଶ ପାଇଥିଲା।

ତା୧୯।୦୫।୨୦୨୫ରେ ନିମ୍ନସ୍ୱାକ୍ଷରକାରୀ ପ୍ରକଳ୍ପ ପାଇଁ ତାଙ୍କର ଆକଳନକୁ ଚୂଡ଼ାନ୍ତ କରିଛନ୍ତି ଏବଂ ଏହି ବିଷୟକୁ ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ), ଦକ୍ଷିଣ-ପୂର୍ବ ରେଳପଥ, ରାଉରକେଲାଙ୍କୁ ସୂଚନା ପ୍ରଦାନ କରାଯାଇଛି।

**ସୂଚୀ**

**ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଅଧୀନରେ ଜମିର ସଂକ୍ଷିପ୍ତ ବିବରଣୀ**

ଯଦି କୌଣସି ଦାବି/ମତାମତ ଥାଏ ତାହାର ସମାଧାନ ପାଇଁ ବ୍ୟକ୍ତିଗତ ଏଜେଣ୍ଟଙ୍କ ଦ୍ୱାରା/ଆଇନଗତ ଓକିଲଙ୍କ ଦ୍ୱାରା ଉପସ୍ଥିତ ହେବାପାଇଁ ଅନୁରୋଧ କରାଯାଉଛି। ଗ୍ରାମୱାରୀ ବିବରଣୀ ଓ ସମୟ ନିମ୍ନରେ ଦିଆଯାଉଛି।

**ପ୍ରାଧିକୃତ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନ**

ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, କଲେକ୍ଟୋରେଟ୍, ସୁନ୍ଦରଗଡ଼

ରିପୋର୍ଟିଙ୍ଗ ତାରିଖ: ୧୦।୦୭।୨୦୨୫ ଓ ପରଠାରୁ, ସମୟ: ରବିବାର ଓ ଛୁଟିଦିନ ବ୍ୟତୀତ ଅଫିସ୍ ସମୟ।

**ମୌଜା: କପାଟିମୁଣ୍ଡା**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 3 | 652 | ଗୋଡ଼ା-୨ | 0.05 | 0.03 | ଅସ୍ତ ଓରାମ, ମନ୍ସି ଓରାମ, ବିଞ୍ଚୁସ ଓରାମ, ପି.: ହରି ଓରାମ, ନିର୍ମଳ ଓରାମ, ବିନୋଦ ଓରାମ, ପି.: ମଦର ଓରାମ, ହିଲାରୁଷ ଓରାମ, ପି.: ଟ୍ୱେମ୍ବୁ ଓରାମ, ଜା: ଓରାମ ଖ୍ରୀଷ୍ଟିଆନ, ବା: ନିଜଗାଁ |
| 2 | 13 | 653 | ଗୋଡ଼ା-୨ | 0.34 | 0.07 | ଗହନ ତୁରୀ, ପି.: ଲଲସଇ ତୁରୀ, ଜା: ତୁରୀ, ବା: ନିଜଗାଁ |
| 3 | 19 | 655 | ଗୋଡ଼ା-୨ | 0.19 | 0.16 | ଚିମା ଓରାମ, ପି.: ଭୁଗଲୁ ଓରାମ, ପୁଣ ଖେସ୍, ସମ ଖେସ୍, ଚନ୍ଦୁ ଖେସ୍, ପି.: ଲୁଟୁଆ ଓରାମ, ଖୁଡି ଓରାମ, ଭଗ୍ନ ଓରାମ, ପି.: ତୀଲକ ଓରାମ, ଜା: ଓରାମ, ବା: ନିଜଗାଁ |
| | | 656 | ଗୋଡ଼ା-୨ | 0.33 | 0.16 | |
| 4 | 30 | 658 | ଗୋଡ଼ା-୨ | 2.18 | 0.05 | ଝମନ ମହତ, ପି.: ଝରି ମହତ, ସୁଫଳ ମହତ, ପି.: କାର୍ତ୍ତିକ ମହତ, ବୁଧୁ ମହତ, ମଧୁ ମହତ, ପି.: ଗଣେଶ ମହତ, ଖେତୁ ମହତ, ସରାଠୁ ମହତ, ପି.: ପଞ୍ଚୁ ମହତ, ଜା: କୁଡୁମ, ବା: ନିଜଗାଁ |
| | | 665 | ଗୋଡ଼ା-୨ | 2.35 | 0.04 | |
| 5 | 76 | 663 | ଗୋଡ଼ା-୨ | 0.06 | 0.06 | ମଉଧେଇ ଓରାମ, ପି.: ମିନୁ ଓରାମ, ଖ୍ୱାକିଂ ଓରାମ, ପି.: ସମାର ଓରାମ, ଜା: ଓରାମ, ବା: ନିଜଗାଁ |
| | | 664 | ଗୋଡ଼ା-୨ | 0.17 | 0.14 | |
| | | | | Total | Ac.0.71 | |

**ମୌଜା: ବରହବାସ**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 12 | 181 | ଘରବାରି | 0.27 | 0.16 | ଜଗନ୍ନାଥ ମହାଲି, ଖ୍ରାନାଥ ମହାଲି, ପି.: ସନିକ ମହାଲି, ଜା: ମହାଲି, ବା: ନିଜଗାଁ |
| | | 182 | ଗୋଡ଼ା-୨ | 0.54 | 0.03 | |
| | | | | Total | Ac.0.19 | |

**C.A.L.A.-cum-Land Acquisition Officer**
**Sundargarh**

## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

लापताः आवश्यक सूचना



**गुमशुदा पुरूष विरेन्द्र सिंह, उम्र-50 वर्ष**

सर्व साधारण को सूचित किया जाता है कि आवेदिका गीता देवी के द्वारा अपने पति विरेन्द्र सिंह, उम्र-50 वर्ष की गुमशुदगी के संबंध में चाकुलिया थाना में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा विरेन्द्र सिंह, उम्र-50 वर्ष, पिता-स्व0 जनार्दन सिंह, पता-ग्राम-नया बाजार, थाना-चाकुलिया, जिला-पूर्वी सिंहभूम, जमशेदपुर जो गुड़गाँव, हरियाणा में गाड़ी चलाते थे।

दिनांक-21.06.2025 से उनसे सम्पर्क नहीं हो पा रहा है। गुमशुदा पुरूष का हुलिया निम्न प्रकार है:-उम्र-50 वर्ष, कद-05 फीट 08 इंच, रंग-सांवला, पहनावा-जिन्स कुर्ता तथा भाषा-हिन्दी।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657-2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
अनु0पु0पदा0, घाटशिला : 9431706485
थाना प्रभारी, चाकुलिया : 9431706520

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 356601 (Police)25-26*D

## OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT, RANCHI

**NirupanBhawan,3rd Floor,Room No. 401, 56-Set,Doranda,Ranchi-834002**

**e-Procurement (Very Short Tender Notice)**
**Letter of Invitation (LOI) No.-16/2025-26 2nd Call**
**e-Tender Ref No:-RCD/SID/AP/RAN/16/2025-26 Date:- 03.07.2025**

| | | |
|---|---|---|
| 1 | Name Of Work | **Consultancy Services for Preparation of Detailed Project Report for widening & Strengthening/Reconstruction of Road from Radhanagar Ghatiyali more (Telidih Vikramdih road) to JMP-4 (sector-12) via Satanpur including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro Districtin the State of Jharkhand. (Tetative Length 08.10 K.m.)***Empanelled consulant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 08.10 K.m |
| 3 | Period of Completion of Work | 30 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee. Tender fee will be recived through online mode only. The quotationershave to deposit a fixed amount ofRs 20,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 07.07.2025,10:30 AM |
| 7 | Last Date/Time of Bid Submission | 14.07.2025 12:00PM |
| 8 | Last Date/Time of Submission of Tender Fee & EMD | 14.07.2025 12:00PM |
| 9 | Date and Time of Bid opening | 15.07.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation DivisionAdvance Planning,RCD, Ranchi Mob-9905660677. |
| 13 | PR NO.- | 355130(2025-26) D |

Note:-Only e-Tender shall be accepted.

**Sd./-(Ravi Shankar Pravakar)Executive Engineer, Soil Investigation Division, Advance Planning, Road Construction Department,Ranchi**

PR 356607 (Road)25-26*D

## ODISHA PUBLIC SERVICE COMMISSION CUTTACK

### NOTICE

**No. 4595/P.S.C., Dt.03.07.2025**
**PF1-1E-04-2025/26 (DR-III)**

**Recruitment to the post of Assistant Conservator of Forest & Forest Ranger (Advertisement No. 08 of 2023-24)**

No. D-120:- In continuation to this Office Notice No. 3723/PSC, dtd. 31.05.2025, it is for information of all qualified candidates that **the Physical Standard and Endurance Test (Walking)** for recruitment to the post of **Assistant Conservator of Forest, Group-A (JB) & Forest Ranger, Group-B**, pursuant to Advertisement No. 08 of 2023-24 shall be conducted by the Principal Chief Conservator of Forests, Odisha **at Regional Plant Resource Centre (RPRC) Campus, Nayapalli, Bhubaneswar** from **14.07.2025 to 20.07.2025** as per the following schedule.

**Venue:** Regional Plant Resource Centre (RPRC) Campus, Nayapalli, Bhubaneswar

**PROGRAMME FOR PHYSICAL STANDARD AND ENDURANCE TEST (WALKING):**

| Sl. No. | Roll No. | Physical Standard Test | | Endurance Test (Walking) | |
|---|---|---|---|---|---|
| | | Date & Time of Reporting | Date & Time of Event | Date & Time of Reporting | Date & Time of Event |
| 01. | 100117, 100154, 100174, 100241, 100468, 100533, 100535, 100602, 100692, 100760, 101005, 101014, 101260, 101329, 101391, 101862, 101956, 102042, 102132, 102232, 102252, 200084, 200099, 200252, 200353, 200399, 200578, 200934, 201058, 201153, 201457, 201459, 201577, 201579, 201658, 201670, 201739, 201752, 201964, 202135, 202171, 202286, 202296, 300025, 300034, 300042, 300045, 300125, 300128, 300132, 300176, 300207, 300243, 300253, 300281, 300289, 300292, 300322, 300337, 300358, 300428, 300429, 300440, 300508, 300556, 300607, 300611, 300672, 300696. 300706, 300716, 300734, 300747, 300754, 300770, 300835, 300904, 300911, 300912, 300939, 301045, 301049, 301053, 301102, 301126, 301148, 301157, 301161, 301276 & 301345 **= 90 candidates** | 14.07.2025 10.00 A.M. | 14.07.2025 10.30 A.M. to 05.30 P.M. | 15.07.2025 04.30 A.M. | 15.07.2025 05.30 A.M. to 09.30 A.M. |
| 02. | 301365, 301370, 301374, 301386, 301404, 301420, 301479, 301531, 301538, 301593, 301623, 301626, 301659, 301670, 301692, 301705, 301709, 301711, 301740, 301766, 301779, 301900, 301936, 301947, 301949, 302025, 302030, 302031, 302044, 302081, 302129, 302141, 302178, 302253, 302263, 302322, 302368, 302387, 302389, 302402, 302453, 302457, 302459, 302524, 302537, 302606, 302615, 302666, 302687, 302727, 302863, 302879, 302897, 302927, 302941, 302989, 302990, 303142, 303151, 303168, 303171, 303172, 303239, 303241, 303254, 303268, 303291, 303327, 303414, 303425, 303496, 303499, 303508, 303523, 303548, 303565, 303581, 303630, 303737, 303741, 303746, 303759, 303762, 303780, 303909, 303915, 303929, 303935, 303937 & 303986 **= 90 candidates** | 15.07.2025 10.00 A.M. | 15.07.2025 10.30 A.M. to 05.30 P.M. | 16.07.2025 04.30 A.M. | 16.07.2025 05.30 A.M. to 09.30 A.M. |
| 03. | 304011, 304018, 304086, 304107, 304116, 304147, 304180, 304209, 304234, 304263, 304282, 304288, 304305, 304309, 304335, 304345, 304371, 304386, 304394, 304397, 304427, 304428, 304442, 304551, 304596, 304605, 304676, 304679, 304701, 304706, 304724, 304727, 304744, 304755, 304758, 304793, 304804, 304806, 304814, 304820, 304823, 304906, 304953, 304962, 304988, 305056, 305057, 305061, 305127, 305231, 305267, 305282, 305341, 305347, 305366, 305397, 305486, 305517, 305529, 305572, 305616, 305654, 305655, 305704, 305768, 305815, 305825, 305833, 305859, 305882, 305902, 305924, 305960, 305966, 305971, 305999, 306013, 306030, 306093, 306129, 306137, 306145, 306157, 306206, 306217, 306284, 306304, 306344, 306438 & 306440 **= 90 candidates** | 16.07.2025 10.00 A.M. | 16.07.2025 10.30 A.M. to 05.30 P.M. | 17.07.2025 04.30 A.M. | 17.07.2025 05.30 A.M. to 09.30 A.M. |
| 04. | 306463, 306490, 306516, 306531, 306548, 306561, 306611, 306630, 306641, 306659, 306687, 306760, 306778, 306816, 306841, 306950, 306962, 307048, 307049, 307071, 307078, 307095, 307120, 307124, 307125, 307175, 307232, 307237, 307328, 307415, 307467, 307530, 307544, 307690, 307695, 307709, 307766, 307842, 307866, 307927, 307945, 307946, 307964, 307977, 307995, 308019, 308029, 308084, 308140, 308142, 308159, 308162, 308253, 308298, 308302, 308397, 308617, 308702, 308723, 308744, 308758, 308766, 308803, 308810, 308814, 308829, 308865, 308905, 308962, 308976, 309027, 309049, 309072, 309105, 309107, 309134, 309161, 309172, 309177, 309268, 309283, 309320, 309328, 309355, 309388, 309389, 309405, 309429, 309433 & 309439 **= 90 candidates** | 17.07.2025 10.00 A.M. | 17.07.2025 10.30 A.M. to 05.30 P.M. | 18.07.2025 04.30 A.M. | 18.07.2025 05.30 A.M. to 09.30 A.M. |
| 05. | 309480, 309494, 309539, 309547, 309592, 309658, 309660, 309662, 309688, 309754, 309776, 309778, 309787, 309789, 309833, 309864, 309884, 309888, 309944, 309955, 310000, 310062, 310066, 310133, 310135, 310153, 310265, 310269, 310272, 310326, 310359, 310398, 310401, 310418, 310422, 310439, 310510, 310532, 310538, 310610, 310653, 310690, 310700, 310705, 310716, 310724, 310777, 310805, 310845, 310896, 310951, 310964, 310967, 311072, 311100, 311141, 311144, 311232, 311277, 311299, 311361, 311425, 311427, 311454, 311458, 311566, 311568, 311635, 311650, 311689, 311757, 311766, 311815, 311825, 311844, 400018, 400037, 400161, 400172, 400256, 400319, 400375, 400396, 400446, 400452, 400475, 400489, 400586, 400632 & 400633 **= 90 candidates** | 18.07.2025 10.00 A.M. | 18.07.2025 10.30 A.M. to 05.30 P.M. | 19.07.2025 04.30 A.M. | 19.07.2025 05.30 A.M. to 09.30 A.M. |
| 06. | 400639, 400705, 400767, 400815, 400817, 400903, 400931, 400960, 400969, 400993, 401083, 401112, 401118, 401159, 401172, 401288, 401453, 401501, 401554, 401635, 401727, 401767, 401841, 401855, 401887, 401890, 401931, 401965, 401997, 402000, 402236, 402373, 402374, 402387, 402432, 402509, 402631, 402787, 402846, 402931, 402966, 403045, 403074, 403077, 403078, 403229, 403264, 403346, 403361, 403653, 500026, 500051, 500281, 500385, 500402, 500517, 500826, 500965, 501052, 501130, 501189, 501304, 501407, 501595, 501865, 501973, 502269, 502578, 502659, 502874, 502932, 503024, 503032, 503298, 503451, 503473, 503513, 503548, 503562, 503693, 503780, 503792 & 504047 **= 83 candidates** | 19.07.2025 10.00 A.M. | 19.07.2025 10.30 A.M. to 05.30 P.M. | 20.07.2025 04.30 A.M. | 20.07.2025 05.30 A.M. to 09.30 A.M. |

The Intimation letters for the above short listed candidates will be available in the website of the Commission at http://opsc.gov.in from **09.07.2025** to be downloaded by the candidates concerned. The candidates are required to produce Original Photo Identity Proof, the downloaded Intimation Letter at the venue and the time of the Physical Test as indicated in the Intimation Letter. The candidates not appearing in the Test shall stand disqualified.

**Instructions to the Candidates for the Physical Standard & Endurance Test:**

1. The candidates should report at the venue (RPRC, Bhubaneswar) as per the schedule mentioned against their Roll Number.
2. The Physical Test will be followed by Endurance Test (Walking test).
3. The candidate will produce the following documents:
   a) Production of self-downloaded and self-attested copy of Intimation Letter issued by OPSC.
   b) Original Identity proof such as Aadhaar/PAN card/Voter I card/Passport/Driving License.
4. For further clarification, if any, the candidate may contact DFO, Chandaka (WL) Division on his **Mobile No. 9438879500.**
5. Only one person (parent/guardian/relatives) will be allowed with the candidate during the test when preferred by the candidate.

OIPR-12002/11/0258/2526

**Sd./- Secretary**

# ରଥରେ ଠାକୁରଙ୍କୁ ଦେଖି ଭାବବିହ୍ୱଳ ଭକ୍ତ



ଅନୁଗୋଳରେ ଜଗନ୍ନାଥଙ୍କ ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।

ଅନୁଗୋଳ,୫।୭(ମାନସ ବିଶ୍ୱାଳ)/(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରସ୍ଥିତ ଶୈଳଶ୍ରୀକ୍ଷେତ୍ରରେ ଶନିବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସହସ୍ରାଧିକ ଭକ୍ତଙ୍କ ଗହଣରେ ୩ ଠାକୁର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସନ୍ଧ୍ୟାରେ ସିଂହଦ୍ୱାରରେ ଲାଗିଥିବା ୩ ରଥ ଉପରେ ଠାକୁରଙ୍କୁ ଦର୍ଶନ କରି ଭକ୍ତମାନେ ଭାବବିହ୍ୱଳ ହୋଇପଡ଼ିଛନ୍ତି। ଭୋର୍ ୩ଟା ୩୦ରେ ଦ୍ୱାର ଫିଟା ସହ ନୀତିକାନ୍ତି ପରେ ସକାଳ ୯ଟା ୩୦ରେ ପହଣ୍ଡି ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ଠାକୁର ରଥାରୂଢ଼ ହେବା ପରେ ଅନୁଗୋଳ ଏସ୍‌ପି ରାହୁଲ

## ଶୈଳଶ୍ରୀକ୍ଷେତ୍ର ସିଂହଦ୍ୱାରରେ ୩ ରଥ

ଜୈନ ଛେରାପହଁରା ନୀତି ସମ୍ପାଦନ କରିଥିଲେ। ଅପରାହ୍ନ ୩ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଳଭଦ୍ରଙ୍କ ରଥ, ପରେ ମା’ସୁଭଦ୍ରାଙ୍କ ରଥ ଟଣାଯାଇଥିଲା। ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ଭକ୍ତମାନେ ଟାଣି ସିଂହଦ୍ୱାରରେ ପହଞ୍ଚାଇଥିଲେ। ଅନୁଗୋଳ ଥାନା ସମ୍ମୁଖରେ ପୋଡ଼ପିଠା, ଛେନାପୋଡ଼ ଭୋଗ ଲାଗି ହୋଇଥିଲା। ରବିବାର ରଥ ଉପରେ ୩ ଠାକୁରଙ୍କୁ ସୁନାବେଶରେ ଭକ୍ତମାନେ ଦର୍ଶନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ପାଦକ ହେମନ୍ତ ଦାସ, ଉପସଭାପତି ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଅନୁଗୋଳ ନିକଟସ୍ଥ ଅମଳାପଡ଼ା, ହେମସୁରପଡ଼ା, ବଁଅରପାଳ, ପୁରୁଣାଗଡ଼ ଏବଂ ନାଲ୍‌କୋନଗରଠାରେ ବାହୁଡ଼ାଯାତ୍ରା ପାଳିତ ହୋଇଯାଇଛି।

# ଜଳିଗଲା କୋଇଲା ବୋଝେଇ ଟ୍ରକ୍



ପବିତ୍ରନଗର,୫।୭ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ଥାନା ଅଞ୍ଚଳରେ ଥିବା ଏମ୍‌ସିଏଲ୍ କୋଇଲା ଖଣି ୱେବ୍ରିଜ୍ ନିକଟସ୍ଥ ଷ୍ଟକୟାର୍ଡରେ ଶନିବାର ଭୋର ସମୟରେ ଏକ କୋଇଲା ବୋଝେଇ ଟ୍ରକ୍ ଜଳିଯାଇଛି। ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଟ୍ରକ୍‌ଟି ଡେରେଙ୍ଗସ୍ଥିତ ଏକ କମ୍ପାନୀକୁ ଯିବାକୁ କୋଇଲା ବୋଝେଇ ସାରି ୱେବ୍ରିଜ୍ ଅଭିମୁଖେ ଯାଉଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ କଣିହାଁ ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ ଏନ. ମଲ୍ଲିକଙ୍କ ନେତୃତ୍ୱରେ ଅଗ୍ନିକ ଶୁରେନ୍ଦ୍ର ଜେନା, ଅନିଲ ତରାଇ ଓ ବିକ୍ରମ ସାହୁ, କର୍ମଚାରୀ ଦୁଷ୍ମନ୍ତ ସାହୁ ପ୍ରମୁଖ ପହଞ୍ଚି ନିଆଁ ଲିଭାଇଥିଲେ।

# ଜିନ୍ଦଲନଗରରେ ଭକ୍ତିମୟ ପରିବେଶ

ଅନୁଗୋଳ,୫।୭(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଦେବଭୂମି ଜିନ୍ଦଲ ନଗରରେ ଭକ୍ତିମୟ ପରିବେଶରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଗୁଣ୍ଡିଚା ମନ୍ଦିରରୁ ଦେବଭୂମିସ୍ଥିତ ଶ୍ରୀମନ୍ଦିର ଅଭିମୁଖେ ରଥଟଣା ଯାଇଥିଲା। ଦେବଭୂମିର ପ୍ରଥମ ସେବିକା ଓ ଜିନ୍ଦଲ ଫାଉଣ୍ଡେଶନ ଅଧକ୍ଷା ଶାଲୁ ଜିନ୍ଦଲ ଛେରାପହରା ଓ ପହଣ୍ଡି ଦାୟିତ୍ୱ ତୁଲାଇଥିଲେ। ଏହାପୂର୍ବରୁ ଭୋର୍ ୫ଟାରେ ମନ୍ଦିର ଦ୍ୱାର ଫିଟାଯାଇ ବିଭିନ୍ନ ନୀତି ମୁଖ୍ୟ ପୂଜକ ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ବାହୁଡ଼ା ଯାତ୍ରା ଅବସରରେ ଜିନ୍ଦଲ ନଗର ବାସିନ୍ଦାଙ୍କ ସମେତ ଆଖପାଖ ଗ୍ରାମ ଗୁଡ଼ିକରୁ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଭକ୍ତମାନେ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ବଳଭଦ୍ରଙ୍କ ରଥକୁ ଉତ୍ସାହର ସହ ଟାଣି ନେଇଥିଲେ। ଚତୁର୍ଦ୍ଧାମୂର୍ତ୍ତି ଆସନ୍ତା ତିନି ଦିନ ଯାଏ ରଥ ଉପରେ ରହିବେ। ରବିବାର, ସୋମବାର ଓ ମଙ୍ଗଳବାର ଯଥାକ୍ରମେ ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ।


ଜିନ୍ଦଲ ନଗରରେ ଦେବଭୂମିର ପ୍ରଥମ ସେବିକା ଶାଲୁ ଜିନ୍ଦଲ ପହଣ୍ଡି ନୀତି ସମ୍ପାଦନ କରୁଛନ୍ତି।

# ଓକିଲ ସଂଘ ପକ୍ଷରୁ ପ୍ରସାଦ ବଣ୍ଟନ

ଅନୁଗୋଳ,୫।୭(ମାନସ ବିଶ୍ୱାଳ)


ଅନୁଗୋଳ ଓକିଲ ସଂଘ ପକ୍ଷରୁ ପ୍ରସାଦ ବଣ୍ଟନ କରାଯାଉଛି।

ବାହୁଡ଼ା ଯାତ୍ରା ଅବସରରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସଂଘ ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଉପସଭାପତି ପ୍ରତାପ ନାଏକ, ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ, ବରିଷ୍ଠ ସଦସ୍ୟ ଦ୍ୱାରିକା ପ୍ରସାଦ ନନ୍ଦ, ଗୋପାଳ ନାଥ, ସୁଶୀଲ ପ୍ରଧାନ, ରମେଶ ସାହୁ, ବିପିନ ସାହୁ, ରଜତ ରଞ୍ଜନ ଦାଶ, ଦିଲୀପ ଦାସ, ସୋମନାଥ ରାଉତ, ପୂର୍ବତନ ସଭାପତି ଦିଲୀପ ସାହୁ, ପୁରୋନ୍ଦର ପ୍ରଧାନ, ସନାତନ ପ୍ରଧାନ, ବିନୋଦ ସାମଲ, ଯୋଗେଶ୍ୱର ପ୍ରଧାନ, ସହସମ୍ପାଦକ ପୁରୁଷୋତ୍ତମ ନାୟକ, ସାଂସ୍କୃତିକ ସମ୍ପାଦକ ଜ୍ୟୋସ୍ନାମୟୀ ସାହୁ, ଗୋପାଳ ଅଗ୍ରୱାଲ, ବିନୋଦ ମିଶ୍ର, ଧୀରେନ ପ୍ରଧାନ, ବିନୋଦ ପ୍ରଧାନ, ପାର୍ଥସାରଥି ପ୍ରଧାନ, ପବିତ୍ର ମୁଦୁଲି, ଅକ୍ଷୟ ସାହୁ, ରଞ୍ଜନ ପତ୍ର, ମନୋରଞ୍ଜନ ଦାସ, ଅରୁଣ ବିଶ୍ୱାଳ, ହେମନ୍ତ ସାହୁ, ଶ୍ରବଣ ସାହୁ, ଆଶିଷ ପ୍ରଧାନ, ରାକେଶ ସାହୁ, ପ୍ରଶାନ୍ତ ଦାସ, ସୌରଭ ମହାନ୍ତି, ସତ୍ୟଜିତ ପ୍ରଧାନ, ରାଜେଶ ପ୍ରଧାନ ଓ ଶ୍ରିୟଙ୍କା ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଶତାଧିକ ଆଇନଜୀବୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସାପ କାମୁଡ଼ାରେ ନାବାଳକ ମୃତ

ବଇଣ୍ଡା,୫।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗତିକୃଷ୍ଣପୁର ଗ୍ରାମର ବଳରାମ ବାଘଙ୍କ ପୁଅ ରିତେଶ ବାଘ(୧୫)ଙ୍କ ଶୁକ୍ରବାର ରାତିରେ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ରିତେଶ ଘରେ ଶୋଇଥିବାବେଳେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କିଶୋରନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅନୁଗୋଳରେ ରିତେଶଙ୍କ ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି।

# ବ୍ଲକସ୍ତରୀୟ ବାଲ୍ୟବିବାହ ନିରୋଧ ସମନ୍ୱୟ କାର୍ଯ୍ୟକ୍ରମ

ବଇଣ୍ଡା,୫।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ପଞ୍ଚାୟତ ସମିତି ସଭାଗୃହଠାରେ ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ତରଫରୁ ଏବଂ ପଞ୍ଚାୟତ ସମିତି ସହଯୋଗରେ ବାଲ୍ୟବିବାହ ନିରୋଧ ସମ୍ବନ୍ଧୀୟ ସମସ୍ତ ସହଯୋଗୀ ବିଭାଗକୁ ନେଇ ଏକ ବ୍ଲକସ୍ତରୀୟ ସମନ୍ୱୟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ସୁବ୍ରତ କୁମାର ବେହେରା, ଅନ୍ୟତମ ଅତିଥି ଭାବେ ଶିଶୁମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ସିଡିପିଓ ଆରତୀ ସିଂ, ଜିଲା ଶ୍ରମ ବିଭାଗରୁ ଅଶ୍ୱିନୀ କୁମାର ମୁଦୁଲି, କିଶୋରନଗର ଥାନା ଭାରପ୍ରାପ୍ତ ଅଧିକାରୀ ବିଭୂତି ପ୍ରଧାନ, ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, କଲେଜ ପ୍ରିନ୍ସିପାଲ, ଆଇସିଡିଏସ୍ ସୁପରଭାଇଜର ଏବଂ କର୍ମୀମାନେ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ର ସଂଯୋଜକ ପୂଜା ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ବିଶ୍ୱଯୁବ କେନ୍ଦ୍ର ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ବାଲ୍ୟବିବାହ ନିଷେଧ ଆଇନର ବିଭିନ୍ନ ଦିଗ ଓ ସମ୍ପର୍କିତ ସମସ୍ୟା ଏବଂ ଆଇନ ପାଳନରେ ବିଭିନ୍ନ ବିଭାଗର ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ବେହେରା ବାଲ୍ୟବିବାହ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିଶ୍ଚିତ କରିଥିଲେ। ବିଶ୍ୱ ଯୁବକେନ୍ଦ୍ର ସଭାପତି ବସନ୍ତ କୁମାର ପ୍ରଧାନ ସଂସ୍ଥାର ଭୂମିକା ବିଷୟରେ ଅବଗତ କରାଇଥିଲେ। ବ୍ଲକର ସମସ୍ତ ୨୩ଟି ପଞ୍ଚାୟତରେ ବିବାହ ରେଜିଷ୍ଟର ଓ ସ୍ଥାନାନ୍ତରଣ ରେଜିଷ୍ଟର ପରିଚାଳନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବସନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଚାରାରୋପଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ



ହଣ୍ଡପା ହାଇସ୍କୁଲ ପରିସରରେ ଶୁକ୍ରବାର ଚାରାରୋପଣ କରାଯାଉଛି।

ବଇଣ୍ଡା,୫।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲ ପରିସରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହଣ୍ଡପା ଫରେଷ୍ଟର ଶୁଭେନ୍ଦୁ କୁମାର ପ୍ରଧାନ ଯୋଗଦେଇ ଚାରାରୋପଣ କରିବା ସହ ସମସ୍ତେ ନିଜ ବାଡ଼ିବଗିଚାରେ ଗୋଟିଏ ଲେଖାଏ ଚାରା ଲଗାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ବେହେରା, ଫରେଷ୍ଟର ପ୍ରଧାନ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ସେହିପରି ମାଙ୍କଡ଼ଚୁଆ ଗ୍ରାମରେ ଚାରାରୋପଣ କରାଯାଇଛି। ଏଥିରେ ଶୈଳେନ୍ଦ୍ର କୁମାର ପ୍ରଧାନ, ଏମ୍‌ବିକେ ସରୋଜିନୀ ପ୍ରଧାନ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

## ବିମଳ ସଭାପତି, ସୁଶାନ୍ତ ସମ୍ପାଦକ ନିର୍ବାଚିତ

ଅନୁଗୋଳ,୫।୭(ମାନସ ବିଶ୍ୱାଳ)

ଅନୁଗୋଳ ଉପକଣ୍ଠ ରାଣୀଗୋଡ଼ା ଗ୍ରାମସ୍ଥିତ ମା’ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ବୁଲା ସାହୁଙ୍କ ଆକସ୍ମିକ ବିୟୋଗ ହୋଇଯାଇଥିବାରୁ ବୈଠକରେ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତବର୍ଷ ୩୫ତମ ଲକ୍ଷ୍ମୀପୂଜାକୁ ଧୂମଧାମରେ ଆୟୋଜନ କରାଯିବାକୁ ଏଥିରେ ନିଷ୍ପତ୍ତି ନିଆଯିବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦ୍ୱିତୀୟ ଥର ସଭାପତି ଭାବେ ବିମଳ ବେହେରାଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ଅଜିତ ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ସହସମ୍ପାଦକ ନିରଞ୍ଜନ ଦେହୁରୀ ଏବଂ କୋଷାଧ୍ୟକ୍ଷ ଲୁଲୁ ଦେହୁରୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଧନେଶ୍ୱର ବିଶ୍ୱାଳଙ୍କୁ ଚୟନ କରାଯାଇଥିଲା। ଉକ୍ତ ବୈଠକରେ ଉପଦେଷ୍ଟା ମଣ୍ଡଳୀ କର୍ମକର୍ତ୍ତା ନିରଞ୍ଜନ ସାହୁ, ଲମ୍ବୋଦର ବେହେରା, ସୁଜିତ କୁମାର ସାହୁ, ବିଜନ ସାହୁ, ସଞ୍ଜୟ ସାହୁ, ପ୍ରଶାନ୍ତ ବିଶ୍ୱାଳ, ତ୍ରିପୁର ବିଶ୍ୱାଳ, ବାବୁଲାଲ ସାହୁ ଏବଂ ରାଣୀଗୋଡ଼ା ସରପଞ୍ଚ ପ୍ରକାଶ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଗାଁ ଦାଣ୍ଡରେ ଗଡ଼ିଲା କୁନି ରଥ

ଛେଣ୍ଡିପଦା,୫।୭(ଅଜିତ ଧଳ)

ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଶିମିଳିପାଳ ପାଞ୍ଚୟତ କନକପଡ଼ା ଗାଁର ପିଲାମାନେ ତିଆରି କରିଥିବା କୁନି ରଥ ଗାଁ ଦାଣ୍ଡରେ ଗଡ଼ିଛି। ରାହୁଲ ସାହୁ, ଋଷି ଦାସ, ଲିପୁନ ଦାସ, ବାଦଲ ଦାସ, ଆକାଶ ଦାସ, ଶିବୁ ଦାସ, ଏଲନ ବେହେରା, କ୍ରିଶ୍ ଦାସ, ସାନୁ ବାରିକ, ଅଙ୍କୁର ଦାସ, ଭୁବନ ଦାସ, ଶୁଭମ ଦାସ, ସୌମ୍ୟ ରଞ୍ଜନ ମାଝୀ, ଆଶୁତୋଷ ମାଝୀ, ମଣ୍ଟୁ ଦାସ, ଆୟୁଷ ଦାସ, ବାଟୁ ଦାସ ପ୍ରମୁଖ ପିଲାମାନେ ସାଇକେଲ ଚକ ଲଗାଇ ଏକ ରଥ ନିର୍ମାଣ କରିଥିଲେ। ଉକ୍ତ କୁନି ରଥରେ ତିନି ଠାକୁରଙ୍କୁ ବସାଇ ଟାଣି ନେଇଥିଲେ।


କନକପଡ଼ା ଗାଁର ପିଲାମାନେ ରଥ ଟାଣୁଛନ୍ତି।

# ରେଙ୍ଗାଲି ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ

ପବିତ୍ରନଗର,୫।୭(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲାଯାଇ ଶନିବାର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଡ୍ୟାମ୍‌ରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା କହିଛନ୍ତି, ଡ୍ୟାମ୍‌ର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ହୋଇଥିବାବେଳେ ଶନିବାର ଅପରାହ୍ନ ୫ଟା ସୁଦ୍ଧା ଜଳସ୍ତର ୧୨୦.୯୮ ମିଟରରେ ପହଞ୍ଚିଥିଲା। ଫଳରେ ସନ୍ଧ୍ୟା ୬ଟା ୨୦ରେ ଡ୍ୟାମ୍‌ର ୮ନଂ. ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨୪୮୯.୯୭ ଘନ ମିଟର ବନ୍ୟା ଜଳ ପ୍ରବେଶ କରୁଥିବା ବେଳେ ଖୋଲାଯାଇଥିବା ଗୋଟିଏ ଗେଟ୍ ଓ ପାୱାର ଚ୍ୟାନେଲ ଦେଇ ୧୭୦୦ ଘନ ମିଟର ଜଳ ନିଷ୍କାସନ କରାଯାଉଛି। ଡ୍ୟାମ୍ ଗେଟ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାସ, ଅଧୀକ୍ଷଣ ଯନ୍ତ୍ରୀ ବେହେରା, ଉପଖଣ୍ଡ ଅଧିକାରୀ ଶଙ୍କରା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସମଲ ବ୍ୟାରେଜର ମଧ୍ୟ ୫ଟି ଗେଟ୍ ଖୋଲା ଯାଇଥିବା ବ୍ୟାରେଜ କର୍ତ୍ତୃପକ୍ଷଙ୍କ ନିକଟରୁ ସୂଚନା ମିଳିଛି।

# ବର୍ଷାରେ ଭିଜି ରଥ ଟାଣିଲେ ସହସ୍ରାଧିକ ଶ୍ରଦ୍ଧାଳୁ

ବଇଣ୍ଡା,୫।୭(ପରିକ୍ଷିତ ସାହୁ)/ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ବଁଅରପାଳ (ସୁବାସ ସାହୁ)/ ଛେଣ୍ଡିପଦା (ଅଜିତ ଧଳ)/ ପବିତ୍ରନଗର (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ବିଲେଇନାଳି, ବଡ଼ଗୋବିନ୍ଦପୁର, ଇଚ୍ଛାପୁର, ବଇଣ୍ଡା, ଗାଁବଇଣ୍ଡା, ଘୋଷାର, ବାଟିମୁଣ୍ଡା, ଉରୁକୁଳା, ସଞ୍ଚାମୁରା, ବାମୁର, ସରିଗିପାଲି ଏବଂ ଠାକୁରଗଡ଼ ଥାନା ଅଞ୍ଚଳର ପେଡ଼ିପଥର, କୃତ୍ତିବାସପୁର, ଠାକୁରଗଡ଼ରେ ଶନିବାର ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି। ସାରାଦିନ ଝିପି ଝିପି ବର୍ଷା ଲାଗି ରହିଥିଲେ ମଧ୍ୟ ଭକ୍ତମାନେ ବର୍ଷାରେ ଭିଜି ପ୍ରଭୁଙ୍କ ରଥକୁ ଟାଣି ନେଇଥିଲେ। ଏ ନେଇ ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରା ଯାଉଥିବାବେଳେ ହଣ୍ଡପା, କିଶୋରନଗର, ଠାକୁରଗଡ଼ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା। ସେହିପରି ଆଠମଲ୍ଲିକରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟାରେ ପହଣ୍ଡି ନୀତି ସମ୍ପନ୍ନ ହୋଇଥିଲା। ପୂଜକ ପ୍ରଫୁଲ୍ଲ ପାଣିଗ୍ରାହୀ ଓ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସହାୟତାରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଉପେନ୍ଦ୍ର ଲୁହା ଛେରାପହଁରା କରିବା ପରେ ରଥଟଣା ଯାଇଥିଲା। ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଟିଟୋସ ମହାନନ୍ଦିଆ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲାବେଳେ ଅତିରିକ୍ତ ତହସିଲଦାର ଦେବାଶିଷ ରଣା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତନ୍ମୟ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଠମଲ୍ଲିକ ଥାନା ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ଶୃଙ୍ଖଳା ରକ୍ଷା କରାଯାଇଥିଲା। ରବିବାର ବଡ଼ ଏକାଦଶୀ ତିଥି ଥିବାରୁ ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହେବ। ସେହିପରି ବଁଅରପାଳ ବ୍ଲକ ନାଲ୍‌କୋଠାରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ପହଣ୍ଡିରେ ଆସି ଠାକୁର ରଥାରୂଢ଼ ହେବା ପରେ ଅପରାହ୍ନ ୨ଟାରେ ନାଲ୍‌କୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀନିବାସ ଶୁଭ୍ରମନ୍ୟମ ନରେଲା ଛେରା ପହଁରା କରିଥିଲେ। ଅପରାହ୍ନ ୩ ଘଟିକାରେ ରଥ ଟଣା ଯାଇଥିଲା। ସନ୍ଧ୍ୟା ୬ ଘଟିକାରେ ନାଲ୍‌କୋ ଜଗନ୍ନାଥ ମନ୍ଦିରର ପୂର୍ବ ଦ୍ୱାରରେ ରଥ ପହଞ୍ଚିଥିଲା। ଏହି ଅବସରରେ ନାଲ୍‌କୋ ପ୍ରୋଗ୍ରେସ ଏମ୍ପ୍ଲୋଇଜ ସଂଘ ପକ୍ଷରୁ ଭକ୍ତମାନଙ୍କୁ ଡାଲମା ଖେଚୁଡି ଭୋଗ ପ୍ରଦାନ କରାଯାଇଥିଲା। ମାରୁତି ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା କରାଯାଇଥଲା। ରବିବାର ସୁନା ବେଶ ଅନୁଷ୍ଠିତ ହେବ। ସେହିପରି ବଁଅରପାଳସ୍ଥିତ ପଞ୍ଚଶ୍ରୀକ୍ଷେତ୍ରରେ ଅପରାହ୍ନ ୪ଟାରେ ରଥଟଣା ହୋଇଥିଲା। ସନ୍ଧ୍ୟା ୬ଟା ଭିତରେ ୩ ରଥ ପଞ୍ଚଶ୍ରୀକ୍ଷେତ୍ରରେ ମନ୍ଦିରରେ ପହଞ୍ଚିଥିଲା। ବଁଅରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି ଛେଣ୍ଡିପଦା ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ଛେଣ୍ଡିପଦା ସଦର ମହକୁମାସ୍ଥିତ ରଥରେ ଛେଣ୍ଡିପଦା ଗ୍ରାମ୍ୟ କମିଟି ସଭାପତି ଚନ୍ଦ୍ରମଣି ପ୍ରଧାନ ଛେରାପହଁରା କରିଥିଲେ। ଅପରାହ୍ନ ୪ଟାବେଳେ ରଥଟଣା ଯାଇଥିଲା। ଛେଣ୍ଡିପଦା ମନ୍ଦିର କମିଟି, ଗ୍ରାମ କମିଟି ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ନପ୍ରସାଦ, ପାନୀୟଜଳ ବଣ୍ଟନ କରିଥିଲେ। ବାଗଡିଆ, କୋଶଳା, ପାତ୍ରପଡ଼ା, ଜିନ୍ଦଲ ଦେବଭୂମି, ବାଳିପଟା, କୋରଡା, ସନ୍ତରାବନ୍ଧ, ଜରପଡା, ଜେରେଙ୍ଗ, ଡଙ୍ଗାପାଳ, ଚାଙ୍ଗୁଡିଆ, ହାଣ୍ଡିଗୋଡା, କମ୍ପସଲା, ବ୍ରାହ୍ମଣବିଲ, ଦୁର୍ଗାପୁର, ଓଗୀ, ତୁକୁଡା, କତଡ଼ା ଓ ପରା ଆଦି ଗ୍ରାମରେ ବାହୁଡ଼ାଯାତ୍ରା ପାଳିତ ହୋଇଯାଇଛି। ଛେଣ୍ଡିପଦା, ବାଗଡିଆ, ନିଶା ଓ ଜରପଡା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ସମଲ ଠାରେ ଥିବା ତ୍ରିବେଣୀ ଶ୍ରୀକ୍ଷେତ୍ର ଗୁଣ୍ଡିଚା ମନ୍ଦିର ଠାରେ ପୂଜାର୍ଚ୍ଚନା ପରେ ଠାକୁରଙ୍କୁ ରଥରେ ବିଜେ କରାଯାଇଥିଲା। ପରେ ରଥ ଟଣାଯାଇ ସନ୍ଧ୍ୟାରେ ସମଲସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚାଯାଇଥିଲା। ସେଠାରେ ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦ ସହିତ ବ୍ୟବସ୍ଥା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସମଲ, ଟିପ, ସାନଟିପ, ବିଲିଣ୍ଡା, ବିକିଶର ଗ୍ରାମକୁ ନେଇ ହୋଇଥିବା ତ୍ରିବେଣୀ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର କମିଟିର ସମସ୍ତ କାର୍ଯ୍ୟକର୍ତ୍ତା, ଗ୍ରାମବାସୀ, ଜଗନ୍ନାଥ ସେନା, ଏବଂ ବିଭିନ୍ନ ସଙ୍ଗଠନର ସହଯୋଗରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଥିଲା।


ବଇଣ୍ଡାଠାରେ ପହଣ୍ଡି।


ଆଠମଲ୍ଲିକରେ ରଥରେ ଠାକୁର।


ବଁଅରପାଳରେ ରଥ ଟଣାଯାଉଛି।


ଛେଣ୍ଡିପଦାରେ ରଥ ଟାଣୁଛନ୍ତି ଭକ୍ତ।


ପବିତ୍ରନଗରରେ ରଥ ଉପରେ ଠାକୁର।

# ସୋସିଆଲ ଫୋବିଆ

**କେତେଜଣଙ୍କୁ ଅଧିକ ଲୋକଙ୍କ ଆଗକୁ କିମ୍ବା ସାମାଜିକ ସମାରୋହକୁ ଯିବାକୁ ଡର ଲାଗିଥାଏ। ଏହା ଏକ ମାନସିକ ସମସ୍ୟା, ଯାହାକୁ ସୋସିଆଲ ଫୋବିଆ ବା ସୋସିଆଲ ଆଙ୍ଗଜାଇଟି ଡିଜ୍ଅର୍ଡର କୁହାଯାଏ। ତେବେ ଦୃଢ଼ ଇଚ୍ଛାଶକ୍ତି ଓ ଗଭୀର ଆତ୍ମବିଶ୍ୱାସର ସହ ପ୍ରଚେଷ୍ଟା ହିଁ ଏହି ଡରକୁ ନିଜ ଭିତରୁ ଦୂରେଇବାରେ ସହାୟକ ହୋଇପାରିବ...**



କାର୍ଯ୍ୟବ୍ୟସ୍ତତା ଯୋଗୁ ଅନେକ ସମୟରେ କେହି କେହି ବିଭିନ୍ନ ସାମାଜିକ ସମାରୋହରେ ସାମିଲ ହୋଇ ପାରି ନ ଥା'ନ୍ତି। ହେଲେ ତାହା ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯାଏ, ଯାହାକୁ ସୋସିଆଲ୍ ଫୋବିଆ ବୋଲି କୁହାଯାଇଥାଏ। ଏହା ଏକପ୍ରକାର ମାନସିକ ସମସ୍ୟାର ଲକ୍ଷଣ ହୋଇପାରେ।

**ଏହାର ପ୍ରମୁଖ ଲକ୍ଷଣ:** ସୋସିଆଲ୍ ଫୋବିଆ ସମସ୍ୟା ଥିବା ଯୁବତୀ ଯୁବକଙ୍କଠାରେ ଅଜଣାଙ୍କ ସହ ଭେଟିଲେ କିମ୍ବା କଥା ହେଲେ ବିଚଳିତ ହୋଇପଡ଼ିବା, ସେମିନାର, କ୍ଲାସ୍‌ରୁମ୍ କିମ୍ବା କୌଣସି ମିଟିଂକୁ ଗଲେ, ସେଠାରେ କିଛି କହିବାକୁ ହେଲେ ଅବା ଏକାଠି ବସି ଖାଇବାକୁ ହେଲେ ତଣ୍ଟି ଶୁଖିଯିବା, ଛାତି ଧଡ଼ ଧଡ଼ ହେବା, ହାତ ପାଦ ଥରିବା, ଝାଳ ବାହାରିବା, କଣ୍ଠ ଥରିବା ବା ପାଟି ଲାଗିବା ଭଳି ଲକ୍ଷଣ ଦେଖାଯାଇଥାଏ। କେବଳ ଏତିକି ନୁହେଁ, ସେମାନଙ୍କ ମନରେ ମୁଁ ଯଦି ନ କହିପାରିବି ଅନ୍ୟମାନେ କ'ଣ ଭାବିବେ, ସମାଲୋଚନା କରିବେନି ତ, ଏତେଜଣଙ୍କ ଆଗରେ ମୋର ସମ୍ମାନ ହାନି ହୋଇଯିବନି ତ ଭଳି ଅନେକ ନକାରାତ୍ମକ ଭାବନା ଆସିଥାଏ।

ଏହାଦ୍ୱାରା ଧୀରେ ଧୀରେ ଆତ୍ମବିଶ୍ୱାସ କମିଯାଏ। ଯେହେତୁ ଏଭଳି ଯୁବତୀଯୁବକ ଅନ୍ୟମାନଙ୍କ ସହ କଥା ହେବାକୁ ଡରନ୍ତି, ତେଣୁ ସେମାନଙ୍କ ସାମାଜିକ ପରିସର ବା ସୋସିଆଲ୍ ଲାଇଫ୍ ଖୁବ୍ ସୀମିତ ହୋଇଯାଏ। ସେମାନେ ନୂଆ ସାଙ୍ଗସାଥୀ କରିପାରନ୍ତି ନାହିଁ ଏବଂ ସବୁବେଳେ ଏକା ରହିବାକୁ ପସନ୍ଦ କରନ୍ତି। ସେମାନଙ୍କର କୌଣସି ନିଷ୍ପତ୍ତି ନେବାର କ୍ଷମତା ମଧ୍ୟ କମିଯାଏ।

ସେମାନଙ୍କ ମସ୍ତିଷ୍କରେ ନ୍ୟୁରେ କେମିକାଲ୍‌ଗୁଡ଼ିକର ଅସନ୍ତୁଳନ ଯୋଗୁ ମସ୍ତିଷ୍କର କିଛି ଅଂଶର କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ। ଫଳରେ ସେମାନେ ଅନ୍ୟ ସମ୍ମୁଖରେ ଠିକ୍ ଭାବେ ନିଜ କଥା କିମ୍ବା ପ୍ରତିକ୍ରିୟା ପ୍ରକାଶ କରିପାରନ୍ତି ନାହିଁ। ଏହି ସମସ୍ୟା କେବେକେବେ ବଂଶଗତ ବି ହୋଇପାରେ। ପିଲାବେଳେ ଯଦି ପରିବାରର ପରିବେଶ ପ୍ରତିକୂଳ ହୋଇଥାଏ, ପିଲା ଅବସାଦଗ୍ରସ୍ତ ରହୁଥାଏ, ତେବେ ଏପରି ହେବାର ଆଶଙ୍କା ଅଧିକ। ଆଉ କେତେକ କ୍ଷେତ୍ରରେ ଯଦି କାହାକୁ ଏକ ଜନସମାଗମରେ ବଡ଼ଧରଣର ଅପମାନର ଶିକାର ହେବାକୁ ପଡ଼ିଥାଏ ଏବଂ ଗଭୀର ମାନସିକ ପ୍ରଭାବ ପଡ଼ିଥାଏ, ତେବେ ସୋସିଆଲ୍ ଫୋବିଆ ହୋଇପାରେ।





**ପ୍ରତିକାର:** ଏଭଳି ସମସ୍ୟା ଦେଇ ଗତି କରୁଥିବା ଯୁବତୀ ଯୁବକଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ସହ କଗ୍ନେଟିଭ୍ ବିହେଭିଅରାଲ ଥେରାପି, ଏକ୍ସପୋଜର୍ ଏବଂ ରିଲାକ୍ସେଶନ୍ ଥେରାପି ନେବା ଆବଶ୍ୟକ। ଦୁଇ-ତିନି ମାସ ଏପରି କଲେ ଧୀରେ ଧୀରେ ମାନସିକ ସ୍ଥିତିରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ହେଲେ ଚିକିତ୍ସା ଅଧାରୁ ବନ୍ଦ ନ କରିବା ଦରକାର।

**ନିଜସ୍ୱ ଉଦ୍ୟମ ଜରୁରୀ:** ସୋସିଆଲ୍ ଫୋବିଆ ସ୍ଥିତି ଦେଇ ଗତି କରୁଥିବା ଯୁବପିଢ଼ିଙ୍କୁ ଏଥିରୁ ଦୂରେଇ ରହିବା ଲାଗି ନିଜେ ଚେଷ୍ଟା କରିବା ବହୁତ ଜରୁରୀ।

→ ଏଥିପାଇଁ ସର୍ବପ୍ରଥମେ ନିଜ ମନରୁ ଅନ୍ୟମାନଙ୍କ ଆଗରେ କିଛି କହିବାର ଭୟ ଦୂର କରି ସ୍ପଷ୍ଟ ଭାବେ ଖୋଲି କରି କହିବା ଦରକାର। ଯେଉଁ ପର୍ଯ୍ୟନ୍ତ ମୁଁ କିଛି କହିପାରିବି ନାହିଁ ଭଳି ନକାରାତ୍ମକ ଚିନ୍ତା ମନରୁ ଦୂର ନ ହୋଇଛି, ସେ ପର୍ଯ୍ୟନ୍ତ ଆଗକୁ ବଢ଼ିବା କଷ୍ଟ ହେବ।



→ ପର୍ସନାଲ୍ ଗ୍ରୁମିଂ ସହ ଜଡ଼ିତ ବିଭିନ୍ନ ବହି ପଢ଼ିବା ଏବଂ ସମ୍ବନ୍ଧିତ ବିଭିନ୍ନ ଭିଡିଓ ଦେଖିବା ଭଲ। ବର୍ତ୍ତମାନ ଏଥିପାଇଁ ବିଭିନ୍ନ ଶର୍ଟଟର୍ମ କୋର୍ସ ମଧ୍ୟ ଉପଲବ୍ଧ ଯାହାକୁ ଆଟେଣ୍ଡ କଲେ ଉପକୃତ ହୋଇପାରିବେ।

→ ଯଦି କୌଣସି ମିଟିଂ କିମ୍ବା ଗ୍ରୁପ୍ ଡିସ୍କଶନ୍‌ରେ ଯୋଗ ଦେବାକୁ ଡର ଲାଗୁଥାଏ, ତେବେ ସେଠାରେ କ'ଣ କହିବେ ପ୍ରଥମେ ଘରେ ଏକ ନୋଟ୍ ପ୍ରସ୍ତୁତ କରି ଅଭ୍ୟାସ କଲେ ଡର ଦୂରେଇବାରେ ସାହାଯ୍ୟ କରିବ।

→ ଇଣ୍ଟ୍ରୋଭର୍ଟ୍ ହେବା କିମ୍ବା ନିଜକୁ ଅନ୍ୟଠୁ ଦୁର୍ବଳ ଭାବିବା ପରିବର୍ତ୍ତେ ଆତ୍ମବିଶ୍ୱାସ ବଢ଼ାଇବାକୁ ଚେଷ୍ଟା କରନ୍ତୁ। ପ୍ରଥମେ ଏକାକୀ ମିରର୍ ଆଗରେ ଦୃଢ଼ମନରେ କଥା ହୁଅନ୍ତୁ। ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କ ସାହାଯ୍ୟ ନିଅନ୍ତୁ।





## ଏ ସପ୍ତାହର ପ୍ରଶ୍ନ

୧- ଭାରତର ପ୍ରଥମ ଗ୍ରୀନ୍ ଡାଟା ସେଣ୍ଟର ...........ଠାରେ ଆରମ୍ଭ ହୋଇଛି ?
୨- ଦି ପାସ୍‌ପୋର୍ଟ ସେବା ପୋର୍ଟାଲ୍ .......... ପକ୍ଷରୁ ପ୍ରତିଷ୍ଠା କରାଯାଇଛି ?
୩- କାମ୍ବାଟାଗୁଡ଼ା ୱାଇଲ୍ଡଲାଇଫ୍ ସାଞ୍ଚୁଆରି ........ ରାଜ୍ୟରେ ଅବସ୍ଥିତ ?
୪- ଭାରତର ପ୍ରଥମ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପାୱାର୍ଡ ଆଡ୍‌ଭାନ୍ସ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ .......... ଏକ୍ସପ୍ରେସ୍‌ୱେରେ ଆରମ୍ଭ କରାଯାଇଛି ?
୫- ଝିରିମେଳା .............ଠାରେ ଅନୁଷ୍ଠିତ ହୁଏ ?

## ଗତ ଥରର ଉତ୍ତର

୧ କେରଳ
୨ ଜୁନ୍ ୧୯
୩ କୁକୁଡ଼ା
୪ ଏଚ୍.ଜି. ୱେଲ୍ସ
୫ ମିନିଷ୍ଟ୍ରି ଅଫ୍ ମାଇନ୍ସ

## ଉତ୍ତରଦାତା


ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


କ୍ରିଷ୍ଣା ପ୍ରଧାନ, ଥିଆନାଲ୍


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ଚର୍ଚ୍ଚିତ ସ୍ମାର୍ଟ ସିଟି



୧- ଜୁରିଚ୍ ........................ ସୁଇଜରଲାଣ୍ଡ
୨- ଓସ୍ଲୋ ........................ ନରୱେ
୩- କାନ୍‌ବେରା ........................ ଅଷ୍ଟ୍ରେଲିଆ
୪- ଜେନେଭା ........................ ସୁଇଜରଲାଣ୍ଡ
୫- ସିଙ୍ଗାପୁର ........................ ସିଙ୍ଗାପୁର
୬- କୋପେନ୍‌ହାଗେନ୍ ........................ ଡେନ୍‌ମାର୍କ
୭- ଲୌସାନେ ........................ ସୁଇଜରଲାଣ୍ଡ
୮- ଲଣ୍ଡନ........................ ଇଂଲଣ୍ଡ
୯- ହେଲ୍‌ସିଙ୍କି ........................ ଫିନ୍‌ଲାଣ୍ଡ
୧୦- ଆବୁଧାବି ........................ ୟୁନାଇଟେଡ୍ ଆରବ ଏମିରେଟ୍ସ

## ଜାଣନ୍ତୁ ଦୁନିଆ

# ଅଜବ ଏୟାରପୋର୍ଟ

**ଏୟାରପୋର୍ଟ ନାଁ ଶୁଣିଲେ ଏକ ପ୍ରଶସ୍ତ ସ୍ଥାନ ଯେଉଁଠି ଏକାଧିକ ଏରୋପ୍ଲେନ ରହିବା, ଲମ୍ବା ଲମ୍ବା ରନ୍‌ୱେ ଥିବା ଭଳି ଛବି ମନକୁ ଆସେ। ହେଲେ ପୃଥିବୀରେ ଏମିତି କେତେକ ଅଜବ ଏୟାରପୋର୍ଟ ରହିଛି, ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଜାଣନ୍ତୁ ଏଭଳି କେତେକ ଏୟାରପୋର୍ଟ ସମ୍ପର୍କରେ...**

**ଫୋଏନିକ୍ସ ଏୟାରଫିଲ୍ଡ:** ଆଣ୍ଟାର୍କଟିକାରେ ଥିବା ଏହି ଏୟାରଫିଲ୍ଡର ରନ୍‌ୱେ ସମ୍ପୂର୍ଣ୍ଣ ବରଫ ଉପରେ ନିର୍ମାଣ ହୋଇଛି। ସେଠାରେ ଥିବା ମ୍ୟାକ୍‌ମୁର୍ଡୋ ଷ୍ଟେଶନ୍ ନିକଟରେ ଥିବା ରସ୍ ଆଇସ୍ ଶେଲ୍ଫରେ ଏହା ନିର୍ମାଣ କରାଯାଇଛି। ବରଫରେ ନିର୍ମାଣ ହୋଇଥିବାରୁ ଖରାଦିନେ ଏହି ଏୟାରପୋର୍ଟ ଦେଖାଯାଇ ନ ଥାଏ। ତେଣୁ ପ୍ରତିବର୍ଷ ଏହାକୁ ପୁନଃ ନିର୍ମାଣ କରିବାକୁ ହୋଇଥାଏ।

**ବାର୍‌ରା ଏୟାରପୋର୍ଟ:** ସ୍କଟ୍‌ଲାଣ୍ଡରେ ଥିବା ବାର୍‌ରା ଆଇସ୍‌ଲାଣ୍ଡରେ ରହିଛି ଏହି ଅଜବ ଏୟାରପୋର୍ଟ। ଏହା ସମୁଦ୍ରତଟରେ ଥିବା ପୃଥିବୀର ଏକମାତ୍ର ଏୟାରପୋର୍ଟ, ଯେଉଁଠାରେ ବିମାନ ଉଡ଼ାଣ ଓ ଅବତରଣ, ସେଠାରେ ଥିବା ସମୁଦ୍ର ଜୁଆରର ସମୟ ଅନୁଯାୟୀ ନିର୍ଦ୍ଧାରଣ କରାଯାଇଥାଏ। ହାଇଲାଣ୍ଡ୍‌ସ ଆଣ୍ଡ ଆଇସ୍‌ଲାଣ୍ଡ୍‌ସ ଏୟାରପୋର୍ଟ୍ସ ଲିମିଟେଡ୍ ଦ୍ୱାରା ଏହା ପରିଚାଳିତ ହୋଇଥାଏ।

**ଲୁକ୍‌ଲା ଏୟାରପୋର୍ଟ:** ନେପାଳରେ ଥିବା ଏହି ଏୟାରପୋର୍ଟ ୧୯୭୧ ମସିହାରେ ପ୍ରତିଷ୍ଠା ହୋଇଥିଲା। ୧୯୫୩ରେ ସର୍ବପ୍ରଥମେ ଏଭରେଷ୍ଟରେ ଚଢ଼ିଥିବା ଟେଞ୍ଜିଙ୍ଗ୍ ନର୍‌ଗେ ଶେର୍ପା ଏବଂ ସାର୍ ଏଡ୍‌ମଣ୍ଡ ହିଲାରୀଙ୍କ ସମ୍ମାନରେ ୨୦୦୮ରେ ଏହାର ନାମ ପରିବର୍ତ୍ତନ କରାଯାଇ ଟେଞ୍ଜିଙ୍ଗ୍-ହିଲାରୀ ଏୟାରପୋର୍ଟ ରଖାଗଲା। ଏହାକୁ ପୃଥିବୀର ସବୁଠୁ ଭୟଙ୍କର ଏୟାରପୋର୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହାର ଚାରିପଟେ ଉଚ୍ଚ ପାହାଡ଼ ରହିଥିବା ବେଳେ ଏହାର ରନ୍‌ୱେ ଖୁବ୍ ଛୋଟ। ସାଧାରଣତଃ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟଗୁଡ଼ିକର ରନ୍‌ୱେ ୫୦୦୦ ଫୁଟ୍ ହୋଇଥିବା ବେଳେ ଏହି ଏହାରପୋର୍ଟର ରନ୍‌ୱେର ଲମ୍ବ ମାତ୍ର ୧୭୨୯ ଫୁଟ୍। ଏହା ସମୁଦ୍ରପତ୍ତନଠୁ ୯୩୩୭ ଫୁଟ୍ ଉଚ୍ଚତାରେ ଥିବାରୁ ସେଠାରେ ବାୟୁ ସ୍ତର ଖୁବ୍ ପତଳା। ତା'ଛଡ଼ା ଏତେ ଉଚ୍ଚତାରେ ଥିବାରୁ ସେଠାରେ କେବେ କୁହୁଡ଼ି ତ କେବେ ଅତ୍ୟଧିକ ଥଣ୍ଡା ସାଙ୍ଗକୁ ତୁଷାରପାତ ବି ହୋଇଥାଏ। ତେଣୁ ଟେକ୍‌ଅଫ୍ ସମୟରେ ଅସୁବିଧା ହୋଇଥାଏ। ତଥାପି ଏହି ଏୟାରପୋଟ ସବୁବେଳେ ବ୍ୟସ୍ତବହୁଳ।





## ୟୁଥ୍ ଫ୍ୟାଶନ୍

# ବ୍ରେସ୍‌ଲେଟ୍ ୱାଚ୍

**ଅଧିକାଂଶ ଯୁବତୀ ଯୁବକଙ୍କୁ ବ୍ରେସ୍‌ଲେଟ୍ ଏବଂ ରିଷ୍ଟୱାଚ୍ ପିନ୍ଧିବା ପସନ୍ଦ। କିନ୍ତୁ ଉଭୟକୁ ଏକାଠି ପିନ୍ଧିବା ଦ୍ୱାରା ବେଳେବେଳେ ଅସୁବିଧା ହୋଇଥାଏ, ଯେଉଁଥିପାଇଁ ଇଚ୍ଛା ଥିଲେ ବି ସେମାନଙ୍କୁ ଗୋଟିଏକୁ ବାଛିବାକୁ ପଡ଼ିଥାଏ। ହେଲେ ବର୍ତ୍ତମାନ ମାର୍କେଟ୍‌ରେ ମିଳୁଥିବା ବ୍ରେସ୍‌ଲେଟ୍ ୱାଚ୍ ଅଧିକାଂଶ ଯୁବପିଢ଼ିଙ୍କ ପାଇଁ ପାଲଟିଛି ଲାଟେଷ୍ଟ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ...**



**ମେଟାଲିକ୍ ଷ୍ଟୋନ୍‌ୱାର୍କ ବ୍ରେସ୍‌ଲେଟ୍ ୱାଚ୍:** ଏଭଳି ୱାଚ୍‌କୁ ଉଭୟ ଯୁବତୀ ଏବଂ ଯୁବକ ବିଭିନ୍ନ ସ୍ପେଶାଲ୍ ଅବସରରେ ପିନ୍ଧିଲେ ଆଇକ୍ୟାଚି ଲୁକ୍ ପାଇପାରିବେ।

**ଲେଦର ବ୍ରେସ୍‌ଲେଟ୍ ୱାଚ୍:** ବ୍ଲାକ୍, ବ୍ରାଉନ୍, ମେରୁନ୍, ଡାର୍କଗ୍ରୀନ୍ ଭଳି କଲରର ଲେଦର ବ୍ରେସ୍‌ଲେଟ୍ ୱାଚ୍ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ଖୁବ୍ ଡିମାଣ୍ଡରେ ଅଛି। କାଜୁଆଲ୍ ଓ ମଡର୍ନ ଲୁକ୍ ପାଇଁ ଅଧିକାଂଶ ବିଶେଷକରି ଯୁବକମାନେ ଏହାକୁ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ଫ୍ଲୋରାଲ୍ ବ୍ରେସ୍‌ଲେଟ୍ ୱାଚ୍:** ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ସହିତ ଏଭଳି ୱାଚ୍ ପିନ୍ଧିଲେ କ୍ଲାସି ଲାଗିଥାଏ। ଏହା ଦେଖିବାକୁ ସୁନ୍ଦର ଏବଂ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

**ପର୍ଲ ବ୍ରେସ୍‌ଲେଟ୍ ୱାଚ୍:** ଏହି ୱାଚ୍ ଯୁବତୀମାନଙ୍କର ବହୁତ ପସନ୍ଦ। ଏହାକୁ ହ୍ୱାଇଟ୍ ଆଉଟ୍‌ଫିଟ୍ ସହିତ ପିନ୍ଧିଲେ ଏଲିଗାଣ୍ଟ ଲୁକ୍ ମିଳିଥାଏ।

**ମ୍ୟାଚିଂ ବ୍ରେସ୍‌ଲେଟ୍ ୱାଚ୍:** ବର୍ତ୍ତମାନ ଡ୍ରେସ୍ ସହ ମ୍ୟାଚିଂ କଲରର ଆସେସରିଜ୍ ପିନ୍ଧିବାକୁ ଅନେକ ପସନ୍ଦ କରୁଛନ୍ତି। ଏମିତିରେ ସେମାନଙ୍କ ପାଇଁ ମ୍ୟାଚିଂ କଲରର ବ୍ରେସ୍‌ଲେଟ୍ ୱାଚ୍ ପର୍‌ଫେକ୍ଟ ଚଏସ୍ ପାଲଟିଛି।









▲ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ପହଣ୍ଡି ବିଜେ





▲ ବିଜେ ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀରାମକୃଷ୍ଣ ରଥକୁ ବିଜେ ହେଉଛନ୍ତି



▲ ପୁରୀ ଶ୍ରୀକ୍ଷେତ୍ରରେ ବାହୁଡ଼ା ଅବସରରେ ଶନିବାର ଭକ୍ତଙ୍କ ମେଳରେ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ତିନିରଥରେ ବାହାରିଥିବା ଦାରୁଦିଅଁ



▲ ପୁରୀ ଶ୍ରୀମନ୍ଦିର ସିହଦ୍ୱାର ସମ୍ମୁଖରେ ପହଞ୍ଚିଥିବା ରଥାରୂଢ଼ ଠାକୁର



▲ ଶ୍ରୀନଅର ସମ୍ମୁଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପହଞ୍ଚିବା ପରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପାଦନ ହେଉଛି



▲ ଶରଧାବାଲିରେ ଶ୍ରଦ୍ଧାଳୁମାନେ ବିଶାଳ ଧୂପକାଠି ଜଳାଉଛନ୍ତି



▲ ବଡ଼ଦାଣ୍ଡରେ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ



▲ ବାହୁଡ଼ାରେ ରାଧାକୃଷ୍ଣ ବେଶରେ ଶ୍ରଦ୍ଧାଳୁ





▲ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଥ ଟାଣୁଛନ୍ତି



▲ ବାହୁଡ଼ା ଅବସରରେ ଶରଧାବାଲିରେ ତିନି ରଥ ସମ୍ମୁଖରେ ଓଡ଼ିଶୀ ନୃତ୍ୟ ପରିବେଷଣ


DSPL-169



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା
## ଲାପ୍‌ଟପ୍ କ୍ରୟ ନିମନ୍ତେ ଆର୍ଥିକ ସହାୟତା

- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE) ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରୀକ୍ଷା, ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା, ୨୦୨୫ ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ 'ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା'ରେ ଲାପ୍‌ଟପ୍ କିଣିବା ନିମନ୍ତେ DBT(Direct Benefit Transfer) ମାଧ୍ୟମରେ **₹ ୩୦,୦୦୦/-**ର ଆର୍ଥିକ ସହାୟତା ପ୍ରଦାନ।
- ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କର ଏକ ତାଲିକା ଏବଂ ନୂତନ ମାର୍ଗଦର୍ଶିକା ଉଚ୍ଚଶିକ୍ଷା ବିଭାଗର ୱେବସାଇଟ୍ www.dhe.odisha.gov.in ଓ www.scholarship.odisha.gov.in ରେ ଉପଲବ୍ଧ । ନିଜର ଆଧାର ନମ୍ବର ସଂଯୋଗ ହୋଇଥିବା ମୋବାଇଲ ନମ୍ବର ମାଧ୍ୟମରେ ରେଜିଷ୍ଟ୍ରେସନ କରି ନୂତନ ମାର୍ଗଦର୍ଶିକା ଅନୁଯାୟୀ Odisha State Scholarship Portal ରେ ଆବେଦନ କରନ୍ତୁ ।
- ଆବେଦନ କରିବାର ଶେଷ ତାରିଖ ହେଉଛି **୨୧.୦୭.୨୦୨୫** ।

OIPR-11001/13/0070/2526

www.scholarship.odisha.gov.in || ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର || www.dhe.odisha.gov.in

# ଅସହାୟ ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ଜଣେ ଅସହାୟ ୨୫ ବର୍ଷୀୟ ଆଦିବାସୀ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଯୁବତୀଙ୍କ ଅସହାୟତାର ସୁଯୋଗ ନେଇ ବାରମ୍ବାର ବଳାତ୍କାର କରିଥିବା ନେଇ ଶୁକ୍ରବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ପରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ପଟ୍ଟାପଡ଼ା ଥାନା ଅନ୍ତର୍ଗତ ଖୁଡପଶି ଗ୍ରାମର ସଞ୍ଜୟ ପରିହାର। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ସୂଚନା ମୁତାବକ, ତେଲକୋଇ ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀ ୧ମାସ ପୂର୍ବେ ଘରେ କଳି ଝଗଡ଼ା ହେବାରୁ ଘର ଛାଡ଼ି କେନ୍ଦୁଝର ସହରକୁ ଚାଲିଆସିଥିଲେ। କେନ୍ଦୁଝର ସହରରେ ଏକୁଟିଆ ବୁଲାବୁଲି କରିବା ସହ ରାତିରେ କାଶୀପୁର ସାହିରେ ଏକ ଦୋକାନ ବାରଣ୍ଡାରେ ଶୋଉଥିଲେ। ଏହି ସମୟରେ ସଞ୍ଜୟ ସହ ତାଙ୍କର ଭେଟ ହୋଇଥିଲା। ସଞ୍ଜୟ ତାଙ୍କର ମାଁ, ଘର ଓଗିଶା ପରିବାର ସହ କାମ ବୁଝିଦେବେ ବୋଲି କହିଥିଲେ। ସେହିଦିନଠାରୁ ସେ ଯୁବତୀଙ୍କ ସହିତ କଥାବାର୍ତ୍ତା କରିଆସୁଥିଲେ। ଜୁନ୍ ୧୯ରେ ଯୁବତୀଙ୍କ ଇଚ୍ଛା ବିରୋଧରେ ସଞ୍ଜୟ ଜବରଦସ୍ତ ଏକ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଣୁ ଭୟରେ ଏ ବିଷୟରେ ସେ କାହାରିକୁ କିଛି କହି ନ ଥିଲେ। ସରକାର ସୁଯୋଗ ନେଇ ଅଭିଯୁକ୍ତ ଗତ ୨ ତାରିଖରେ ପୁଣି ପଡ଼ିତାଙ୍କ ମୁହଁକୁ ଚାପିଧରି ଉକ୍ତ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିଲେ। ଯୁବତୀ ମାନସିକ ଚାପଗ୍ରସ୍ତ ହୋଇ କେନ୍ଦୁଝର ବଜାରରେ ବୁଲୁଥିବା ବେଳେ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର କର୍ମଚାରୀଙ୍କ ନଜରରେ ପଡ଼ିଥିଲେ। କାଉନ୍ସେଲିଂ ବେଳେ ତାଙ୍କ ପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ସମ୍ପର୍କରେ କହିଥିଲେ। ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା ଐଶ୍ୱର୍ଯ୍ୟା, ଉଦ୍‌ବେଗ ପ୍ରିୟଦର୍ଶିନୀ, ମମତା, କ୍ରିଷ୍ଣାରାଣୀ ପ୍ରମୁଖ ସହାୟତା କରିବା ପରେ ପଡ଼ିତା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୪୪୫/୨୫)ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ରାସ୍ତାକଡ଼ରୁ ରୋଗୀଙ୍କ ମୃତଦେହ ଜବତ

ଡାକ୍ତରଖାନାରେ ଚିକିତ୍ସା ଅବହେଳା ଅଭିଯୋଗ

ମୋରଡ଼ା,୫।୭(ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ଥାନା ଅଧୀନ ଭାଲିଆଡ଼ିହା ପଞ୍ଚାୟତର ବାରାମାଇଲ ଛକ ନିକଟରେ ଶନିବାର ସକାଳ ୮ଟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରାମନଗର ଗ୍ରାମର ହାଡ଼ିଆ ପୁରୁ(୫୫)। ଚିକିତ୍ସା ଅବହେଳା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି। ସୂଚନା ମୁତାବକ, ଖାଡ଼ାବାନ୍ଧି ହେବାରୁ ହାଡ଼ିଆ ଶୁକ୍ରବାର ଅପରାହ୍ନ ୨ଟା ସମୟରେ ବାରାମାଇଲ କିଶାନଡାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ହେଉଥିବା ସମୟରେ ଡାକ୍ତରଖାନା କର୍ମଚାରୀଙ୍କ ଅଜାଣତରେ ସେ ଡାକ୍ତରଖାନାରୁ ଚାଲିଯାଇଥିଲେ। ତେବେ ଡାକ୍ତରଖାନା ତରଫରୁ ହାଡ଼ିଆଙ୍କ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମିଦା ମୁର୍ମୁ କହିଛନ୍ତି। ହାଡ଼ିଆଙ୍କୁ ଚିକିତ୍ସାରେ ଅବହେଳା କାରଣରୁ ସେ ଡାକ୍ତରଖାନାରୁ ପଳାଇଥିଲେ। ରାସ୍ତାକଡ଼ରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ଭାଇ ସଞ୍ଜୟ ପୁରୁ ଅଭିଯୋଗ କରିଛନ୍ତି।

# ଅଳଙ୍କାର ଦୋକାନ ଲୁଟ୍ ଘଟଣା

# ବିପୁଳ ପରିମାଣର ଅଳଙ୍କାର ଜବତ, ୩ ଗିରଫ





ଗିରଫ ୩ ଅଭିଯୁକ୍ତ ଓ ଜବତ ଅଳଙ୍କାର।

କେନ୍ଦୁଝର,୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ହରିଚନ୍ଦନପୁର ମୁଖ୍ୟ ବଜାରରେ ଅବସ୍ଥିତ ନାରାୟଣ ଜୁଏଲର୍ସରେ ଲୁଟ ଘଟଣାରେ କେନ୍ଦୁଝର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲାର ଅଜିତ ପଟ୍ଟନାୟକ, ଯାଜପୁର ଜିଲାର ଇନ୍ଦ୍ରମଣି ମହାନ୍ତ, କେନ୍ଦୁଝରର ବୁଦ୍ଧାଦେବ ମହାନ୍ତ। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅଳଙ୍କାର, ୩ ବାଇକ, ମୋବାଇଲ ଜବତ ହୋଇଛି। ଅଳଙ୍କାର ମୂଲ୍ୟ ଆକଳନ କରାଯାଇନାହିଁ। ଏନେଇ ଘଟଗାଁ ଏସ୍‌ଡିପିଓ ବିଜୟ କୁମାର ମହାପାତ୍ର, ହରିଚନ୍ଦନପୁର ଥାନା ଅଧିକାରୀ ଦେବକୀ ନାୟକ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଜୁନ୍ ୨୫ ତାରିଖ ସନ୍ଧ୍ୟାରେ ଦୁର୍ବୃତ୍ତ ବାଇକ୍‌ରେ ଆସି ନାରାୟଣ ଜୁଏଲର୍ସରେ ପ୍ରବେଶ କରିଥିଲେ। ଦୋକାନ ମାଲିକ ଏବଂ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦୋକାନରୁ ସମସ୍ତ ସୁନା ଅଳଙ୍କାର ଲୁଟି ନେଇଥିଲେ। ସୂଚନା ପାଇ କେନ୍ଦୁଝର ଏସ୍‌ପି ନିତିନ କୁଶାଲକର, ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଭଗୀମୁଣ୍ଡା ରାସ୍ତାରୁ ଏକ ମୋବାଇଲ ଏବଂ ୨ ବାଇକ ଜବତ କରିଥିଲା। ମୋବାଇଲ ଫୋନ୍‌ର ସିମ୍ ଆଧାରରେ ପୋଲିସ ରାଜ୍ୟ ବାହାରକୁ ଯାଇ ସିମ୍ ଯାହା ନାମରେ ଥିଲା ତାଙ୍କୁ ଧରିଥିଲେ। ତେବେ ଉକ୍ତ ସିମ୍ ଲୁଟେରାଙ୍କ ଜଣେ ସମ୍ପର୍କୀୟଙ୍କ ନାମରେ ଥିଲା। ସେ ଆଧାରରେ ପୋଲିସ ତଦନ୍ତକରି ଜଣେ ପରେ ଜଣେ ମୋଟ ୬ ଜଣଙ୍କୁ ଗିରଫକରି କୋର୍ଟରେ ହାଜର କରିଛି। ଜୁଲାଇ ୧ ତାରିଖରେ ଜଗୁ ପାତ୍ର ଓ ବିକି ପାତ୍ର, କେନ୍ଦ୍ରାପଡ଼ା ଜିଲାର ଜଗୁ ପାତ୍ର ଓ କଟକ ଜିଲାର ଜଗନାଥ ଘଡ଼େଇଙ୍କୁ ଗିରଫ କରିଥିବା ବେଳେ ଶନିବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସମସ୍ତଙ୍କ ବୟସ ୨୮ ରୁ ୩୫ ବର୍ଷ ହେବ ବୋଲି ଜଣାପଡ଼ିଛି। ଅନ୍ୟ ଫେରାର ୨ ଜଣଙ୍କ ପାଖରେ ଅବଶିଷ୍ଟ ଲୁଟ୍ ସାମଗ୍ରୀ ଥିବା ଅନୁମାନ କରାଯାଉଛି। ଏକ ଗ୍ୟାଙ୍ଗ୍ କରି ଏଭଳି ଲୁଟ୍ କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟ କୌଣସି ଘଟଣା ସହ ସମ୍ପୃକ୍ତି ଯାଞ୍ଚ ନେଇ ତଦନ୍ତ ଜାରି ରହିଛି।


idco ODISHA NEW OPPORTUNITIES — No. CAD-961

**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT-II/E-367/25-26/1601 Dt. 30.06.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :-** Supply, Delivery, Testing & Commissioning of 500 KVA Silent type DG sets for Old age home at Sartaguda, Phulbani, Kandhamala.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-20/25-26 | 08.07.2025 at 12.00 Hrs. | 17.07.2025 at 16.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect-II) IDCO, Bhubaneswar

OIPR-14003/11/0186/2526

**OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I : CUTTACK**

E-Mail I.D. - eepwdcuttack@gmail.com, Tel./Fax No.(0671)-2304128

GOVERNMENT OF ODISHA ('e' PROCUREMENT NOTICE)

No.B-261 — Bid Identification No. S.E. CTC(R&B)-15 of 2025-26

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Road & Building work as mentioned below.
2. No. of Work : 2 Nos.
3. Nature of work : Road & Building work
4. Class of Contractor : "B" Class
5. Tender Paper Cost : Rs.10000/- (Online)
6. Available of bid documents in the website : From 07.07.2025 to 5 P.M. of 21.07.2025
7. Date of Opening of Bid : 11 A.M. of 22.07.2025
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- (Er. Md. Shahbaz) Superintending Engineer, Cuttack (R&B) Division No.I, CTC

OIPR-34091/11/0084/2526

**Government of Odisha, e-Procurement Notice**

INVITATION FOR BIDS (IFB)

Bid Identification No. C.C.E.Dkl.(R&B)04/2025-26

E-mail Id: sedklpwd@gmail.com

Letter No.1397/Dt.30.06.2025

No.B-268 : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for road works as detailed below.

1. Name of the work : Road works
2. No. of works : 02 (Two) Nos
3. Estimated Cost : Rs.1.69 Crore to 2.27 Crore (as given in column No.03 of table)
4. Cost of tender paper : Rs.10,000.00
5. Class of contractor : 'B' Class & 'A' Class (as given in column No.07 of table)
6. Period of Completion of work : 06 (Six) calendar months (as given in column No.08 of table)
7. Date and time of availability of bid Document in the website : From Dt.07.07.2025 to 5.00 P.M. of Dt.21.07.2025
8. Date of opening of bid : Dt.22.07.2025 at 11.00 A.M.

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer, Dhenkanal (R&B)Circle, Dhenkanal

OIPR-34016/11/0049/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧ ଫୋନ: (୦୬୭୪) ୨୩୯୩୯୫୪, ୨୩୯୩୯୭୫; ଫ୍ୟାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୧୯ — **ବିଜ୍ଞାପନ** — ତା:୨୯।୦୬।୨୫

No. CAD-972: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗ୍ରାହକ ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିଜ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ବର୍ଣ୍ଣାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ସ୍ୱ. ରାମ ରାଓ ପିତା: ସ୍ୱ. କ୍ରିଷ୍ଣମୂର୍ତ୍ତି ସା/ପୋ./ଥାନା: କାଶୀନଗର ଜିଲ୍ଲା: ଗଜପତି | ଘର ନଂ.: ଏମ୍.ଆଇ.ଜି.-୧-୪୬/୪, (MIG-I-46/4) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ବି. ବନଜାକ୍ଷୀ (ସ୍ତ୍ରୀ) |

ସ୍ୱା./- ପ୍ରଶାସନିକ ଅଧିକାରୀ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0713/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧ ଫୋନ: (୦୬୭୪) ୨୩୯୩୯୫୪, ୨୩୯୩୯୭୫; ଫ୍ୟାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୨୪ — **ବିଜ୍ଞାପନ** — ତା:୨୫।୦୬।୨୫

No. CAD-975: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଭି.ଆଇ.ଏମ୍-୪୨୨ (VIM-422) ଚନ୍ଦ୍ରଶେଖରପୁର, ଓଷ୍ଟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଭୃପତି ଭୂଷଣ ବିଶ୍ୱାଳ, ପିତା: ଗଦାଧର ବିଶ୍ୱାଳ, ସା: ନଳଘାଟି, ପୋ: ବେରଣ ଗଡ଼, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ଉକ୍ତ ଗୃହଟିର ଆବଣ୍ଟନ ଗ୍ରହୀତା ଶ୍ରୀ ଭୃପତି ଭୂଷଣ ବିଶ୍ୱାଳ ଉକ୍ତ ଗୃହଟିକୁ ଦ୍ୱିତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ମହେନ୍ଦ୍ର ସାହୁ, ପିତା: ଦିଗମ୍ବର ସାହୁ, ସା: ନୂଆ ମାଣ୍ଡରା, ପୋ: ପୁରୁଣା ମାଣ୍ଡରା, ଥାନା: ଆଠମଲ୍ଲିକ, ଜିଲ୍ଲା: ଅନୁଗୁଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କାର୍ଯ୍ୟାଳୟକୁ ଅନୁରୋଧ କରିଅଛନ୍ତି।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

ସ୍ୱା./- ପ୍ରଶାସନିକ ଅଧିକାରୀ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0711/2526

idco ODISHA NEW OPPORTUNITIES — No. CAD-955

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022.**

Tender Call Notice No. IDCO:H.O./P&C/EST/E-1146/03/2025/V-II/18735 Dtd. 26.06.25

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work** : Construction of black top bituminous Road of RoW 12 mtr for a length of 420 mtr with 3 nos. of single row 900 dia. NP-4 Hume pipe Culvert including 420 mtr RCC Drain (one side) at Kholadwar Industrial Area, Khurda, Odisha.
2. **Value of the work** : Rs.155.32 lakhs
3. **Period of Completion** : 06 (Six) calendar months.
4. **Other details**

| Procurement Officer | Tender Reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/ E-24/ 2025-26 | 05.07.2025 at 17.00 Hrs. | 19.07.2025 up to 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.

Sd./- Chief General Manager (P&C), IDCO, Bhubaneswar

OIPR-14003/11/0185/2526

**ODISHA STATE COOPERATIVE MARKETING FEDERATION LTD. (MARKFED, ODISHA)**

Old Station Road, Bhubaneswar - 751006, Tel.: 2310626 Fax (0674) 2311149, E.Mail: odishamarkfed@gmail.com markfert@rediffmail.com, Website: www.odishamarkfed.nic.in

F/MISC-185/2013-14/20-21/P-II

Tender Notice No. 2457 — Date: 03.07.2025

**TENDER CALL NOTICE**

No. CAD-987: MARKFED invites sealed tenders under two bid system from insurance companies registered with IRDA having valid certificate for insurance coverage of Rs.60.00 (Sixty Crore) (Rs.50.00 Crore own stock & Rs.10.00 Crore warehouse stock held in Trust) fertilizers stock stored at different godowns of MARKFED located through-out the State against the risk of fire & allied perils, earthquake, STFI, Terrorism cover, Burglary, house breaking & theft and fidelity guarantee. The bidders are required to sumit the premium rates separately for each item as per terms and conditions of **Floater Declaration Policy**. The duly filled in bid documents should reach at this office by 01.00 P.M. on 07.07.2025. The technical bid will be opened on 07.07.2025 at 03.30 P.M. & financial bid of eligible technical bidder will be opened on 07.07.2025 at 04.00 P.M. For details, please visit **Government of Odisha Tender website (www.odisha.gov.in) or MARKFED website (www.markfedodisha.nic.in).**

Sd./- Managing Director

OIPR-39017/11/0011/2526

**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**

Tele Fax No-06762226717, e-mail Id - dfo.dhenkanal@odisha.gov.in

**SHORT TENDER NOTICE**

Bid Identification No.02/2025-26 — Date : 03.07.2025

**No.MM-111** : Sealed tenders are invited from interested reputed Travel Agencies/Tour Operators or private individuals for providing **30 (Thirty)** nos (Approx) of **Non-AC/ AC Diesel drive BS-IV/BS-VI compliant Bolero vehicles** having sitting capacity not more than ten including driver, which shall conform to the Terms and Conditions (Annexure-I) for official use at different Govt. offices under the establishment of Divisional Forest Officer, Dhenkanal Forest Division on monthly rent basis so as to reach in the O/o the DFO, Dhenkanal on or before 18.07.2025 up to 1.30 PM through Registered / Speed Post / Courier Service and can also be dropped in the Tender Box placed in the Office of the Divisional Forest Officer, Dhenkanal Forest Division. The Tenders will be opened in the same office on the same day at 3.30 P.M. The standard Bidding Document and terms and conditions can be downloaded from https://dhenkanal.odisha.gov.in, https://odishaforest.in and also can be obtained from the office of the Divisional Forest Officer, Dhenkanal Division, from 04.07.2025 to 18.07.2025 during office hours.

Sd./- Divisional Forest Officer Dhenkanal Division

OIPR-08037/11/0019/2526

No.B-267

**OFFICE OF THE SUPERINTENDING ENGINEER**

E-Mail I.D. - eepwdcuttack2@gmail.com, Tel./Fax No.(0671)-2973399

GOVERNMENT OF ODISHA "e" procurement Notice

e-procurement Notice for Building works

Bid Identification No. S.E. CTC(R&B)-II-07 of 2025-26

1. Name of the work : 01 Nos of Building Works
2. Estimated Cost : Rs.51,99,382.00/-
3. Period Completion : 4 (Four) calendar Months
4. Date & time of sale & receipt of bid document : From 05.07.2025 to 5 P.M. of 21.07.2025
5. Last date/time of receipt of bids : 5 P.M. of 21.07.2025
6. Date & time of Opening Bids : 11 A.M. of 22.07.2025
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website.

Sd./- Superintending Engineer, Cuttack (R&B) Division No.II

OIPR-34137/11/0020/2526

**ODISHA HYDRO POWER CORPORATION LTD.**

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX NO. 5, BURLA - 768017, DISTRICT : SAMBALPUR (ODISHA), INDIA PHONE : 0663-2910721 (O), 2950765 (R), E-Mail : srgmhps_burla@yahoo.co.in CIN : U40101OR1995SGC003963

No. HHEP/Tech-W-199(Vol-1)/3728 — Date : 02.07.2025

NOTICE INVITING TENDER NO HHEP-38/2025

No.CAD-966 : Sealed Tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the registered firm / agency / contractor having valid MV license issued from the ELBO, Govt of Odisha for the following work as mentioned below.

| Name of work | Cost of tender paper (Non-Refundable) | EMD in Rs. | Availability of tender | Last date & Time of receipt tender | Date & Time of opening of tender |
|---|---|---|---|---|---|
| Annual electrical maintenance of residential and non-residential building of HHEP, Burla on job contract basis | Rs. 7080/- (Rs. 7000/- + GST 18%) | 10250/- | 05.07.25 (11:00 A.M.) to 15.07.25 upto 01:00 P.M. | 15.07.25 upto 01:30 P.M. | 15.07.25 at 04:00 P.M. |

Further details like tender specification, corrigendum to the tender call notice etc. can only be available in our website www.ohpcltd.com

Sd./- C&P Head, HHEP, Burla

OIPR-04007/11/0054/2526

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**

(ଗ୍ରାମ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha) (E-mail: serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**

No. O-377 — Bid Identification No. Online Tender / 09-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2025-26/ BPR | Road Works under MMSY-TRIP & MMSY-IMPROVEMENT TO EXISTING RD ROADS | 03 Nos. | From Rs.107.07 Lakhs to Rs.719.33 Lakhs | "B" Class, "A" Class & "Special" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 09-2025-26/BPR | 08.07.2025 at 10.00 A.M. | 22.07.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: www.tendersodisha.gov.in.

Sd./- Chief Construction Engineer, R.W. Circle, Berhampur

OIPR-25071/11/0100/2526

**DIRECTORATE OF FAMILY WELFARE ODISHA**

Tel/Fax: 0674-2391625/2391112, Email: dfwodisha@gmail.com

No. 9967/N&I-XI-01/2024 — Bhubaneswar, the 03.07.2025

**TENDER NOTICE**

No. E-210: Sealed tenders are invited from the interested reputed registered travel agencies/tour operators for providing 1 No. (One) of Swift Dezire Petrol Vehicle (New Version) having registered in his/her name/agency name, on monthly hiring basis in conformity to the terms & conditions of the tender for the purpose of Official use in the Combined Health Directorate under Health & Family Welfare Department, Odisha. The details of term & conditions of tender, general information, quoted price & documents will be made available in the office of the Directorate of Family Welfare, Odisha between 11 A.M. to 5 P.M. in any working day or can be downloaded from the website of Govt. in Health & Family Welfare Department **www.odisha.gov.in/health** portal.

- Date of sale of tender paper : 07.07.2025
- Last date & time of receipt of tender : 15.07.2025
- Date of opening of tender : 25.07.2025
- Cost of tender paper : Rs.500/- in shape of Bank Draft in favour of Director of Family Welfare, Odisha payable at Bhubaneswar
- Address for Correspondence : Director of Family Welfare, Odisha, Heads of Department Building, Unit-V, Bhubaneswar, PIN-751001

The tender will be opened on scheduled date & time in the office chamber of the undersigned in the presence of supplier or their authorized representatives. In the event of the date being declared as holiday for Govt. of Odisha, the due date of submission of bids & opening of bids will be next working day. Any tender received after the due date & time will be rejected & returned to the sender unopened. The tender will be received through Regd. Post/Courier Service/Speed Post only. The authority reserves the right to reject any or all the tenders received without assigning any reason thereof.

Sd./- Dr. Rajyashree Patnaik Director of Family Welfare, Odisha

OIPR-10006/11/0003/2526

**DEPUTY DIRECTOR, NANDANKANAN ZOOLOGICAL PARK**

P.O. - BARANG, DIST. - KHURDA, PIN - 754005 Email : deputydirector.kanan@gmail.com — NANDANKANAN Web : www.nandankanan.org

e-PROCUREMENT NOTICE

No.MM-113 — Tender No. DD-NKN-15_/PMU/NKZP-2025-26 Dt. 02.07.2025

| | | |
|---|---|---|
| 1 | Name of the work | Tender for construction of Footpath, pathway and drainage from Enclosure No.4 under N.E. Panorama towards Safari Bus Stand inside Nandankanan Zoological Park for the year 2025-26 |
| 2 | No. of works | 1 (one) no. |
| 3 | Date of availability of bid document in the portal | 04.07.2025 |
| 4 | Last date for receipt of bids in the portal | 19.07.2025 upto 5.00 P.M. |
| 5 | Date of opening of Technical Bid (Cover-I) | 21.07.2025 at 11.00 A.M. |
| 6 | Name & Address of Officer Inviting Tender (OIT) | Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https://tendersodisha.gov.in.

Sd./- Deputy Director Nandankanan Zoological Park

OIPR-08070/11/0091/2526

**OFFICE OF THE PRINCIPAL COLLEGE OF TEACHER EDUCATION, BALASORE**

DIST- BALASORE, ODISHA-756001 E-mail:establish.cte.bls.1990@gmail.com

**ADVERTISEMENT FOR ENGAGEMENT OF GUEST FACULTIES ON CONTRACTUAL BASIS**

No.N-114 : A walk-in-interview is scheduled to be held at CTE, Balasore on 15.07.2025 at 10A.M for engagement of 06 Guest Faculties on Contractual basis for 2 Years B.Ed. Programme as mentioned below :

| Sl. No | Pedagogy Subjects | No. of Vacancy | Time of Interview | Reporting Time |
|---|---|---|---|---|
| 1 | Odia | 1 | 10:00 - 4:00 P.M. | 9.30 A.M. |
| 2 | English | 1 | | |
| 3 | Mathematics | 1 | | |
| 4 | Health And Physical Education | 1 | | |
| 5 | Fine Arts | 1 | | |
| 6 | Performing Arts | 1 | | |

However, Filled-in application Forms from interested candidates along with all the supporting documents for the Post of Associate Professor (01) must reach the office of the undersigned on or before 15/07/2025 by hand or speed post.

- Preference may be given to the Superannuated Faculties of any Govt. TEIs having the requisite qualification but not more than 75 years of age.
- The Guidelines for engagement of Guest Faculty on Contractual basis in Govt. Teacher Education Institute notified by Department of Higher Education, Govt. of Odisha vide Notification No.7590 / HE dated 11.02.2025, Notification No-20318 dated 17/04/2025, 33124/HE dated 24/06/2025 and 33122/HE dated 24/06/2025 are available in Social Media handles of CTE, Balasore.
- Social Media handles Instagram: cte.balasore Twitter/X : @CTEBalasore, Face Book :Cte Balasore
- No TA/DA is allowed for the purpose.
- The candidates coming to appear for the interview should have all the required original documents/ certificates and a set of photocopy of the same with him/her as spelt out in guideline provided by Higher Education Department, Govt. of Odisha.

The Authority reserves every right to accept / reject any of the applications without giving any reason thereof.

Sd./- Principal CTE, Balasore

OIPR-11162/11/0005/2526

idco ODISHA NEW OPPORTUNITIES — No. CAD-963

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

Tender Call Notice No. File No.: HO/P&C/EST/E-2911/04/2025 18919 Dated: 30.06.2025

Bid Identification No. P&C/EST/E-26/2025-26

**NOTICE INVITING TENDER THROUGH e-Procurement**

| | |
|---|---|
| Name of the work: | Supply, installation, testing an commissioning of 250 KVA Silent type DG Set along with associated works including CAMC for IPICOL, Bhubaneswar |
| Tender Value: | Rs.39,47,205.00 (Excluding GST) |

| Procurement Officer | Period of Completion | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | 3 (Three Calendar Months) | 17:00 Hours of dt.: 07.07.2025 | 17:00 Hours of dt.: 21.07.2025 |

Further details can be seen from the e-Procurement Portal. www.Tendersodisha.gov.in and Corrigendum if any will not be published in the newspapers and can only be seen in the e-procurement portal as well as in IDCO website.

Sd./- Chief General Manager (P&C), IDCO, Bhubaneswar

OIPR-14003/11/0188/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ଆଲିଶା
ପରିବାରବର୍ଗ


ଜୀତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର କାନ୍ଥ

## ବର୍ତ୍ତିଲେ ୨ ପରିବାରର ୭ ସଦସ୍ୟ

**ଲାଞ୍ଜିଗଡ଼,୫।୭(ରମେଶ ଚନ୍ଦ୍ର ନାୟକ)**

ଲଗାଣ ବର୍ଷା ଯୋଗୁ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ରେ ଘରକାନ୍ଥ ଭୁଶୁଡି ପଡିବାରୁ ୨ ପରିବାରର ୭ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଉପର ଦମାଘାଟି ଓ ବିଜେପୁର ପଞ୍ଚାୟତ ସ୍ଥିତ ବିଜେପୁର ଗ୍ରାମରେ ଏହି ଘଟଣା ଘଟିଛି।

ସୂଚନା ଅନୁସାରେ ସାରା ରାଜ୍ୟରେ ଗତ ୨୫ ତାରିଖରୁ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଏହାର ପ୍ରଭାବ ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳିଛି। ଅନେକ ଚାଷୀଙ୍କ ଫସଲ କ୍ଷୟକ୍ଷତି ହୋଇଥିବାବେଳେ ନଦୀକୂଳିଆ ଗାଁର ଲୋକେ ପାଣି ଘେରରେ ରହିଛନ୍ତି। ବିଭିନ୍ନ ସ୍ଥାନରେ ଯାତାୟାତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଲାଞ୍ଜିଗଡ଼ ବ୍ଲକ୍ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଉପର ଦମାଘାଟି ଗାଁର ରାମପୁରିଆ ହରିଜନଙ୍କ ଘର କାନ୍ଥ ଶୁକ୍ରବାର ରାତିରେ ଭୁଶୁଡ଼ିପଡିଛି। ଏହି ସମୟରେ ଘରେ ଥିବା ରାମପୁରିଆ ଓ ତାଙ୍କ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାମପୁରିଆ ଜଣେ ଦିନ ମଜୁରିଆ। ଏହି ଦମ୍ପତି ଝାଟିମାଟି କୁଡ଼ିଆରେ ଦୀର୍ଘବର୍ଷ ହେଲା ମୁଣ୍ଡ ଗୁଞ୍ଜି ଆସୁଥିଲେ। ହେଲେ ବର୍ତ୍ତମାନ ମାଟିକାନ୍ଥ ଭାଙ୍ଗିଯାଇଥିବାରୁ ସେମାନେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ସେହିପରି ବିଜେପୁର ପଞ୍ଚାୟତ ବିଜେପୁର ଗ୍ରାମର ରାମଦାସ ନାଏକଙ୍କ ଘର କାନ୍ଥ ଶନିବାର ସକାଳେ ଭୁଶୁଡ଼ିଯାଇଛି। ଏହି ସମୟରେ ଘରେ ଥିବା ରାମଦାସଙ୍କ ସମେତ ସ୍ତ୍ରୀ ଧନମାଳୀ ନାଏକ, ୩ ପୁଅ ମଦନ, ଆକାଶ ଓ ମୁକୁନ୍ଦ ନାଏକ ବାହାରକୁ ଚାଲିଆସି ଜୀବନ ବଞ୍ଚାଇଛନ୍ତି। ଉଭୟ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସହାୟତା ପ୍ରଦାନ କରିବାକୁ ସେମାନେ ଗୁହାରି କରିଛନ୍ତି।


ଭାଙ୍ଗିଯାଇଥିବା ଘର ଆଗରେ ସ୍ତ୍ରୀଙ୍କ ସହ ରାମପୁରିଆ।


**Birthday Wish**



**Jayjeet (Jeet)**

Wishing you a year full of Happiness, Success and unforgettable moments. Keep shining and chasing your dreams. Have an amazing day!"

**Best Wishes From-** Papa, Mama, Chachu, Chachi, Juhi, Chintu, Pinu, Rishi, Nani, Piesa, Mausa, Mausi, Maa, Aae.

**Happy Birthday, Jayjeet (Jeet)!**

D-1178


## ପଶ୍ଚିମ ଆଫ୍ରିକା ମାଲିରୁ ୩ ଭାରତୀୟଙ୍କୁ ଅପହରଣ ଘଟଣା

# ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ଭେଙ୍କଟରମଣଙ୍କ ପରିବାର

**ହିଞ୍ଜିଳିକାଟୁ/ବ୍ରହ୍ମପୁର ୫।୭ (ଦ୍ୱିତୀକୃଷ୍ଣ ପଣ୍ଡା/ସୁବାଷ ଚନ୍ଦ୍ର ପାଢୀ)**

- ବହିର୍ବ୍ୟାପାର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ
- ଟୁଇଟ୍ କଲେ ମନ୍ତ୍ରୀ ବିଭୂତି ଜେନା


ଅପହୃତ ଭେଙ୍କଟରମଣ

ପଶ୍ଚିମ ଆଫ୍ରିକା ମହାଦେଶର ମାଲିରେ ଆତଙ୍କବାଦୀ ୩ ଭାରତୀୟ ନାଗରିକଙ୍କୁ ଜୁଲାଇ ୧ରେ ଅପହରଣ କରି ନେଇଛନ୍ତି । ଅପହୃତ ୩ ଭାରତୀୟଙ୍କ ମଧ୍ୟରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ସମରଝୋଳ ଛକର ପନାଡ ଭେଙ୍କଟରମଣ ଅଛନ୍ତି । ଏହି ଖବର ପାଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଭେଙ୍କଟ ପିଲାଟି ଦିନରୁ ବାପା ଛେଉଣ୍ଡ ଥିଲେ। ତାଙ୍କର ୨ ଭଉଣୀ ଓ ଜଣେ ସାନ ଭାଇ ଅଛନ୍ତି। ଭେଙ୍କଟରମଣଙ୍କ ଫେରିବା ବାଟକୁ ସମସ୍ତେ ଚାହିଁ ରହିଛନ୍ତି। ଅପହରଣକାରୀ ତାଙ୍କ ପୁଅକୁ ଛାଡ଼ି ଦେବାକୁ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି ମା' ପନାଡ ନାର୍ସମା। ଅନ୍ୟ ପକ୍ଷରେ ଭାଙ୍ଗିପଡିଥିବା ମା'ଙ୍କୁ ଧୈର୍ଯ୍ୟ ଦେବାକୁ ତାଙ୍କ ଝିଅ ଜ୍ୱାଇଁଙ୍କ ସହ ସମ୍ପର୍କୀୟମାନେ ସମରଝୋଳ ଛକସ୍ଥିତ ତାଙ୍କ ଘରକୁ ଆସିଛନ୍ତି। ଅନ୍ୟପକ୍ଷରେ ଘଟଣା ନେଇ ମା' ଶନିବାର ରାତିରେ ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରି ପୁଅକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ଗତ ମାସ ୩୦ରେ ସେ ଶେଷ ଥର ପାଇଁ ପୁଅ ସହ ଫୋନରେ କଥା ହୋଇଥିଲେ। ଜୁଲାଇ ୧ରୁ ପୁଅର ଫୋନ ବନ୍ଦ ଥିବା କହିଛନ୍ତି ପି ନାର୍ସମା। ହିଞ୍ଜିଳି ବିଧାୟକ ତଥା ରାଜ୍ୟ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସ ଜରିଆରେ ଟୁଇଟ୍ କରି ଭେଙ୍କଟରମଣଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଡ. ଏସ୍‌ଜୟଶଙ୍କରଙ୍କୁ ବ୍ୟକ୍ତିଗତ ଭାବରେ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ଏବଂ ତାଙ୍କର ଶୀଘ୍ର ଏବଂ ନିରାପଦ ମୁକ୍ତି ପାଇଁ ଅନୁରୋଧ କରିଛନ୍ତି। ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ବୈଦେଶିକ ବ୍ୟାପର ମନ୍ତ୍ରୀ ଏଦିଗରେ ହସ୍ତକ୍ଷେପ କରି ଭେଙ୍କଟଙ୍କୁ ନିରାପଦରେ ଫେରାଇ ଆଣିବା ଦିଗରେ ପଦକ୍ଷେପ ନେବାକୁ ଟୁଇଟ୍ କରି ଜଣାଇଛନ୍ତି। ବିଭିନ୍ନ ରାଜନୈତିକ ଦଳ ନେତୃବୃନ୍ଦ, ଶୁଭେଚ୍ଛୁ ଓ ସାମାଜିକ କର୍ମୀ ମଧ୍ୟ ଭେଙ୍କଟରମଣଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅପହୃତ ଭେଙ୍କଟରମଣ ଗତ ନଭେମ୍ବରରେ ଏକ ଘରୋଇ କମ୍ପାନୀ ପକ୍ଷରୁ ପଶ୍ଚିମ ଆଫ୍ରିକା ମହାଦେଶର ମାଲିଠାରେ ଏକ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩ ତାରିଖରେ ଭେଙ୍କଟରମଣଙ୍କୁ ସେଠାକାର ପୋଲିସ ଗିରଫ କରିଥିବା ନେଇ ସଂପୃକ୍ତ କମ୍ପାନୀ ପକ୍ଷରୁ ପରିବାର ଲୋକଙ୍କୁ ଫୋନ ଯୋଗେ କୁହାଯାଇଥିଲା । ମାତ୍ର ଆନ୍ତର୍ଜାତିକ ଖବର ଓ ବିଭିନ୍ନ ସାମାଜିକ ଗଣମାଧ୍ୟମଗୁଡିକରୁ ପରିବାର ଲୋକେ ଭେଙ୍କଟରମଣଙ୍କ ଅପହୃତ ନେଇ ଜାଣିବାକୁ ପାଇଥିଲେ। ଜୁଲାଇ ୧ରେ ଏହି ଘଟଣା ଘଟିଥିଲା। ଏକ ସଶସ୍ତ୍ର ଆତଙ୍କବାଦୀ ଦଳ ସିମେଣ୍ଟ କାରଖାନା ପରିସରରେ ଆକ୍ରମଣ କରି ଜବରଦସ୍ତ ତିନି ଭାରତୀୟ ନାଗରିକଙ୍କୁ ଅପହରଣକରି ନେଇଥିଲେ। ସେଥି ମଧ୍ୟରେ ପି.ଭେଙ୍କଟରମଣ ଥିଲେ। ତେବେ ଏହି ଅପହରଣ ପରେ ଉକ୍ତ ଘଟଣା ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରି ନ ଥିଲେ। ବର୍ତ୍ତମାନ ଅପହରଣ ପାଇଁ ଅଲ-କାଏଦା ସହଯୋଗୀ ଜାମାତ ନୁସରତ ଅଲ-ଇସ୍‌ଲାମ ୱାଲ୍-ମୁସଲିମିନ (ଜେଏନଆଇଏମ) ଦାବି କରିଛି।

# ଛାତ୍ରୀନିବାସ ବନ୍ଦ କରିବାକୁ ଆସିଥିବା ତଦନ୍ତ କମିଟି ସହ ଗ୍ରାମବାସୀ ମୁହାଁମୁହିଁ

## ଆମ୍ବାଝରି ମେଟୁ ଗ୍ରାମରେ ଚାଲିଛି ନ୍ୟୁ ହୋପ୍ ଚିଲଡ୍ରେନ ହୋମ

**ପାରଳାଖେମୁଣ୍ଡି,୫।୭(ଗିରିଧାରୀ ପରିଚ୍ଛା)**


ତଦନ୍ତ ସମୟରେ ଗ୍ରାମବାସୀ ବିରୋଧ କରୁଛନ୍ତି।

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଆମ୍ବାଝରି ମେଟୁ ଗ୍ରାମରେ ରହିଥିବା ନ୍ୟୁ ହୋପ ଚିଲଡ୍ରେନ ହୋମ ନାମକ ଛାତ୍ରୀନିବାସ ବନ୍ଦ କରିବାକୁ ତଦନ୍ତ ପାଇଁ ଆସିଥିବା ଜିଲା ପ୍ରଶାସନର ୨ ଅଧିକାରୀଙ୍କ ସହ ଗ୍ରାମବାସୀ ଶନିବାର ମୁହାଁମୁହିଁ ହୋଇଛନ୍ତି। ଛାତ୍ରୀ ନିବାସକୁ ନେଇ ଗତ କିଛି ବର୍ଷ ହେଲା ଗ୍ରାମରେ ଦେଖା ଦେଇଥିବା ବିରୋଧାଭାସ ଏବେ ଉତ୍ତେଜନାରେ ପରିଣତ ହୋଇଛି। ପୂର୍ବରୁ ଗ୍ରାମବାସୀ ଉକ୍ତ ଛାତ୍ରୀନିବାସ ଏଠାରେ ବନ୍ଦ କରିବା ଲାଗି ଜିଲା ପ୍ରଶାସନ, ଶିକ୍ଷା ବିଭାଗ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ଜଣାଇ କିଛି ସୁଫଳ ପାଇ ନ ଥିଲେ। ଛାତ୍ରୀନିବାସ ବ୍ୟାପକ ଅନିୟମିତତାରେ ଚାଲୁଥିବା, ଯେଉଁ ସ୍ଥାନରେ ଏହା ରହିଛି ବେଆଇନ ଭାବେ ସେଠାରେ ନିର୍ମାଣ କରାଯାଇଥିବା ଏବଂ ଯେଉଁ ଟ୍ରଷ୍ଟ ଦ୍ୱାରା ସ୍ଥାପନ ହୋଇଛି ଛାତ୍ରୀନିବାସ ହେବା ପରଠାରୁ ଅଞ୍ଚଳରେ ଅଶାନ୍ତି ସୃଷ୍ଟି ହେଉଥିବା ନେଇ ଗ୍ରାମବାସୀ ଦାନିଏଲ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ଅନେକଥର ଅଭିଯୋଗ କରି ପ୍ରଶାସନ ନ ଶୁଣିବାରୁ ଗତ ୧୬।୬।୨୦୨୫ରେ ପୁଣି ଗ୍ରାମବାସୀ ଛାତ୍ରୀନିବାସର ଅନିୟମିତତା ସମ୍ପର୍କରେ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଶନିବାର ଏନ୍‌ସିପିସିଆର୍‌ଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ଜିଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଅରୁଣ ତ୍ରିପାଠୀଙ୍କୁ ନେଇ ଏକ ଦୁଇଜଣିଆ ଟିମ୍ ଗାରାବନ୍ଧ ପୋଲିସ ସହ ଆମ୍ବାଝରି ମେଟୁ ଗ୍ରାମକୁ ତଦନ୍ତ ପାଇଁ ଯାଇଥିଲେ। ଏହି ସମୟରେ ଉକ୍ତ ଛାତ୍ରୀନିବାସକୁ ବନ୍ଦ କରିବାକୁ ଗ୍ରାମବାସୀ ଜିଦ୍ ଧରି ତଦନ୍ତକାରୀ ଟିମ୍ ଓ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଏପରିକି ସେଠାରେ ହାତାହାତି ହେବା ପରିସ୍ଥିତି ଉପୁଜିଥିଲା। ପୂର୍ବରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଏହି ଛାତ୍ରୀନିବାସକୁ ବନ୍ଦ କରାଯାଇଥିଲା। ଛାତ୍ରୀନିବାସ କର୍ତ୍ତୃପକ୍ଷ ନିଜ ମନଇଚ୍ଛା ଏହାକୁ ଚଲାଉଛନ୍ତି ବୋଲି ଜିଲା ଶିକ୍ଷା ଅଧିକାରୀ ସାହୁ ପ୍ରକାଶ କରି ଏହାର ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏନେଇ ଜିଲାପାଳ ଯାହା ନିର୍ଦ୍ଦେଶ ଦେବେ ତାହା ପାଳନ କରାଯିବ ବୋଲି କହିଛନ୍ତି। ତେବେ ଛାତ୍ରୀନିବାସ କର୍ତ୍ତୃପକ୍ଷ କହିଛନ୍ତି ଯେ, ସବୁ ଠିକ୍‌ଠାକ୍ ଚାଲିଛି। ଗରିବ ପିଲାଙ୍କୁ ଶିକ୍ଷାଦାନ ପାଇଁ ଏହି ଛାତ୍ରୀନିବାସ ଚାଲିଛି। ଅନ୍ୟପକ୍ଷରେ ଗ୍ରାମବାସୀ ତଦନ୍ତ ପରେ ଉକ୍ତ ଛାତ୍ରୀନିବାସ ବନ୍ଦ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏହି ଛାତ୍ରୀନିବାସରେ ବର୍ତ୍ତମାନ ୪୩ ଜଣ ଅନ୍ତେବାସୀ ରହୁଛନ୍ତି। ସେମାନେ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି।

## ଦୁର୍ଘଟଣାରେ୨ ବୁଲେଟ ଆରୋହୀ ମୃତ

**ବନ୍ତଳା,୫।୭(ସୁଶିତ ସାହୁ):** ଅନୁଗୋଳ ଜିଲା ବନ୍ତଳା ଥାନା ଅନ୍ତର୍ଗତ ବଡ଼କେରା ପଞ୍ଚାୟତ ଚମ୍ପତି ମୁଣ୍ଡା ନବଦୋୟ ବିଦ୍ୟାଳୟ ସମ୍ମୁଖ ବୁଲାଣିରେ ବୁଲେଟ୍ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କଟକ ଜିଲା ଟିଗିରିଆ ଥାନା ସୁଣ୍ଡିପାଳ ଗାଁର ପ୍ରଭାତ ରାଉତ(୨୫) ଓ ଅମର ରାଉତ(୨୧) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଶନିବାର ଅପରାହ୍ନ ୫ଟାବେଳେ ଉପରୋକ୍ତ ସ୍ଥାନରେ ଦ୍ରୁତଗତିରେ ଆସୁଥିବା ବୁଲେଟ୍ ନଂ OD ୦୫BL ୦୯୬୧ ଭାରସାମ୍ୟ ହରାଇ ବାଙ୍କରେ ଥିବା ପୋଲ ଉପରେ ପିଟି ହେବା ସହ ଗଛରେ ପିଟି ହୋଇ ଛିଟିକି ପଡ଼ି ପଡ଼ିଥିଲା । ଫଳରେ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବରପାଇ ବନ୍ତଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାରକରି ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏନେଇ ବନ୍ତଳା ପୋଲିସ ପକ୍ଷରୁ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ ହୋଇଛି।

## ୨ ନାବାଳକଙ୍କୁ ଧରିଲା ରେଲୱେ ପୋଲିସ

### ଟ୍ରାକ୍‌ରେ ଶୋଇ ଭିଡିଓ କରୁଥିଲେ

**ବୌଦ୍ଧ,୫।୭ (ଅଜିତ କୁମାର ବାରିକ)**

ଟ୍ରେନ୍ ଯିବା ସମୟରେ ଟ୍ରାକ୍‌ରେ ଶୋଇବା ନାବାଳକଙ୍କୁ ମହଙ୍ଗା ପଡ଼ିଛି। ରେଳ ଲାଇନରେ ଏଭଳି ଦୁଃସାହସିକ କାର୍ଯ୍ୟ କରିଥିବା ୨ ନାବାଳକଙ୍କୁ ଶନିବାର ବଲାଙ୍ଗୀର ରେଲୱେ ପୋଲିସ ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ସହାୟତାରେ ଧରିଛି। ଶୁକ୍ରବାର ଅପରାହ୍ନରେ ବଲାଙ୍ଗୀର ପଟୁ ଏକ ଟ୍ରେନ୍ ବୌଦ୍ଧ ଆସୁଥିବା ବେଳେ ରେଳଲାଇନର ତାଲୁପାଲିଠାରେ କେତେଜଣ ନାବାଳକ ଦୁସାହସିକ କାର୍ଯ୍ୟ କରି ଭିଡିଓ ସୋସିଆଲ ମଡିଆରେ ଭାଇରାଲ କରିଥିଲେ। ଜଣେ ନାବାଳକ ଟ୍ରେନ୍ ଆସୁଥିବା ବେଳେ ରେଳଲାଇନ ମଧ୍ୟରେ ଥିବା ଧାରଣାରେ ଶୋଇପଡ଼ିଥିଲେ। ଆଉ କେତେଜଣ ନାବାଳକ ଭିଡିଓ ଉତ୍ତୋଳନକରି ଜୟ ମାତାକି ନାରା ଦେଇଥିଲେ। ଟ୍ରେନ୍‌ଟି ଯିବା ପରେ ନାବାଳକ ଜଣକ ରେଳ ଧାରଣାରୁ ଉଠି ଖୁସିରେ ହସିଥିବା ଜଣାପଡ଼ିଛି। ଏହି ଭିଡିଓ ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ପୋଲିସ ୨ଜଣ ନାବାଳକଙ୍କୁ ଧରିଥିଲା। ପୋଲିସ ଧରିଥିବା ୨ ନାବାଳକ ଓ ସେମାନଙ୍କ ଅଭିଭାବକମାନଙ୍କୁ ବଲାଙ୍ଗୀରକୁ ଧରି ନେଇଥିବା ବାଉଁଶୁଣୀ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।


# Classified Everyday

**0674-2580101, 9692975378**



**MATRIMONIAL**


**BRIDE WANTED**

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45 yrs ଝିଅ ଆବଶ୍ୟକ। Candidate- 9861141891. D-1173

**GROOM WANTED**

47 Widow Karan Caste ମା'ଙ୍କ ସହିତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6371298869. D-1127

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D-1050



**REAL ESTATE**

**SALE**

ଭୁବନେଶ୍ୱର ଧଉଳିଛକ ପୁଷ୍ପକ ହୋଟେଲ ପଛପଟେ **BDA Approved 3BHK Spacious Flat 85 ଲକ୍ଷ। Bank Loan** ବା **Installment** ସୁବିଧା ଅଛି। ଯୋଗାଯୋଗ: **9438220432/ 8144658008** D-1161

**A Commercial plot 10000sqft facing to NH (Nakhara to Niali) 10km from Nakhara 60x166 3side road personal plot contact only owners- 7809525452** D-76471

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

କ ଟ କ – ଭୁ ବ ନେ ଶ୍ୱ ର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281

ପୁରୀ ଶ୍ରୀମନ୍ଦିର ପାଖରୁ ମାତ୍ର **16** କିଲୋମିଟର ଚନ୍ଦନପୁରରୁ ନିରାକାରପୁର ରାସ୍ତା ପାତେଲି ଗାଁ ପାଖରେ ମୁଖ୍ୟରାସ୍ତାକୁ ଲାଗି ଘରବାଡ଼ି **PLOT** ବର୍ଗଫୁଟକୁ **1050/-** ଟଙ୍କା। **30**ଫୁଟ ପକ୍କା ରାସ୍ତା ସହ ଅତିଶୀଘ୍ର ଘର କରିବାକୁ ବା **INVEST** ପାଇଁ ଉପଯୁକ୍ତ। **CALL:- 9438220432/ 8144658008** D-1160




Positively health benefits SPA expert female therapist homely atmosphere. 8658088274. D-1177


## AFFIDAVIT

By virtue of an affidavit sworn Executive Magistrate, Bhubaneswar, dated 12.06.2025, I, Prakash Kumar Samantaray, Address: At- Gunthuni, P.O.- Golabai, P.S.- Jankia, Dist.- Khordha, State-Odisha, PIN- 752020 declare that I have changed the name of my son from Bikash Samantaray to Akash Kumar Samantaray. Henceforth, he shall be known as Akash Kumar Samantaray for all purposes.
Prakash Kumar Samantaray
D-1167

I, BIMAL KISHORE AGARWAL, S/o- Late Nemichand Agarwal, resident of Plot 17/C, Jaydurga Nagar, Bomikhal, Bhubaneswar, Dist.- Khurda, Odisha, declare by this affidavit No.- CF. No.- 106, dt- 04.07.2025. That now onwards I shall be known as BIMAL KISHOR AGARWAL for all future purposes.
BIMAL KISHOR AGARWAL
D-1168

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Nuapada, date 04.07.25, I Pinky Kumari Agarwal, W/o- Deepak Kumar Agrawal, R/o At/P.O.- Gotma, P.S.- Jonk, Dist.- Nuapada, Odisha declare that name Pinky Kumari Agarwal, Pinky Agrawal and Pinky Kumari Agrawal is of same and one person. Henceforth, I shall be known as Pinky Kumari Agarwal for all purpose.
D-1171

By virtue of an affidavit sworn before the Executive Magistrate, Kesinga, Kalahandi, CF. No.- 01, dated 23.06.2025, I, Elisha D Majhi, W/o. late J.D Majhi, R/o. Village- Limgaon, P.O.- Turlakhaman, P.S.- Kesinga, Dist.- Kalahandi, declare that I have changed my name from Elisheba Majhi, W/o- Jishaya Majhi to Elisha D Majhi, W/o- Late J.D Majhi. Henceforth I shall be known as Elisha D Majhi, W/o. late J.D Majhi for all purposes.
D-1174

I, Jayashree Sharma, D/o- late Muralilal Motilal Sharma, resident of flat No.- 202, Tower- 1, Z one Apartment, Kalarahanga, Bhubaneswar, Dist.- Khurda, Odisha, PIN- 751024, declare by this affidavit No.- 98,dt- 04.07.2025, that now onwards I shall be known as JAYASHREE MISRA for all future purposes.
D-76835

## LEGAL NOTICE

IN THE COURT OF CIVIL COURT (JD), BALANGIR
CS No.- 32 of 2010
Hariballav Sahoo .....Plaintiff
Vs.
Ramesh Sahoo and others ....Defendants

NOTICE
UNDER ORDER 5 RULE 20 (1) OF CPC

To, 1. (c) Janha Padhan, aged about 26 years, W/o- Basu Padhan, R/o/ P.O.- Uparjhar, P.S.- Tusura, Dist.- Balangir, 2. C) (I) Pancha Padhan, aged abboud 50 years, R/o/P.O.- Uparjhar, P.S.- Tusura, Dist.- Balangir, 2. (c) (ii) Sagar Padhan, aged about 12 years, S/o- Pancha Padhan, R/o/P.O.- Uparjhar, P.S.- Tusura, Dist.- Balangir.

Take Notice that the plaintiff Hariballav Sahu has filed a Civil proceeding against you. You are hereby noticed to appear before the Court in person or by a pleader duly well instructed and able to answer all materials relating to the this proceeding on 25.07.25 and in default of your appearance on the day as mentioned, the Civil proceeding will be heard and determined in your absence.

Given under my hand and the seal of Court, this 14th day of May 2025.

Sd./- By order
Court of Civil Judge (JD), Balangir
D-1170


# ମନେ ପଡ଼ନ୍ତି

**Shradhanjali**



**SOYUZ Priyadarshan (Ph.D.)**

Day of Birth- 1975

Day of Death- 2005

(Durgastami, Bada Ekadashi)

No day is passed without remembering you.

BAPA

ଧ-୧୧୫୬

**ନବମ ଶ୍ରାଦ୍ଧବାର୍ଷିକୀ**

ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**√Mrunal Kanta Swain (Titu)**

*Hotel Miland Palace (Director)*
(ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)
ଆବିର୍ଭାବ: ୧୯/୧୦/୧୯୫୭ (ରମା ଏକାଦଶୀ)
ତିରୋଧାନ: ୧୫/୦୭/୨୦୧୬ (ସୁନାବେଶ, ଏକାଦଶୀ)

ସବୁ ଦୁଃଖ ଓ ଯନ୍ତ୍ରଣା କୁ ସହ୍ୟକରି ଆମର ସବୁ ଇଚ୍ଛାକୁ ପୂରଣ କରିବା ପାଇଁ ପଛେଇ ନାହାଁନ୍ତି ବାପା । ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ।

ଶୋକସନ୍ତପ୍ତ : ପତ୍ନୀ-ଜଲି, ପୁଅ-ଆତିଥ୍ୟ, ପୁତ୍ରବଧୂ- ସୁସ୍ମିତା, ଲିସା-ବିବେକ, ଟିସା-ତରୁଣ, ଟିକୁ-ଶିୟୁ, ବନ୍ଧୁ ଓ ପରିବାରବର୍ଗ ।

ଧ-୭୬୮୩୬




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂତନ କଲେକ୍ସନ 'ନୁଆ କଲେକ୍ସନ'ର ଅନାବରଣ ଶନିବାର ମାଲାବାରର ଶହୀଦନଗର ଶୋ'ରୁମ୍‌ରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅତିଥିଙ୍କ ସମେତ ଶୋ'ରୁମ୍‌ର ଅଧିକାରୀ, କର୍ମଚାରୀ ଓ ଗ୍ରାହକ ତଥା ମଡେଲମାନେ ଉପସ୍ଥିତ ଅଛନ୍ତି।

# ୩୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଓମ୍‌ଫେଡ୍ ଘୋଳ ଦହି

**ଭୁବନେଶର, ୫ା୭(ଅନୁରାଧା ମହାରଣା)**

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଓମ୍‌ଫେଡ୍ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପିପିଲାଠାରୁ ଆରମ୍ଭ କରି ପୁରୀ ବଡ଼ ଦାଣ୍ଡର ଜନ ଗହଳି ସ୍ଥାନରେ ଷ୍ଟଲ ଖୋଲି ଶ୍ରଦ୍ଧାଳୁମାନଙ୍କୁ ଗୁଳିଗୁଳିରୁ ରକ୍ଷା କରିବା ପାଇଁ ଘୋଳ ଦହି ବଣ୍ଟନ କରୁଛି। ପବିତ୍ର ଶ୍ରୀ ଗୁଣ୍ଡିଚା ଦିନ ୧୦ ହଜାର ଏବଂ ବାହୁଡାରେ ୧୦ ହଜାର ଘୋଳ ଦହି ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଇଥିବାବେଳେ ସୁନା ବେଶ ଦିନ ୧୦ ହଜାର ପ୍ୟାକେଟ ବଣ୍ଟନ କରିବାକୁ ଯୋଜନା କରିଛି। ରଥଯାତ୍ରା ସମୟରେ ଓମ୍‌ଫେଡ ପକ୍ଷରୁ ପିପିଲିଠାରୁ ପୁରୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏବଂ ବଡଦାଣ୍ଡରେ ମୋଟ ୨୨ଟି ଷ୍ଟଲ ଖୋଲାଯାଇଛି। ପୁରୀ ଟାଉନ ଭିତରେ ୭ଟି ଷ୍ଟଲ ରହିଛି। ଏହି ସବୁ ଷ୍ଟଲରେ ଓମଫେଡର ବିଭିନ୍ନ




ଉତ୍ପାଦ ଯଥା ଦହି, ଲସି, ଫ୍ଲେଭର ମିଲ୍କ, ପେଡା, ଛେନାପୋଡ, ଆଇସ୍‌କ୍ରିମ ଆଦି ବିକ୍ରି ମଧ୍ୟ ହେଉଛି। ଓମ୍‌ଫେଡ୍ ନିଜ ଉତ୍ପାଦର ପ୍ରଚାର ପ୍ରସାର କରିବା ସହ ଲୋକମାନଙ୍କୁ ବିଭିନ୍ନ ଉପାୟରେ ସହାୟତା କରୁଛନ୍ତି। ଓମଫେଡ୍ କର୍ମଚାରୀ ଓ କିଛି ଓମଫେଡ୍ ବୁଥର ମାଲିକମାନେ ଏହି କାର୍ଯ୍ୟକ୍ରମରେ ସହାୟତା କରୁଛନ୍ତି।

# ନଥିଙ୍ଗ୍‌ର ନୂତନ ଉତ୍ପାଦ

**ଭୁବନେଶ୍ୱର,୫ା୭**

ନଥିଙ୍ଗର ନୂତନ ଉତ୍ପାଦ ତଥା ବହୁ ପ୍ରତିକ୍ଷୀତ 'ନଥିଙ୍ଗ ଫୋନ୍ (୩) ଏବଂ ନଥିଙ୍ଗ ହେଡଫୋନ୍ (୧)'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଉଭୟ ଉତ୍ପାଦ ଉଦ୍ଦେଶ୍ୟମୂଳକ ଡିଜାଇନ୍ ଏବଂ ସାହସିକ ନବସୃଜନ ସହିତ ଗ୍ରାହକ ପ୍ରଯୁକ୍ତିବିଦ୍ୟାକୁ ପୁନଃକଳ୍ପନା କରିବା ପାଇଁ ନଥିଙ୍ଗଂର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି। ସେହିଭଳି ନଥିଙ୍ଗ ଫୋନ୍ (୩) ସ୍ମାର୍ଟଫୋନ୍ କାର୍ଯ୍ୟଦକ୍ଷତା ଏବଂ ପ୍ରକାଶନର ଏକ ନୂତନ ଯୁଗ ପରିଚିତ କରାଉଛି। ଟେକ୍ନୋଲୋଜିକୁ ପୁଣି ଥରେ ବ୍ୟକ୍ତିଗତ ଅନୁଭବ ଦେବା ପାଇଁ ଡିଜାଇନ୍ କରାଯାଇଥିବାବେଳେ ଏଥିରେ ଏକ ପ୍ରୋ-ଗ୍ରେଡ୍ ଟ୍ରିପଲ୍ କ୍ୟାମେରା ସିଷ୍ଟମ୍ ସହ ଏକ କ୍ଲାସ୍-ଲିଡିଂ ୧/୧.୩' ମୁଖ୍ୟ ସେନ୍ସର୍ ଅନ୍ତର୍ଭୁକ୍ତ ରହିଛି। ଫୋନ୍ (୩) ରେ ଏକ ନୂତନ ତ୍ରି-ସ୍ତମ୍ଭ ଲେଆଉଟ୍ ରହିଛି। ନଥିଙ୍ଗ ଫୋନ୍ (୩) କଳା ଏବଂ ଧଳା ରଙ୍ଗ ବିକଳ୍ପରେ ଉପଲବ୍ଧ ହେବ। ସେହିପରି ନଥିଙ୍ଗ ହେଡଫୋନ୍ (୧)ରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ଓ ଶକ୍ତିଶାଳୀ ସାଉଣ୍ଡ ସିଷ୍ଟମ ସାମିଲ ରହିଛି। ଭାରତୀୟ ବଜାରରେ ଏହା କଳା ଏବଂ ଧଳା କଲରେ ଉପଲବ୍ଧ ହେବ।

# ଆଇଜି ଡ୍ରୋନ୍ସକୁ ଭାରତର ପ୍ରଥମ ପାଟେଣ୍ଟ

**ଭୁବନେଶ୍ୱର,୫ା୭ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଷ୍ଟାର୍ଟଅପ୍ ୟୁନିଟ୍ 'ଆଇଜି ଡ୍ରୋନ୍ସ'କୁ ନିକଟରେ ଆଉ ଏକ ସଫଳତା ଓ ସ୍ୱୀକୃତି ମିଳିଛି। ଏପରିକି ପ୍ରତିରକ୍ଷା ଡ୍ରୋନ୍ ସିମୁଲେଟର ପାଇଁ ଆଇଜି ଡ୍ରୋନ୍ସ ଭାରତର ପ୍ରଥମ ପାଟେଣ୍ଟ ହାସଲ କରିଛି। ସେହିଭଳି ଏକ ଐତିହାସିକ ପଦକ୍ଷେପ ସହ ଆଇଜି ଡ୍ରେନ୍ସକୁ ଦେଶର ପ୍ରଥମ ସ୍ୱଦେଶୀ ଡିଫେନ୍ସ ଡ୍ରୋନ୍ ସିମୁଲେଟର ପାଇଁ ପାଟେଣ୍ଟ ପ୍ରଦାନ କରାଯାଇଛି। ଡିଫେନ୍ସ ଏକ୍ସପୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ସିମୁଲେଟର ବର୍ତ୍ତମାନ ଭାରତର ଘରୋଇ ପ୍ରତିରକ୍ଷା ଉତ୍କର୍ଷର ଏକ ପ୍ରତୀକ ଭାବେ ଉଭାହୋଇଛି। ସେହିପରି ସମ୍ପୂର୍ଣ୍ଣ ରୂପେ ଭାରତରେ ପରିକଳ୍ପିତ, ବିକଶିତ ଓ ନିର୍ମିତ ଏହି ପରବର୍ତ୍ତୀ ପିଢ଼ିର ସିମୁଲେଟର ଭାରତୀୟ ସେନା, ନୌସେନା, ବାୟୁସେନା ଏବଂ ଅର୍ଦ୍ଧସାମରିକ ବାହିନୀ ପାଇଁ ସର୍ବୋଚ୍ଚ ବିଶ୍ୱସ୍ତତା, ବାସ୍ତବ ପ୍ରଶିକ୍ଷଣ ପ୍ରଦାନ କରୁଛି। ଏପରିକି ଏହା ସୈନ୍ୟବାହିନୀରେ ଆମର ସୈନିକମାନଙ୍କୁ ଜିପିଏସ୍-ଡିନାଏଡ୍ ଜୋନ୍ ଓ ମଲ୍ଟି-ଡ୍ରୋନ୍ ମିଶନ ସମେତ ଅଧିକ



ବିପଦପୂର୍ଣ୍ଣ ପରିବେଶଗୁଡିକରେ ଯୁଦ୍ଧ ଡ୍ରୋନ୍‌ଗୁଡିକୁ ଦକ୍ଷତାର ସହ ପରିଚାଳନା କରିବା ପାଇଁ ସଶକ୍ତ କରିଥାଏ। ଏ ସମ୍ପର୍କରେ ଆଇଜି ଡ୍ରୋନ୍‌ର ବରିଷ୍ଠ ଉପାଧ୍ୟକ୍ଷ ମେଜର ଜେନେରାଲ ଆର୍.ସି. ପାଢୀ କହିଛନ୍ତି, ଏହି ସିମୁଲେଟର ଭାରତୀୟ ପ୍ରତିରକ୍ଷା କ୍ଷେତ୍ରର ପ୍ରସ୍ତୁତିରେ ଏକ ନୂଆ ଅଧ୍ୟାୟର ପ୍ରତିନିଧିତ୍ୱ କରିଛି। ଏପରିକି ଆମର ସୈନ୍ୟ ବଳକୁ ଏହା ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ, ଅତ୍ୟାଧୁନିକ ସିମୁଲେଶନ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଫଳରେ ସେମାନେ ଯେପରି ପରବର୍ତ୍ତୀ ଯୁଦ୍ଧ ସ୍ଥିତି ପାଇଁ ଯୁଦ୍ଧ-ପ୍ରସ୍ତୁତ ରହିବେ ବୋଲି ଆମେ ତାହା ନିଶ୍ଚିତ କରିଛୁ। ଏହି ପାଟେଣ୍ଟ ଉଦ୍ଭାବନ ମାଧ୍ୟମରେ ଭାରତୀୟ ନିର୍ମାଣ ଓ ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଇଜି ଡ୍ରୋନ୍ସର ପ୍ରତିବଦ୍ଧତାର ଏକ ପ୍ରମାଣ ବୋଲି ପାଢୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


# ରାଜକୋଟରେ ସର୍ବବୃହତ୍ ସୋଲାର ପ୍ୟାନେଲ ଫ୍ରେମ୍ ପ୍ଲାଣ୍ଟ ଉଦ୍‌ଘାଟିତ



**ଭୁବନେଶ୍ୱର,୫ା୭**

ବର୍ତ୍ତମାନ ସମୟରେ ଅକ୍ଷୟ ଶକ୍ତି (ସୋଲାରା ଏନର୍ଜି)ର ଚାହିଦା କ୍ରମାଗତ ଭାବେ ବୃଦ୍ଧିପାଉଛି। ଏହାକୁ ନଜରରେ ରଖି ଗୁଜରାଟର ରାଜକୋଟ୍‌ଠାରେ ଦେଶର ସର୍ବବୃହତ୍ ସୋଲାର ପ୍ୟାନେଲ ଫ୍ରେମ୍ ପ୍ଲାଣ୍ଟ ନିକଟରେ ଆରମ୍ଭ ସହ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଭାରତର ସର୍ବବୃହତ୍ ଏବଂ ସର୍ବାଧିକ ଉନ୍ନତ ଆଲୁମିନିୟମ ସୋଲାର ପ୍ୟାନେଲ ଫ୍ରେମ୍ ଉତ୍ପାଦନ ପ୍ଲାଣ୍ଟ ଗୁଜରାଟର ରାଜକୋଟ୍‌ଠାରେ ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ୍ ଶୁଭାରମ୍ଭ କରିଛି। ଚିଭଦେନ ରାଜକୋଟ ଗ୍ରାମରେ ଅବସ୍ଥିତ ଏହି ପ୍ଲାଣ୍ଟ ବାର୍ଷିକ ୨୪,୦୦୦ ମେଟ୍ରିକ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ଉତ୍ପାଦନ ସହ ୬ ଗିଗାୱାଟ (ଜିଡବ୍ଲ୍ୟୁ) ପର୍ଯ୍ୟନ୍ତ ସୌର ଶକ୍ତି ପ୍ରକଳ୍ପ ସ୍ଥାପନକୁ ଶକ୍ତି ଓ ସମର୍ଥନ ଯୋଗାଇପାରିବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ସି.ଆର୍.ପାଟିଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସରକାରୀ ପଦାଧିକାରୀ, ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମର ନେତୃତ୍ୱ ପ୍ରଦାନକାରୀ ଟିମ୍ ଏବଂ ସମସ୍ତ ନିମନ୍ତ୍ରିତ ଅତିଥିଗଣ ଉପସ୍ଥିତି ଥିଲେ। ଏ ସମ୍ପର୍କରେ ଏଚ୍ ଆଣ୍ଡ ଏଚ୍ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ୍‌ର ଡାଇରେକ୍ଟର ଉତ୍ତମ ପଟେଲ କହିଥିଲେ, ଏହା ଗୋଟିଏ ସ୍ଥାନରେ ଭାରତର ସର୍ବବୃହତ୍ ଏବଂ ସର୍ବାଧୁନିକ ସୋଲାର ପ୍ୟାନେଲ ଆଲୁମିନିୟମ ଫ୍ରେମ୍ ପ୍ଲାଣ୍ଟ ହେବ ଏବଂ ଏହାକୁ ଆମେ ରେକର୍ଡ ସମୟ ମାତ୍ର ବର୍ଷକ ମଧ୍ୟରେ ସ୍ଥାପନ କରିବାରେ ସମର୍ଥ ହୋଇଥିଲୁ। ଏଥିପାଇଁ ଆମେ ରାଜ୍ୟ ସରକାର ଏବଂ ସମସ୍ତ ସମ୍ପୃକ୍ତ ବିଭାଗଗୁଡ଼ିକୁ ସେମାନଙ୍କର ସମର୍ଥନ ନିମନ୍ତେ ଧନ୍ୟବାଦ ଜଣାଉଛୁ। ସମ୍ପ୍ରତି ଭାରତ ତାହାର ଆଲୁମିନିୟମ ସୋଲାର ପ୍ୟାନେଲ ଫ୍ରେମ ଆବଶ୍ୟକତାର ୯୦ରୁ୯୫% ଆମଦାନୀ କରୁଛି ଏବଂ ଏହି ପ୍ଲାଣ୍ଟ ସ୍ଥାପନ ଦ୍ୱାରା ଆମେ ମେକ୍ ଇନ୍ ଇଣ୍ଡିଆ ପ୍ରୟାସକୁ ସମର୍ଥନ କରିବା ସହ ସୌରଶକ୍ତି କ୍ଷେତ୍ରରେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଦିଗରେ ଅର୍ଥପୂର୍ଣ୍ଣ ଭାବେ ଯୋଗଦାନ ରଖୁଛୁ।

# ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ପ୍ରଦାନ ଦିଗରେ ଟିପିଏନ୍‌ଓଡିଏଲ୍‌ର ଗୁରୁତ୍ୱ




ସମାବେଶରେ ସିଇଓ ଓ ବରିଷ୍ଠ ଅଧିକାରୀଗଣ।

**ବାଲେଶ୍ୱର, ୫ା୭ (ବାଞ୍ଛାନିଧି ଦେ)**

ଟିପିଏନଓଡିଏଲ୍ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାରେ ବୈଦ୍ୟୁତିକ ଭିତ୍ତିଭୂମି ସୁଦୃଢ଼ ହୋଇଛି। ବିଜୁଳି ଉପଭୋକ୍ତାଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ପ୍ରଦାନ ପାଇଁ ଗୁରୁତ୍ୱ ଦିଆଯାଇଛି। ବିଶେଷତଃ ଅତ୍ୟାଧୁନିକ ଓ ବୈଷୟିକ ଜ୍ଞାନକୌଶଳ ବିତରଣ କ୍ଷେତ୍ରରେ ସଂସ୍କାରକୁ ଅଧିକ ସଙ୍ଗଠିତ କରିଛି ବୋଲି ନୂତନ ଭାବେ ଯୋଗଦେଇଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ ଏସ୍. କାଲେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପିଏନଓଡିଏଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଭାବ ବିନିମୟ ସମାବେଶ ଅନୁଷ୍ଠିତ ହୋଇଥିଲା। ସିଇଓ କାଲେ ଏଥିରେ ଅଧ୍ୟକ୍ଷତା କରି ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ସମଗ୍ର ଉତ୍ତର ଓଡ଼ିଶାରେ ବେଶ ସୁଧାର ଆସିଛି। ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ନିରାପତ୍ତା ଉପକରଣ ଯୋଗାଇ ଦିଆଯାଉଛି। ସମସ୍ତଙ୍କୁ ସ୍ୱତନ୍ତ୍ର ଶିବିର ଦ୍ୱାରା ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଫଳରେ ଏବେ ଦୁର୍ଘଟଣା ହ୍ରାସ ପାଇଛି। ୨୪ ଘଣ୍ଟିଆ ପିଏସ୍‌ସିସି କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହ ୨୪ଘଣ୍ଟିଆ କଲ୍ ସେଣ୍ଟର ସ୍ଥାପନ କରାଯାଇଛି। ବନ୍ୟା, ବାତ୍ୟା, ଝଡ଼ତୋଫାନ ଓ କାଳବୈଶାଖି ଜରୁରୀକାଳୀନ ସ୍ଥିତିର ମୁକାବିଲା ପାଇଁ ଭୂତଳ ଏବଂ ଓଭରହେଡ୍ ବିଦ୍ୟୁତ୍ ଲାଇନର ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ସେହିପରି ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାକୁ ପ୍ରୋତ୍ସାହିତ କରିବା ପାଇଁ ଟିପିଏନଓଡିଏଲ୍ ବିଶେଷ ଗୁରୁତ୍ୱ ଦେଉଛି। ପୋର୍ଟାଲରେ ପଞ୍ଜିକରଣ ପରେ ନିଶ୍ଚିନ୍ତରେ ପ୍ରକଳ୍ପ ଯୋଗାଇବାଠାରୁ ଆରମ୍ଭ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରଙ୍କ ତରଫରୁ ରିହାତି ସମସ୍ତ ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରୁଛି। ଅପରପକ୍ଷରେ ସାମାଜିକ ଦାୟିତ୍ୱବୋଧତା ତଥା ସିଏସଆର ବିନିଯୋଗ କ୍ଷେତ୍ରରେ ମଧ୍ୟ ଗୁରୁଦାୟିତ୍ୱ ବହନ କରୁଛି। ଉପାନ୍ତ ଓ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡି ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି। ଗତ କିଛି ବର୍ଷ ମଧ୍ୟରେ ୨ଲକ୍ଷ ୭୪ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଯାଉଛି ବୋଲି କହିଥିଲେ। ଟାଟା ପାୱାରର ଚିଫ୍ ଅଫ୍ ଅପରେଶନ୍ ନିଲେଶ ପୋଟଫୋଡ଼େ, ଚିଫ୍ ଅଫ୍ କମର୍ସିଆଲ ଜୟଦୀପ ରୟ, ଚିଫ୍ ଫାଇନାନ୍ସିଆଲ ଅଫିସର ସିଲାଦିତ୍ୟ ସେନଗୁପ୍ତା, ଏଚ୍‌ଆର୍ ହେଡ୍ ରମେନ୍ଦ୍ର ବନିକ, ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ଓ ସୁବିଧା, ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ।

# ଆଉଟଡୋର୍ ପ୍ରଡକ୍ଟସରେ ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୫ା୭**

ପ୍ରତି ଥର ପରି ଚଳିତ ଥର ମଧ୍ୟ ଆମାଜନ.ଇନ୍ ପ୍ରାଇମ୍ ଡେର ଆଉଟଡୋର୍ ପ୍ରଡକ୍ଟସ ଉପରେ ଆକର୍ଷଣୀୟ ଅଫର ଦିଆଯାଉଛି। ବିଶେଷକରି ଏହି ନବମ ସଂସ୍କରଣ ୨୦୨୫ ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଅବସରରେ ଗ୍ରାହକ ହାର୍ଲି ଡାଭିଡସନ୍, ୟୁରେକା, ବୋଶ୍ ଏବଂ ଅନ୍ୟାନ୍ୟ ଶୀର୍ଷ ବ୍ରାଣ୍ଡର ଘର, ରୋଷେଇ ଘର ଏବଂ ଆଉଟଡୋର୍ ଉତ୍ପାଦଗୁଡିକରେ ଅତୁଳନୀୟ କଲେକ୍ସନ ସୁଲଭ ମୂଲ୍ୟରେ ପାଇପାରିବେ। ସ୍ମାର୍ଟ ହୋମ୍ ସଲ୍ୟୁସନ୍ ଏବଂ ମୋଟରବାଇକ୍‌ଠାରୁ ଫର୍ନିଚର ଏବଂ ଅନ୍ୟାନ୍ୟ ପର୍ଯ୍ୟନ୍ତି ଗ୍ରାହକମାନେ ଆଇସିଆଇସିଆଇ ଏବଂ ଏସ୍‌ବିଆଇ ବ୍ୟାଙ୍କ କାରବାରରେ ୧୦% ତୁରନ୍ତ ରିହାତି ପାଇପାରିବେ। ସେହିଭଳି ସର୍ବନିମ୍ନ ମୂଲ୍ୟରେ ୭୫୦ ରୁ ଅଧିକ ଋତୁକାଳୀନ ଏବଂ ଏଭରଗ୍ରୀନ୍ ବେଷ୍ଟସେଲର୍ ଉପରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଏହା ସହ ଛୋଟ ଉପକରଣ ଏବଂ ଫର୍ନିଚର ଉପରେ ୧୨୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ପାଇପାରିବେ। ଏପରିକି ଗ୍ରାହକମାନେ ଏୟାର କୁଲର, ଆସେସୋରିଜ୍ ଏବଂ ପାଣି ବୋତଲ ସମେତ ଗ୍ରୀଷ୍ମକାଳୀନ ଆବଶ୍ୟକ ସାମଗ୍ରୀ ଉପରେ ମଧ୍ୟ ଶ୍ରେଷ୍ଠ ଡିଲ୍ ଉପଭୋଗ କରିପାରିବେ। ସେହିପରି ଏହି ଶ୍ରେଷ୍ଠ ଫର୍ନିଚରଗୁଡ଼ିକ ମଧ୍ୟରେ ଆଧୁନିକ ଜୀବନଶୈଳୀ ସହ ପ୍ରସ୍ତୁତ ଡ୍ରୋଗୋର ପ୍ରିମିୟମ୍ ଫର୍ନିଚର କଲେକ୍ସନ, ଏନିଗ୍ମାଟିକ୍ କାଠ କାର୍ଯ୍ୟର ପ୍ରିମିୟମ କାଠ ଫର୍ନିଚର ସଂଗ୍ରହ ରହିଛି। ସ୍ମାର୍ଟ ହୋମ୍ ଉପକରଣ ବର୍ଗରେ ୟୁରେକା ଫୋର୍ବସ୍‌ରୁ ଆରମ୍ଭ କରି ଆକ୍ୱାଗାର୍ଡ ବ୍ଲେଜ୍ ଇନଷ୍ଟା ୱାଟର ପ୍ୟୁରିଫାୟର୍ ଭଳି ଉତ୍ପାଦ ଉପଲବ୍ଧ ରହିଛି। ବିଏଲ୍‌ଡିସି-ଚାଳିତ ସିଲିଂ ଫ୍ୟାନ୍‌ଠାରୁ ଆରମ୍ଭ କରି ସହଜ ସ୍ମାର୍ଟ ନିୟନ୍ତ୍ରଣ ପର୍ଯ୍ୟନ୍ତ ସାମଗ୍ରୀ ଉପଲବ୍ଧ।

# ବାକାର୍ଡି ଇଣ୍ଡିଆର ଲିଗାସି ହ୍ୱିସ୍କି ବିଶ୍ୱସ୍ତରୀୟ ପୁରସ୍କାରରେ ସମ୍ମାନିତ

WORLD (25) WHISKIES AWARDS GOLD

ଉତ୍କୃଷ୍ଟ ତଥା ବିଶ୍ୱସ୍ତରୀୟ ଭାରତୀୟ କାରିଗରିର ନିଦର୍ଶନ ସ୍ୱରୂପ ବାକାର୍ଡି ପ୍ରିମିୟମ୍ ଇଣ୍ଡିଆନ୍ ହ୍ୱିସ୍କି ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ୨୦୨୫ରେ ସ୍ୱର୍ଣ୍ଣ ପଦକ ଏବଂ ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫ରେ ରୌପ୍ୟ ପଦକ ହାସଲ କରିଛି।

ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ମଦ ଉଦ୍ୟୋଗର ଅନ୍ୟତମ ସବୁଠାରୁ ମର୍ଯ୍ୟାଦାପୂର୍ଣ୍ଣ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଅଟେ। ଏଥିରେ ସାରା ପୃଥିବୀରେ ଉପଭୋକ୍ତା ଓ ବାଣିଜ୍ୟ ପାଇଁ ଅସାଧାରଣ ତଥା ସର୍ବଶ୍ରେଷ୍ଠ ହ୍ୱିସ୍କିଗୁଡ଼ିକୁ ଚୟନ ଏବଂ ପ୍ରୋତ୍ସାହିତ କରାଯାଇଥାଏ। ହ୍ୱିସ୍କିଗୁଡ଼ିକୁ ନୋଜ୍, ପ୍ୟାଲେଟ୍, ଫିନିଶ୍, ବାଲାନ୍ସ, କ୍ୱାଲିଟି, ବିଶେଷତା, ଜଟିଳତା ତଥା କାର୍ଯ୍ୟକ୍ଷମତାର ମାନଦଣ୍ଡରେ ବିଚାର କରାଯାଇଥାଏ।

ଏହି ଦୃଷ୍ଟିରୁ ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ହ୍ୱିସ୍କି ପ୍ରେମୀ, ଉଦ୍ୟୋଗ ବିଶେଷଜ୍ଞ ତଥା ଅନୁରାଗୀମାନଙ୍କୁ ଏକତ୍ରିତ ହେବା ତଥା ହ୍ୱିସ୍କି କାରିଗରିର ଶୀର୍ଷ କୃତିତ୍ୱର ଉତ୍ସବ ପାଳନର ଏକ ଉତ୍କୃଷ୍ଟ ମଞ୍ଚ ଭାବେ କାମ କରିଥାଏ।

ଏହି ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମରେ ସବୁଠାରୁ ଉତ୍କୃଷ୍ଟ ହ୍ୱିସ୍କିଗୁଡ଼ିକୁ ଚୟନ, ପୁରସ୍କୃତ ଏବଂ ପ୍ରୋତ୍ସାହିତ କରାଯାଇଥାଏ ଓ ସ୍ୱାଦ, ଜଟିଳତା ତଥା ବିଶେଷତାର ସୀମାକୁ ପରିବ୍ୟାପ୍ତ କରିଥିବା ହ୍ୱିସ୍କି ପ୍ରସ୍ତୁତକାରୀଙ୍କ ପାରଙ୍ଗମତାକୁ ଲୋକଲୋଚନକୁ ଅଣାଯାଇଥାଏ।

ସ୍ୱର୍ଣ୍ଣପଦକ ନିଶ୍ଚିତ ଭାବେ ଉତ୍କର୍ଷର ଏକ ନିଦର୍ଶନ ଅଟେ କାରଣ ପ୍ରତ୍ୟେକ ପ୍ରତିଯୋଗୀ ହ୍ୱିସ୍କିକୁ ୧୦୦ଟି ନିର୍ଦ୍ଦିଷ୍ଟ ମାନଦଣ୍ଡରେ ମୂଲ୍ୟାୟନ କରାଯାଇଥାଏ। ତା' ସହିତ ଦ ଡ୍ରିଙ୍କ୍ସ ବିଜ୍‌ନେସ୍ ଏସିଆ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା 'ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫'ରେ ରୌପ୍ୟପଦକ ବିଶ୍ୱ ଦରବାରରେ ଲିଗାସିର ବୃଦ୍ଧିଶୀଳ ଆଦୃତିକୁ ଆହୁରି ସୁଦୃଢ଼ କରିଛି।

ବାକାର୍ଡି ଇଣ୍ଡିଆର ଭାରତ ଓ ପଡ଼ୋଶୀ ଦେଶଗୁଡ଼ିକର ବିପଣନ ନିର୍ଦ୍ଦେଶକ ମହେଶ କାଞ୍ଚନଙ୍କ ମତରେ, "ଲିଗାସି ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ୨୦୨୫ରେ ସ୍ୱର୍ଣ୍ଣ ଓ ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫ରେ ରୌପ୍ୟ ପଦକ ଜିତିବାକୁ ନେଇ ଆମେ ଅତ୍ୟନ୍ତ ଗୌରବାନ୍ୱିତ। ଏହା ଏକ ଯୁଗାନ୍ତକାରୀ ମୁହୂର୍ତ୍ତ ଯାହା ଭାରତୀୟ ହ୍ୱିସ୍କିକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବାର ଆମର ଦୂରଦୃଷ୍ଟିକୁ ଦୃଢ଼ୀକୃତ କରିଛି। ଏହି ସ୍ୱୀକୃତି ବୋଲ୍ଡ, ନିଆରା ଏବଂ ଭାରତୀୟ ଐତିହ୍ୟ ସହ ନିବିଡ଼ ଭାବେ ଜଡ଼ିତ ବିଶ୍ୱସ୍ତରୀୟ ସ୍ପିରିଟ୍ସ ତିଆରି କରିବା ପାଇଁ ଆମର ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପ୍ରମାଣ ଅଟେ। ଆମେ ସୀମାରୁ ଆଗକୁ ଯିବା, ନବପ୍ରବର୍ତ୍ତନ କରିବା ଏବଂ ଆକାର ବିସ୍ତାର କରିବା ଜାରି ରଖିଥିବା ବେଳେ, ଲିଗାସି ଭାରତୀୟ ହ୍ୱିସ୍କି ପାଇଁ ଗୌରବ, ଉଦ୍ଦେଶ୍ୟ ତଥା ବୈଶ୍ୱିକ ସମ୍ଭାବନା କ୍ଷେତ୍ରରେ ନୂଆ ପଥ ପ୍ରଶସ୍ତ କରିବା ଲାଗି ନେତୃତ୍ୱ ନେଉଛି।"


ଭାରତୀୟ ଶସ୍ୟରେ ଉତ୍ପାଦିତ ଭାରତୀୟ ଏବଂ ସ୍କଟିଶ ମଲ୍ଟର ଏକ ଅନନ୍ୟ ସମ୍ମିଶ୍ରଣ, ଲିଗାସି ଫ୍ରୁଟି ନୋଟ୍, ହାଲୁକା ସ୍ମୋକ୍, ଟୋଷ୍ଟେଡ୍ ଓକ୍ ଓ ମସଲାର ସୁଗନ୍ଧ ସହ ଦେଇଥାଏ ଏକ ସମୃଦ୍ଧ, ସ୍ମୁଦ୍ ସ୍ୱାଦ, ଯାହା ଏହାକୁ ଅତ୍ୟନ୍ତ ସୁସ୍ୱାଦୁ ଓ ସମ୍ପୂର୍ଣ୍ଣ ସନ୍ତୁଳିତ ପାନୀୟରେ ପରିଣତ କରିଥାଏ। ନିଜର କରାଗିରି ଓ ସ୍ୱାଦ ମାଧ୍ୟମରେ ଭାରତର ସଂସ୍କୃତି ଓ ଉତ୍ସାହକୁ ପ୍ରତିଫଳିତ କରୁଥିବା ଲିଗାସି ବଜାର ପ୍ରବେଶ ପରଠାରୁ ହିଁ ଜନସାଧାରଣଙ୍କ ଗହଣରେ ଅଭୂତପୂର୍ବ ଆଦୃତି ଲାଭ କରିପାରିଛି।

ଲିଗାସି କେବଳ ଏକ ସ୍ପିରିଟ୍ ନୁହେଁ, ବରଂ ଏହା ଭାରତୀୟ କାରିଗରିର ଏକ ଉତ୍ସବ - ଏକ ସମୃଦ୍ଧ, ଅତି ସୂକ୍ଷ୍ମ ଅଭିବ୍ୟକ୍ତି - ଯାହା କାଳଜୟୀ ଐତିହ୍ୟ ସହ ଆଧୁନିକତାକୁ ଏକାକାର କରିଥାଏ। ଏହି ଅନ୍ତର୍ଜାତୀୟ ସମ୍ମାନ କେବଳ ଯେ ଲିଗାସିର ଉତ୍କୃଷ୍ଟ ଗୁଣକୁ ପ୍ରମାଣିତ କରିଛି ତାହା ନୁହେଁ ବରଂ ପ୍ରିମିୟମ୍ ସେଗମେଣ୍ଟରେ ଏକ ଉଦୀୟମାନ ତାରକା ଭାବେ ଏହି ହ୍ୱିସ୍କିର ଉପସ୍ଥିତିକୁ ଦୃଢ଼ସ୍ଥାପିତ କରିଛି। ଏହା ଭାରତୀୟ ହ୍ୱିସ୍କି ଜଗତରେ ବାକାର୍ଡିର ଉପସ୍ଥିତିକୁ ଏକ ସୁଦୃଢ଼ ଓ ସମ୍ମାନଜନକ ସ୍ଥିତି ମଧ୍ୟ ପ୍ରଦାନ କରିଛି।

Legacy™

ଲିଗାସି ହ୍ୱିସ୍କି ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ପଞ୍ଜାବ, ଉତ୍ତରପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ, ମେଘାଳୟ, ଆସାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର, ତେଲଙ୍ଗାନା, କେରଳ, ପଣ୍ଡିଚେରୀ ଓ ଗୋଆର ପ୍ରମୁଖ ବଜାରରେ ୩ଟି ଆକାର (୭୫୦ ମିଲି, ୩୭୫ ମିଲି, ଏବଂ ୧୮୦ ମିଲି)ରେ ଉପଲବ୍ଧ। ଏହା ସାରା ବିଶ୍ୱ ମଧ୍ୟରୁ ଭାରତକୁ ନିଜର ପ୍ରମୁଖ ବଜାରରେ ପରିଣତ କରିବା ପାଇଁ ବାକାର୍ଡିର ପ୍ରତିବଦ୍ଧତାର ପରିଚାୟକ ଅଟେ।

*ଦାବିତ୍ୟାଗ: ଏହି ଆଲେଖ୍ୟ ମଦ୍ୟପାନୀୟ ପ୍ରଚାର ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ଧ୍ୟାନରେ ରଖାଯିବା ଆବଶ୍ୟକ ଯେ, ଆଲକହଲ୍ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଏବଂ ଏହା ଅପ୍ରାପ୍ତବୟସ୍କଙ୍କ ପାଇଁ ନିଷେଧ।*




# ଗିଲ୍‌ଙ୍କ ଶତକ: ଭାରତ ଦୃଢ଼

## ଇଂଲଣ୍ଡ ସମ୍ମୁଖରେ ୬୦୮ ବିଜୟ ଲକ୍ଷ୍ୟ

**ବର୍ମିଂହାମ, ୫।୭**

ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ରମାଗତ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ଅଧିନାୟକ ଭାବେ ୪ ଇନିଂସରେ ୩ ଶତକ ହାସଲ କରି ଗିଲ୍ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୪୨୭/୬ରେ ଘୋଷଣା କରିଛି। ଫଳରେ ଇଂଲଣ୍ଡ ସମ୍ମୁଖରେ ୬୦୮ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଚତୁର୍ଥ ଦିବସ ଖେଳ ଶେଷବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୭୨ ରନ ମଧ୍ୟରେ ୩ ଉଇକେଟ ହରାଇ ବିପଦରେ ପଡ଼ିଛି। ଅନ୍ତିମ ଦିବସରେ ବିଜୟ ପାଇଁ ଦଳକୁ ଆହୁରି ୫୩୬ ରନ୍ ଆବଶ୍ୟକ ହେବ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୬୪/୧ରୁ ଖେଳ ଆରମ୍ଭ କରିଥିଲା ଭାରତ। ଭଲ ଆରମ୍ଭ କରିଥିବା କରୁଣ ନାୟାର ୨୬ ରନକରି ଆଉଟ ହୋଇଥିବାବେଳେ ଅର୍ଦ୍ଧଶତକ ହାସଲ କରିଥିଲେ ଲୋକେଶ ରାହୁଲ। ତେବେ ସେ ୫୫ ରନ କରି ଜୋଶ୍ ଟଙ୍ଗ୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଗିଲ୍‌ଙ୍କ ସହ କ୍ରିଜ୍‌ରେ ଯୋଗଦେଇ ରିଷଭ ପନ୍ତ ଦ୍ରୁତ ହାରରେ ରନ ସଂଗ୍ରହ ସହ ଭାରତୀୟ ଇନିଂସକୁ ଆଗେଇ ନେଇଥିଲେ। ଦୁହେଁ ୧୦୩ ବଲ୍‌ରୁ ୧୧୦ ରନ ସଂଗ୍ରହ ପରେ ପନ୍ତ ୫୮ ବଲ୍‌ରୁ ୬୫ ରନକରି ଆଉଟ ହୋଇଥିଲେ। ଏହାପରେ ଗିଲ୍ ଓ ରବୀନ୍ଦ୍ର ଜାଡେଜାଙ୍କ ଯୋଡ଼ି ୫ମ ଉଇକେଟରେ ଶତକୀୟ ପାର୍ଟନରଶିପ୍ ଗଢ଼ିଥିଲେ। ଏହି ଅବସରରେ ଗିଲ୍ ଶତକ ହାସଲ କରିଥିଲେ। ସୁନୀଲ ଗାଭାସ୍କର ଓ ବିରାଟ କୋହଲିଙ୍କ ପରେ ଭାରତର ତୃତୀୟ ଅଧିନାୟକ ଭାବେ ସେ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଏହା ବ୍ୟତୀତ ଅଧିନାୟକ ଭାବେ ନିଜ ପ୍ରଥମ ୨ ଟେଷ୍ଟରେ ୩ ଶତକ ହାସଲ କରିବାରେ ସେ ଦ୍ୱିତୀୟ ଭାରତୀୟ ହୋଇଥିଲେ। ପୂର୍ବରୁ ବିରାଟ କୋହଲି ଏହି ରେକର୍ଡର ଅଧିକାରୀ ଥିଲେ। ସେହିପରି ଗୋଟିଏ ଟେଷ୍ଟରେ ସର୍ବାଧିକ ରନ କରିବାରେ ସୁନୀଲ ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଥିଲେ ଗିଲ୍। ଗାଭାସ୍କର ୧୯୭୧ରେ ପୋର୍ଟ ଅଫ୍ ସ୍ପେନ୍ ଟେଷ୍ଟରେ ୩୪୪ ରନକରି ରେକର୍ଡର ଅଧିକାରୀ ଥିଲେ। ଗିଲ୍ ଦ୍ୱିତୀୟ ଇନିଂସରେ ଶତକ ହାସଲ ପରେ ସେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଫଳରେ ଆଉଟ ହେବା ବେଳକୁ ସେ ୧୬୨ ବଲ୍‌ରୁ ୧୬୧ (୧୩ ଚୌକା, ୮ ଛକା) ରନ ସଂଗ୍ରହ କରିଥିଲେ। ଜାଡେଜା ୬୯ ରନର ଇନିଂସ ଖେଳି ଉପଯୋଗୀ ଯୋଗଦାନ ଦେଇଥିଲେ।

ଏହା ପୂର୍ବରୁ ଭାରତ ଥରେ ମାତ୍ର କୌଣସି ଟେଷ୍ଟରେ ଏହାଠାରୁ ବଡ଼ ଟାର୍ଗେଟ ଦେଇଥିଲା। ୨୦୦୯ରେ ୱେଲିଂଟନଠାରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୬୧୬ ରନ ବିଜୟ ଲକ୍ଷ୍ୟ ରଖିଥିଲା। ଏଠାରେ ଭାରତ ଉଭୟ ଇନିଂସରେ ମୋଟ ୧୦୧୪ ରନ କରିଥିଲା। ଯାହାକି ଟେଷ୍ଟ କ୍ରିକେଟରେ ୪ର୍ଥ ସର୍ବାଧିକ। ୧୯୩୦ରେ କିଙ୍ଗଷ୍ଟନଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ସର୍ବାଧିକ ୧୧୨୧ ରନକରି ରେକର୍ଡର ଅଧିକାରୀ ଅଛି। ମ୍ୟାଚରେ ଗିଲ୍ ମୋଟ ୪୩୦ ରନ ସ୍କୋର କରିଛନ୍ତି। ଯାହାକି ବ୍ୟାଟରଙ୍କ କ୍ଷେତ୍ରରେ ଦ୍ୱିତୀୟ ସର୍ବାଧିକ। ୧୯୯୦ରେ ଲର୍ଡ୍ସଠାରେ ଭାରତ ବିପକ୍ଷରେ ଇଂଲଣ୍ଡର ଗ୍ରାହାମ ଗୁଚ୍ ୪୫୬ ରନ ସହିତ ରେକର୍ଡର ଅଧିକାରୀ ଅଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୮୭। ଇଂଲଣ୍ଡ ପ୍ରଥମ ଇନିଂସ: ୪୦୭। ଭାରତ ଦ୍ୱିତୀୟ ଇନିଂସ: ୪୨୭/୬/ଘୋଷଣା (ଶୁବମନ ଗିଲ୍-୧୬୧, ରବୀନ୍ଦ୍ର ଜାଡେଜା-୬୯*, ରିଷଭ ପନ୍ତ-୬୫, ଲୋକେଶ ରାହୁଲ-୫୫, ଜୋଶ ଟଙ୍ଗ୍-୨/୯୩, ଶୋଏବ ବଶିର-୨/୧୧୯, ବେର୍ଡନ କାର୍ସ-୧/୫୬, ଜୋ ରୁଟ୍-୧/୬୫)।


ଶତକ ହାସଲପରେ ଶୁବମନ ଗିଲ୍।

### ଉଭୟ ଇନିଂସରେ ଶତକ (ଭାରତୀୟ ଅଧିନାୟକ)

- ସୁନୀଲ ଗାଭାସ୍କର ବନାମ ୱେଷ୍ଟଇଣ୍ଡିଜ, କୋଲକାତା, ୧୯୭୮
- ବିରାଟ କୋହଲି ବନାମ ଅଷ୍ଟ୍ରେଲିଆ, ଆଡିଲେଡ, ୨୦୧୪
- ଶୁବମନ ଗିଲ୍ ବନାମ ଇଂଲଣ୍ଡ, ଏଜବାଷ୍ଟନ, ୨୦୨୫

(ଅଧିନାୟକ ଭାବେ ନିଜ ପ୍ରଥମ ୨ ଟେଷ୍ଟରେ ୩ ଶତକ ହାସଲ କରିବାରେ ଗିଲ୍ ଦ୍ୱିତୀୟ ଭାରତୀୟ। ପୂର୍ବରୁ ବିରାଟ କୋହଲି ଏହି ସଫଳତା ପାଇଥିଲେ।)

# ନୀରଜ ଜିତିଲେ ଏନ୍‌ସି କ୍ଲାସିକ୍



ବେଙ୍ଗାଲୁରୁରେ ଜାଭେଲିନ୍ ଥ୍ରୋ ଅବସରରେ ଭାରତର ନୀରଜ ଚୋପ୍ରା।

**ବେଙ୍ଗାଲୁରୁ, ୫।୭**

ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ତାଙ୍କ ଉଜ୍ଜଳ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଏକ ଅନ୍ତର୍ଜାତୀୟ ଇଭେଣ୍ଟର ଆୟୋଜନ କରିବା ସହ ଏହାର ଟାଇଟଲ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱ ରେକର୍ଡଧାରୀ ସ୍ୱିଡିଶ ପୋଲ୍‌ଭଲ୍ଟର ଆର୍ମାଣ୍ଡୋ ଡୁପ୍ଲାଣ୍ଟିସ ଓ କେନିଆର କିପ୍‌ଚୋଗେ କିନୋଙ୍କ ଦ୍ୱାରା ସେ ଅନୁପ୍ରାଣିତ ହୋଇଛନ୍ତି। ଏହି ଦୁଇ ଆଥ୍‌ଲେଟ ସେମାନଙ୍କ ନାମରେ ମୋଣ୍ଡୋ କ୍ଲାସିକ୍ ଓ କିପ୍ କିନୋ କ୍ଲାସିକ୍‌ର ଅୟୋଜନ କରିଆସୁଛନ୍ତି, ଯାହାକି ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଇଭେଣ୍ଟର ମାନ୍ୟତା ଲାଭ କରିଛି। ଶନିବାର ସ୍ଥାନୀୟ କାନ୍ତିରାଭା ଷ୍ଟାଡିୟମରେ ନୀରଜ ତାଙ୍କ ନାମରେ ଏନ୍‌ସି କ୍ଲାସିକ୍ ଇଭେଣ୍ଟର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ପରିବାର ଏବଂ ସ୍ଥାନୀୟ ଦର୍ଶକଙ୍କ ଉପସ୍ଥିତିରେ ଡବଲ ଅଲିମ୍ପିକ ପଦକ ବିଜେତା ନୀରଜ ତାଙ୍କ ୩ୟ ରାଉଣ୍ଡ ଥ୍ରୋ ୮୬.୧୮ ମିଟର ସହ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ କେନିଆର ୨୦୨୫ ବିଶ୍ୱ ଚାମ୍ପିୟନ ଜୁଲିଅସ୍ ୟେଗୋ (୮୪.୫୧ ମିଟର) ସହ ଦ୍ୱିତୀୟ ଏବଂ ଶ୍ରୀଲଙ୍କାର ରୁମେଶ ପଥିରାଗେ (୮୪.୩୪ ମିଟର) ତୃତୀୟ ସ୍ଥାନରେ ରହିଥିଲେ।

# ଯୁବ କ୍ରିକେଟରେ ସୂର୍ଯ୍ୟବଂଶୀଙ୍କ ରେକର୍ଡ ଶତକ

**ନୂଆଦିଲ୍ଲୀ, ୫।୭**

୧୪ ବର୍ଷୀୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ ଇଂଲଣ୍ଡ ବିପକ୍ଷରେ ୫୨ ବଲରେ ଶତକ ପୂରଣ କରିବା ସହ ଯୁବ ଦିନିକିଆ କ୍ରିକେଟରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ଦଳ ପାଇଁ ଖେଳୁଥିବା ସୂର୍ଯ୍ୟବଂଶୀ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଯୁବ ଦିନିକିଆ କ୍ରିକେଟରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ବାଂଲାଦେଶର ନଜମୁଲ ହୋସେନ ଶାନ୍ତୋଙ୍କ ନାମରେ ଥିଲା। ସେ ୧୪ ବର୍ଷ ଓ ୨୪୧ ଦିନ ବୟସରେ ୨୦୧୩ରେ ଶତକ କରିଥିଲେ। ସର୍ବକନିଷ୍ଠ ଭାରତୀୟ ଭାବେ ଯୁବ ଦିନିକିଆ କ୍ରିକେଟରେ ଶତକ କରିବାର ରେକର୍ଡ ସର୍ଫରାଜ ଖାନଙ୍କ ନାମରେ ଥିଲା।

# ଶ୍ରୀକାନ୍ତ ସେମିରେ

## କାନାଡା ଓପନ୍ ବ୍ୟାଡ୍‌ମିଣ୍ଟନ

**କାଲଗାରି, ୫।୭ (ପି.ଟି)**

ଭାରତର କିଡାମ୍ବି ଶ୍ରୀକାନ୍ତ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଏଠାରେ ଚାଲିଥିବା କାନାଡା ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା। ଚଳିତ ବର୍ଷ ମେ ମାସରେ ମାଲେସିଆ ମାଷ୍ଟର୍ସ ଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ କ୍ୱାର୍ଟରଫାଇନାଲରେ ସେ ଟପ୍ ସିଡ୍ ତଥା ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କୁ ୨୧-୧୮, ୨୧-୯ରେ ହରାଇ ଦେଇଥିଲେ। ବର୍ତ୍ତମାନ ୪୯ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଶ୍ରୀକାନ୍ତ ସେମିଫାଇନାଲରେ ତୃତୀୟ ସିଡ୍ ଜାପାନର କେଣ୍ଟା ନିଶିମୋତୋଙ୍କୁ ଭେଟିବେ।

# ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା, ସିନର

## ୱିମ୍ବଲଡନ ଚାମ୍ପିୟନଶିପ୍

**ଲଣ୍ଡନ, ୫।୭**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଶନିବାର ଉଭୟ ମହିଳା ଓ ପୁରୁଷ ସିଙ୍ଗଲ୍ସ ବିଭାଗର ଟପ୍ ସିଡ୍ ଖେଳାଳି ଯଥାକ୍ରମେ ଆରିନା ସାବାଲେଙ୍କା ଓ ଜାନିକ ସିନର ବିଜୟ ସହ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଡିଫେଣ୍ଡିଂ ଚାମ୍ପିୟନ ବାରବୋରା କ୍ରେଜିକୋଭା ଓ ୧୧ତମ ସିଡ୍ ଏଲେନା ରିବାକିନା ପରାଜୟ ସହ ବିଦାୟ ନେଇଛନ୍ତି।

ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୭-୬(୮/୬), ୬-୪ ସେଟ୍‌ରେ ଏମା ରାଡୁକାନୁଙ୍କୁ ହରାଇଛନ୍ତି। ସେହିଭଳି ସପ୍ତମ ସିଡ୍ ମିରା ଆଣ୍ଡ୍ରିଭା ୬-୧, ୬-୩ ସେଟ୍‌ରେ ହେଲି ବାପ୍ଟିଷ୍ଟେଙ୍କୁ, ବ୍ରାଜିଲର ଜେସିକା ବୌଜାସ ମାନେରୋ ୬-୧, ୨-୬, ୬-୩ ସେଟ୍‌ରେ ଡାୟନା ୟସ୍ତ୍ରେମସ୍କାଙ୍କୁ, ସୁଇଜରଲାଣ୍ଡର ବେଲିଣ୍ଡା ବେନ୍‌କିକ ୬-୪, ୩-୬, ୭-୬ (୧୦/୭) ସେଟ୍‌ରେ ଏଲିସାବେଟା କୋକିଆରେଟୋଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ଦଶମ ସିଡ୍ ଏମା ନାଭାରୋ ୨-୬, ୬-୩, ୬-୪ ସେଟ୍‌ରେ କ୍ରେଜିକୋଭା, କ୍ଲାରା ଟୌସନ ୭-୬(୮/୬), ୬-୩ ସେଟ୍‌ରେ ରିବାକିନାଙ୍କୁ ହରାଇ ଦେଇଛନ୍ତି।

ପୁରୁଷ ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ସିନର ୬-୧, ୬-୩, ୬-୧ ସେଟ୍‌ରେ ପେଡ୍ରୋ ମାର୍ଟିନେଜଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ମ୍ୟାଚରେ ୨୨ତମ ସିଡ୍ ଫ୍ଲାଭିଓ କୋବୋଲି ୬-୨, ୬-୪, ୬-୨ ସେଟ୍‌ରେ ୧୫ତମ ସିଡ୍ ଜ୍ୟାକୁବ ମେନସିକଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।


ରିଟର୍ନ ଶଟ୍ ଖେଳିବା ଅବସରରେ ଜାନିକ ସିନର।




# ଭାରତ-ବାଂଲାଦେଶ ସିରିଜ୍ ବର୍ଷେ ଘୁଞ୍ଚିଲା

**ନୂଆଦିଲ୍ଲୀ, ୫।୭ (ପି.ଟି.)**

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶନିବାର ଆପୋଷ ବୁଝାମଣାରେ ଭାରତ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ହ୍ୱାଇଟ୍ ବଲ କ୍ରିକେଟ୍ ସିରିଜ୍‌କୁ ଆସନ୍ତା ବର୍ଷ ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ଏହି ସିରିଜ୍ ଆସନ୍ତା ଅଗଷ୍ଟରେ ହେବାର ଥିଲା। ଏହି ସିରିଜ୍‌ରେ ୩ ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳାଯିବାର ଅଛି। ସିରିଜ୍‌ର ସମସ୍ତ ମ୍ୟାଚ୍ ଅଗଷ୍ଟ ୧୭ରୁ ୩୧ ପର୍ଯ୍ୟନ୍ତ ଚିଟାଗଙ୍ଗ ଓ ଢାକାରେ ହେବ ବୋଲି ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ ଚୁକ୍ତି ଓ ଉଭୟ ଦଳର କାର୍ଯ୍ୟସୂଚୀକୁ ଦୃଷ୍ଟିରେ ରଖି ଉଭୟ ବୋର୍ଡ ମଧ୍ୟରେ ଆଲୋଚନା ପରେ ସିରିଜ୍‌କୁ ଘୁଞ୍ଚାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି।

# ଓଡ଼ିଶା ପ୍ରତିଯୋଗୀଙ୍କ ଚମତ୍କାର ପ୍ରଦର୍ଶନ ଜାରି

## ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ

**ଭୁବନେଶ୍ୱର, ୫।୭ (ତପନ ସ୍ୱାଇଁ)**

ଆମେରିକାର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଅଶୋକ ଦଣ୍ଡସେନା ଶନିବାର ସୁଦ୍ଧା ଏକାକୀ ୫ଟି ପଦକ ହାସଲ କରିଛନ୍ତି। ପୂର୍ବରୁ ୮୦୦, ୧,୫୦୦ ଓ ୫,୦୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିବା ଦଣ୍ଡସେନା ଶନିବାର ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଏବଂ ପୁରୁଷ ୪x୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଦଣ୍ଡସେନା ନିଜର ନିଷ୍ଠା, ଆଗ୍ରହ, ଦୃଢ଼ତା ଓ ପରିଶ୍ରମ ଦ୍ୱାରା ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଛନ୍ତି। ମହିଳା ୪x୪୦୦ ମିଟର ରିଲେ ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି ସୁସ୍ମିତା ଟିଗା। ସେ ପୂର୍ବରୁ ୧,୫୦୦ ମିଟରରେ ସ୍ୱର୍ଣ୍ଣ ଓ ୮୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ଅନ୍ୟଜଣେ ମହିଳା ଆଥ୍‌ଲେଟ ସବିତା ଟପ୍ପୋ ୧୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଓ ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୧୪ରେ ପହଞ୍ଚିଛି।

କରାଟେର ପୁରୁଷ ୮୪ କେଜି ବର୍ଗରେ ରିତେଶ ରାୟ ସ୍ୱର୍ଣ୍ଣ ଓ ଅଭିଷେକ ପଟ୍ଟନାୟକ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ୮୪ କେଜିରୁ କମ୍ ବର୍ଗ କରାଟେରେ ସୁମନ ଶେଖର ଦାସ ଏବଂ ୬୪ କେଜିରୁ କମ୍ ବର୍ଗରେ ଭଗବାନ ରେଡ୍ଡୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସମସ୍ତ ପ୍ରତିଯୋଗୀ ଓଡ଼ିଶା ପୋଲିସକୁ ଅନ୍ତର୍ଜାତୀୟ ମଞ୍ଚରେ ଗର୍ବିତ କରାଇଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଶନିବାର ପଦକ ହାସଲ ପରେ ସୁସ୍ମିତା ଟିଗା ଓ ସବିତା ଟପ୍ପୋ।

# ଏଏଫ୍‌ସି ମହିଳା ଏସିଆନ କପ୍ ଲାଗି ଭାରତକୁ ଯୋଗ୍ୟତା

**ଚିଆଙ୍ଗ ମାଇ (ଥାଇଲାଣ୍ଡ), ୫।୭ (ପି.ଟି.)**

ଭାରତୀୟ ମହିଳା ଫୁଟ୍‌ବଲ ଦଳ ଶନିବାର ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆୟୋଜକ ଥାଇଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ଭାରତୀୟ ଦଳ ୨୦୨୬ରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍‌ସି ଏସିଆନ୍ କପ୍ ମୁଖ୍ୟ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛି। କ୍ୱାଲିଫାୟର ପର୍ଯ୍ୟାୟରେ ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ଲାଗି ଏହା ଥିଲା ୪ ମ୍ୟାଚ୍‌ରେ ଚତୁର୍ଥ ବିଜୟ। ଏଥିଯୋଗୁ ଭାରତୀୟ ମହିଳା ଦଳ ଇତିହାସରେ ପ୍ରଥମ ଥର ପାଇଁ ଯୋଗ୍ୟତା ପର୍ଯ୍ୟାୟ ଦେଇ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ଲାଗି ଯୋଗ୍ୟତା ହାସଲ କରିଛି। ୨୦୨୨ ପରେ ଭାରତ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟରେ ଖେଳିବ। ୨୦୨୨ରେ ଭାରତ ଆୟୋଜକ ଭାବେ ଖେଳିଥିଲା। ହେଲେ ଦଳରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଟୁର୍ନାମେଣ୍ଟରୁ ଓହରିବାକୁ ପଡ଼ିଥିଲା। ଅନ୍ତିମ ଥର ଭାରତ ୨୦୦୩ରେ ଯୋଗ୍ୟତା ହାସଲ କରିଥିଲା। ସେତେବେଳେ ଯୋଗ୍ୟତା ପର୍ଯ୍ୟାୟ ନ ଥିଲା।

୨୮ତମ ମିନିଟ୍‌ରେ ସଂଗୀତାଙ୍କ ଜରିଆରେ ଭାରତ ତା'ର ଖାତା ଖୋଲିଥିଲା। ଏଥିଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୪୭ତମ ମିନିଟ୍‌ରେ ଚାଟ୍‌ଚାୱାନ ରଡଥଙ୍ଗଙ୍କ ଗୋଲ ବଳରେ ଥାଇଲାଣ୍ଡ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲା। କିନ୍ତୁ ୭୪ତମ ମିନିଟ୍‌ରେ ସଂଗୀତା ଭାରତ ଲାଗି ଦ୍ୱିତୀୟ ଗୋଲ କରିଥିଲେ।


ଚାଇନାରେ ହେବାକୁ ଯାଉଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଭାଗ ନେବାକୁ କଶିକା ପ୍ରଧାନ ମନୋନୀତ ହୋଇଛନ୍ତି। ଓଡ଼ିଶା ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ଶୁଟିଂ ହାଇପରଫର୍ମାନ୍ସ ସେଣ୍ଟରରେ କଶିକା ଟ୍ରେନିଂ ନେଉଛନ୍ତି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ